# ନୂଆ ଜୀବନ

ସାମାଜିକ ନାଟକ

ଧର୍ମନାଥ [illegible]

# ନୂଆ ଜୀବନ

( ସାମାଜିକ ନାଟକ )

୧୯୫୭ ରେ ଡ଼ି.ପି. ଆଇ. ଓଡ଼ିଶାଙ୍କ ଆନୁକୂଲ୍ୟରେ ହୋଇଥିବା
ନାଟକ ପ୍ରତିଯୋଗିତାରେ ପୁରସ୍କାର ପ୍ରାପ୍ତ

ନଂ 227
ତା 17 JUL 1959

ଲେଖକ
ଶ୍ରୀ ଧର୍ମାନନ୍ଦ ମହାନ୍ତି

ପ୍ରକାଶକ
ଓଡ଼ିଶା ଜଗନ୍ନାଥ କମ୍ପାନୀ
ବାଲୁବଜାର, କଟକ—୨

ପ୍ରକାଶ ପରିଚାଳନା—

ଶ୍ରୀ ରଣଜିତ ସିଂହ, ବି. ଏ. (ଅନର୍ସ) ଡ଼ି. ଇଡ଼.

ବାଲୁବଜାର, କଟକ—୨

( ଲେଖକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ )

ପ୍ରଥମ ପ୍ରକାଶ—୧୯୫୯

ସଂଖ୍ୟା—୧୦୦୦

ମୂଲ୍ୟ- ଦେଢ଼ଟଙ୍କା ମାତ୍ର

ମୁଦ୍ରାକର—ଶ୍ରୀ ଗଗନ ବିହାରୀ ଜେନା,

ଗ୍ରାମସେବକ ସମବାୟ ପ୍ରେସ, ବାଖରାବାଦ, କଟକ—୨

## —ନିଜର ଦୁ'ପଦ—

ମନେଅଛି—ଆନ୍ଧ୍ରର ବଣଜଙ୍ଗଲ ଘୂରି ବୁଲୁଥାଏ । ମୁଁ ଏଇ ପେଟ ଖଣ୍ଡିକ ପାଇଁ । ଦେଖିଲି "ସମାଜ"ରେ ଡ. ପି. ଆଇ.ଙ୍କର ଏକ ଆହ୍ୱାନ ଲେଖକମାନଙ୍କୁ । ସମୟ ମାତ୍ର ଥାଏ ଆଠଦିନ । କ'ଣ ଲେଖିବି । କିନ୍ତୁ ଗୋଟିଏ ଲେଖା ଦେବାକୁ ମୋର କର୍ତ୍ତବ୍ୟ ବୋଲି ମନେକଲି । ଆଉ ଠିକ୍ କଲି, ମୋର ଲେଖା ହେବ "ନିଶା ନିବାରଣ" ଉପରେ । ମୋର ଭିତରଟା ଥରି ଉଠିଲା—'ନିଶା'ର ଅତ୍ୟାଚାର ମୋର ସଂସାରଟାକୁ ଏମିତି ଭାବରେ ଦୋହଲାଇ ଦେଇଥିଲା ଯେ······

"ନିଶା ନିବାରଣ" ଆଇନ ସରକାର କରିଛନ୍ତି । କିନ୍ତୁ ଆଇନ ଜରିଆରେ କେବଳ ଯେ "ନିଶାଖୋର"କୁ ନିଶାର ମାୟା ମୋହରୁ ଦୂରେଇ ଦେଇ ହେବ, ତା ସମ୍ଭବ ନୁହେଁ । ଆଇନର ଶୃଙ୍ଖଳା ଭିତରେ କେତେ ଯେ ନିଶାଖୋର ବରଂ କାରାବରଣ କରିଛନ୍ତି, ମାତ୍ର ନିଶାକୁ ଛାଡ଼ି ପାରିନାହାନ୍ତି । ଏ ଦୃଷ୍ଟାନ୍ତ ବିରଳ ନୁହେଁ । ତେଣୁ ଡ. ପି. ଆଇ.ଙ୍କର ବିଷୟ ନିର୍ବାଚନରେ "ନିଶା ନିବାରଣ"କୁ ଗ୍ରହଣ, ବଡ଼ ସମୟୋଚିତ ହୋଇଛି । ହୁଏତ, ଗୋଟିଏ ଗୋଟିଏ ସଂସାର ଉପରେ ନିଶାର ଜଘନ୍ୟ ଅତ୍ୟାଚାରର କାହାଣୀ ଶୁଣିଲେ, ନିଶାଖୋରର ଚୈତନ୍ୟୋଦୟ ହୋଇପାରେ, ତା'ର ମାନସିକ ପରିବର୍ତ୍ତନ ଆସିପାରେ ! ସେଥିପାଇଁ ମୁଁ ଡ. ପି. ଆଇ.କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି ।

ଚରିତ୍ରର ବିକାର, ଅବସ୍ଥାର ସ୍ତରେ ସ୍ତରେ ଅଙ୍କୁରି ଉଠେ । ଆଜି ମଧ୍ୟ ପ୍ରତ୍ୟେକ ଚରିତ୍ର ତା'ର ସ୍ୱତନ୍ତ୍ର—ଦର୍ଶନ ସୃଷ୍ଟି କରେ । ତେଣୁ ବିକାରଗ୍ରସ୍ତ ଚରିତ୍ରର ଦୁନିଆକୁ କଳ୍ପନା କରି ଦାନ ଦେଇଥାଏ । ରାଜକିଶୋରଙ୍କର ପରବର୍ତ୍ତୀ ଜୀବନର ବିକାରଗ୍ରସ୍ତ ଚରିତ୍ର ଦୁନିଆରେ ବିକାର ବିତରଣ କରିନି । ତଥାପି ତାଙ୍କପରି ଉଜ୍ଜ୍ୱଳ ଚରିତ୍ରର ଯେ ସ୍ଖଳନ ହୋଇଛି, ସେଥିପାଇଁ ଦାୟୀ କିଏ ?

ଯା' ହେଉ, ଦି' ଆଖିରେ ରକ୍ତ ବୁହାଇ ଲେଖିଛି "ନୂଆ ଜୀବନ" । "ଜନତା ରଙ୍ଗମଞ୍ଚ" 'ନୂଆଜୀବନକୁ' ପରଷିଥିଲେ । କିନ୍ତୁ ତାର ଆଜିର ଏଇ ରୂପରେ ନୁହେଁ । ଆଜିର ଏଇଟି ଯଦି ମୋ ଦେଶର ଭାଇ ଭଉଣୀଙ୍କ ଆଖିରୁ ଦି'ଟୋପା ଲୁହ ଗଡ଼ାଇ ପାରିଲା, ତେବେ ଜାଣିବି ମୋର ଆଶା ପୂରଣ ହୋଇଛି ।

କଟକ

— ଧର୍ମାନନ୍ଦ —

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

[ ରାଜକିଶୋରଙ୍କ ଘର—ଗୋଟିଏ ସ୍ୱଚ୍ଛଳ ପରିବାର—ଗୋଟିଏ ମଧ୍ୟବିତ୍ତ ପରିବାରଠୁଁ ଟିକିଏ ଉପରେ ଦେଢି ମହାଜନ ଚଳିଅଛି । କିନ୍ତୁ ରାଜକିଶୋରଙ୍କର ଧନ ସମ୍ପତ୍ତି ଆଡ଼େ ମୋହ ବାଜର ନ ଥାଏ । ବୟସ ପଇଁତିରିଶି ସରିକି—ବିବାହିତ ଜୀବନରେ ର୍ଘ ସାତବରଷ ପରେ ଗୋଟିଏ ପୁଅ ହୋଇଛି—ପୁଅର କୋଇଶିଆ ଠିକ୍ ସରିଚି—ରାଜକିଶୋରଙ୍କର ଆଗରୁ ଶ୍ୱାସ ବେମାରି ଅଛି । ଆଜି ସେଥି ପାଇଁ ତାଙ୍କର ଶରୀର କ୍ଷୀଣ ।

ଦେଖାଗଲା ଗୋଟିଏ ଦୋଳରେ ଛୁଆଟିକୁ ଝୁଲାଉଛନ୍ତି ରାଜକିଶୋର । ଗୁଣୁ ଗୁଣୁ ହୋଇ ଗୀତ ପଦେ ପଦେ ମଧ୍ୟ ଗାଉଛନ୍ତି । ରି ( ତାଙ୍କ ସ୍ତ୍ରୀ ) ବଡ଼ଘର ଝିଅ—ଦୃଷ୍ଟିଭଙ୍ଗୀ ତାଙ୍କର ଉନ୍ନତ—ସାରଟି ତାଙ୍କର ଖୁବ୍ ସୁଖରେ କଟେ । ଦାମ୍ପତ୍ୟ ଜୀବନ ତାଙ୍କର ନ୍ତ ସୁଖମୟ । ରାଈ ଆସ୍ତେ ଆସ୍ତେ ଛପି ଛପି ଆସି ଦେଖିଲେ ଯେ ମୀ ବସି ପୁଅଟିକୁ ଖେଳାଉଛନ୍ତି । ଟିକିଏ ଆତ୍ମହରା ହୋଇ ଦେଖିଲେ । ତା ପରେ ଚୁପ୍ ଚୁପ ଆଗେଇ ଆସିଲେ ଦୃଶ୍ୟଟିକୁ । ]

ରାଣୀ—( ସ୍ନେହମିଶା ଦୁଷ୍ଟାମିରେ ) ଆଃ ! କାହିଁକି ତା ପାଖରେ ପାଟି କରୁଛ ମ ! ଯଦି ଉଠିବ ମୋତେ ଆଜି କାମ କରେଇ ଦେବନି—ତମେ ଧରିବଟି ?

ରାଜା—ଓଃ ! ଘର ଘରକରଣା ଲାଗିଲାଣି ତ—

ରାଣୀ—ଆଜି ଲାଗନ୍ତାନିକି ?

ରାଜା—ହଁ, ହଁ, ଲାଗିବନି କାହିଁକି ? କେବେ ସିନା ତୋର ଏ ଘର କରଣୀଟା "ମୋତେ" କେନ୍ଦ୍ରକରି ଚାଲିଥିଲା—ଏଇନେ ତ.........

ରାଣୀ—କଣ ଏଇନେ ?

ରାଜା—( ଦୁଷ୍ଟାମିରେ ଦୀର୍ଘ ନିଶ୍ୱାସ ମାରି ) ବାବୁଆଟା ଏଇନେ ତୋ ଭିତରୁ ବାରଣା ଦଖଲ କରି ନେଲାଣି—ଯେମିତି ଦେଖୁଛି, ଆଜି କେଇ ଦିନ ପରେ ମୁଁ ଏକବାର ବାଦ୍ ପଡ଼ିଯିବି ।

ରାଣୀ—ଜି, ତୁମେ ଭାରି ହିଂସା କରୁଛ ଏକା ! ଆଜି କଣ ଛୁଆଟା କଥା ଆଗ ନ ବୁଝି ତମ କଥା ଆଗ ବୁଝନ୍ତି ?

ରାଜା—ମୁଁ ତ ମୋଟେ କହୁନି ମୋ କଥା ବୁଝିବାକୁ । ଖାଲି ମୁଁ ଭାବୁଛି, ଆମ ବାହାଘର ସାତବରଷ ହୋଇଗଲା—ଏଇ ସାତ ବରଷ ଭିତରେ ତୁ ଯେଉଁ ଆଦର ଯତ୍ନ ମୋତେ ଦେଖାଇ ଆସିଥିଲୁ, ସବୁଯାକ ମାନ ଏଇ ଏକୋଇଶଟି ଦିନ ଭିତରେ କୁଆଡ଼େ ହଜିଗଲା ?

ରାଣୀ—( ସ୍ନେହଭରେ ) ହୁଁ—

ରାଜା—ହଁ, ଯେତେବେଳେ ତୋର ତେତିଶି କୋଟି ଦିଅଁ ଦେବତା-ମାନଙ୍କୁ ତୁ ଏକବାରେ ଭୁଲି ଗଲୁଣି, ଆଜି ମତେ ଭୁଲି ଯିବାର ଆଶ୍ଚର୍ଯ୍ୟ କଣ ? କାଇଁ ଆଜ ସେ ଦିଅଁ ପୂଜା, କାଇ

ବ୍ରତ, ଗ୍ରହପୂଜା ନାହିଁତ ( ମୁହଁ ଫେରାଇ ବଡ଼ ପାଟିରେ ଗେଲ କଲେ ବାବୁଆକୁ )

ରାଣୀ—ନାଇଁ ତମ ପୂଜା ଖାଲି ସବୁବେଳେ କରୁଥାନ୍ତେ— ( ଗେଲରେ ରାଜକିଶୋରଙ୍କର ଗାଲକୁ ଛମୁଟି ଦେଲେ । ଦୁହିଁଙ୍କ ଭିତରେ ହସର ଲହରୀ ଉଠିଲା କିଛି ସମୟ ପାଇଁ— ହସ ଭିତରେ ରାଜକିଶୋରଙ୍କର ଉଠିଲା ଧଇଁ—ରାଣୀ ରାଜକିଶୋରଙ୍କୁ ନେଇ ଆରାମ ଚେୟାରରେ ବସାଇଲେ ଓ ଆଉଁସି ଦେଲେ । କାଶ ଟିକିଏ ବନ୍ଦ ହୋଇଚ—ରାଣୀ ଟେବୁଲ ଉପରୁ ଓଭାଲଟିନ ଗ୍ଲାସରେ ତିଆରି କରି ଆଣି ରାଜକିଶୋରଙ୍କୁ ଖୁଆଇ ଦେଲେ । )

[ ତା ପରେ ରାଣୀ ଆସନ୍ତି ]—ପାଣିପରା ଅଣ୍ଡା ହୋଇ ଯାଉଛି—ଚାଲି ଗାଧୋଇବ !

ରାଜ—ଆଚ୍ଛା ତୁ ମୋ ସଙ୍ଗରେ କାହିଁକି ଲଗାଇଛୁ କହିଲୁ ? ମୁଁ ଯାଇ ଗାଧୋଇଲେ ତୁ ଏଣେ ନିଶ୍ଚିନ୍ତ ହେବୁ ନା ?

ରାଣୀ—ନିଶ୍ଚିନ୍ତ କ'ଣମ ?

ରାଜ—ନୁହେଁ, ଏକୁଟିଆ ସୁବିଧା ମିଳିଯିବ ପୁଅକୁ କୋଳେଇ କେତେ ଗେଲ କରିବୁ । ଯେତେବେଳେ ବାବୁଆକୁ ମନଇଚ୍ଛା ଚୁମା ପରେ ଚୁମା ଦେଇ ଚାଲିଥିବୁ. ଆଚ୍ଛା କହିଲୁ ରାଣୀ ! ସେତେବେଳେ ଦୁନିଆରେ ଆଉ କାହାର ସତ୍ତା ଥିବାର ତୁ ଅନୁଭବ କରୁଥିବୁ ?

ରାଣୀ—ଭାରି ଦୁଷ୍ଟ ତମେ—

ରାଜ—ନାଇଁ, ସତେ ରାଣୀ କହିଲୁ, ସ୍ତ୍ରୀ ଜୀବନରେ କାହାର ଆସନ ବେଶି ମଜଭୁତ ? ପୁଅର ନା ସ୍ୱାମୀର ?

ରାଣୀ—ତମେ କଣ ଭାବୁଛ ?

ରାଜ—ମୁଁ ତ ଯାହା ଦେଖୁଚି ତୋ ଭିତରଟାକୁ ବାବୁଆ ପୁରାପୁରି ଷୋଳଅଣା ଦଖଲ କରି ବସିଚି—ମୁଁ ଯେ ଗୋଟାଏ ଲୋକ ତୋର କେହି ଜଣେ ଅଛି·········

ରାଣି—ତମର ଭାରି ହିଂସା ହେଉଛି ନାଁ ?

ରାଜ—ହେଲେ ବା ଉପାୟ କଣ ? ସୃଷ୍ଟିର ନିଷ୍ଠୁର ସତଟାକୁ ତ ଡେଲିଦେଇ ହେବନି—

ରାଣି—କିଏ ଜାଣେ, ତମେ ଯାହାକୁ ନିଷ୍ଠୁର ସତ ବୋଲି ଭାବୁଚ, ହୁଏତ ସେଇଟା ନିଷ୍ଠୁର ମିଛ ପ୍ରକୃତ ଜୀବନରେ—

ରାଜ--( ନିଜକୁ ରାଣି ପାଖରେ ପୁରାପୁରି ସମର୍ପି ଦେଇ ଓ ରାଣିର ହାତକୁ ନିଜ ହାତରେ ରଖି ) ମୁଁ ବାସ୍ତବିକ ବଡ଼ ଭାଗ୍ୟବାନ୍ ରାଣି ?

ରାଣି—ହଠାତ୍·········

ରାଜ—ହଠାତ ନୁହେଁ ରାଣି ! ଆମର ଏ ଦୀର୍ଘ ଦିନର ଜୀବନ ମୋତେ ଖୁବ୍ ଭଲ ଭାବରେ ଚେତାଇ ଦେଇଚି, ରାଣି ମୋର କେତେ ଆପଣାର ! ତୋର ଅନାବିଳ ସ୍ନେହହିଁ ମତେ ଆଜି ଭାଗ୍ୟବାନ କରି ଥୋଇଛି । ମୁଁ ତୋ ପାଖରେ ଋଣୀ ରାଣି—ହେଲେ·········

ରାଣି—କଣ ଗୁଡ଼େ ତୁମେ କହୁଚ ?

ରାଜ—ସୁଖଦୁଃଖର ଦୁନିଆ ଭିତରେ ଆମର ଏଇ ସୁଖର ଦୁନିଆକୁ ନିୟତି କେତେଦିନ ସହି ପାରିବ, ଏଇ ଗୋଟାକହିଁ ମୋ ମନରେ ସନ୍ଦେହ ଆଣୁଚି ରାଣି ! ମୁଁ ଯେମିତି ଅନୁଭବ କରୁଛି ଆଉ କିଛି—

ରାଣି—(ପାଟିରେ ରାଜକଶୋରଙ୍କର ହାତମାଡ଼ିଧରି) ସୁଖଦୁଃଖର ସାଥୀ ତମର ରାଣି ଛି, ମନରେ ପାପ ଆଣନି—

ରାଜ—କିନ୍ତୁ ତୁ ମୋତେ ତୋ ସ୍ନେହରେ ଏତେ ଅଲଅଲ କରି ଦେନା ରାଈ—ସୁଖ ପରେ ଯେତେବେଳେ ଦୁଃଖ ଆସିବ, ମୁଁ ସହ୍ଵ ପାରିବିତ ?

ରାଈ—ପୁଣି ? ପାପକଥା ମନରେ ଆଣିଲେ ମୁଁ ତମ ପାଖକୁ ଆସିବିନି—

ରାଜ—ବାସ୍ ତୋର ଇଚ୍ଛା, ମୋର ନିଜତ୍ୱ ତୁ ପୁରାପୂରି ଚୋରିକରି ନେଇଚୁ—ତୁ ଜାଣୁ ।

ରାଈ—ହଁ, ହଁ ଆଉ ବେଶୀ ବାହାଦୁରି କଥା କହନି—

[ ରାଈ ଓ ରାଜକିଶୋରଙ୍କ ଭିତରେ ଦାମ୍ପତ୍ୟ ପ୍ରେମର ଅସରନ୍ତ ଉଚ୍ଛ ଲହରି ଝାଙ୍ଗି ଛୁଟି ଚାଲିଛି, ବାହାରୁ ପାଲ ଅଟାର ପାଟି ଶୁଭିଲା ]

ପାଲ—(ବାହାରୁ ପାଟିକରି କରି ଦୃଶ୍ୟଟି ଭିତରକୁ ପଶି ଆସୁଆସୁ) ହଁ, ବା ହଁ—କେତେ ନିମିତ୍ତ ଏ ଗାଁରେ ମୁଁ ଦେଖିଛି । ମୋତେ ଆଉ ଦେଖାନା—ନୂଆ ବୋଉ ନୂଆ ବୋଉ,

( ପିତ୍ତଳ ହାଣ୍ଡିଟା ଧରି ପଶି ଆସିଲା—ରାଜକିଶୋରଙ୍କୁ ଦେଖି ଟିକିଏ ଲାଜ କରି ଜିଭ କାମୁଡ଼ି ପକାଇଲା—ପିତଳହାଣ୍ଡିଟାକୁ ତଳେ ଥୋଇ ଦେଲା )

ରାଜ—କଣ କଲେ ଅପା ! କାହା ଉପରେ ଏ ଗର୍ଜନ ?

ପାଲ—ନାଇଁମ ସେ ମାଳ ବାଉରାଣିଟା—ବୋଟେ ହେବ ଭାତ, କଂସାରେ କଂସେ ତୁଣ, ଡାଲି ନେଇଗଲା—ଜବାବ ଦେଇଗଲା ସକାଳୁ ଆସି ହଣ୍ଡା ଗୁଡ଼ାକ ମାଜିଦେବ । ଦିନ ଆସି ଦ' ପହର ହେଲାଣି, ଯୋଉଟାରେ ହଣ୍ଡା ଗୁଡ଼ାକ ବୁଡ଼ିଛି—ଆଜି ଯଦି କିଏ କେଉଁଠି ନେଇଯିବ—ଏ ଗାଁରେ ତ ଠାଉରିଆ କମ ନାହାନ୍ତି । କହିଲି ବେଳକୁ କହୁଚି କଣ ନା ଏତେ ଟିକେ ଖିରି ଦେଲ···ଆଉ କଣ କହିବ କହିଲ—

ରାଣୀ—ତମେ କଣ ଅପା ନଟେ ମାଛ ଆଣିଲ ?

ପାଲ—ଆଉ କଣ କରିଥାନ୍ତି—କଣ୍ଟାଲବେଳକୁ ବାଉଗଣିଟା କେତେ କଣ ନୂଆଲ ସୁଆଲ କରୁଛି

ରାଜ—ଆଚ୍ଛା ଗୁଡ଼୍ ଅପା, ସେ ବାଜେ କଥାରୁ କଣ ମିଳିବ ? ଆଉ ରୁ ଏ ମଝିରେ କେତେଦିନ ହେଲା ଦେଖା ନ ଥିଲୁ ଯେ—

ପାଲ—ଏଇ ହାଡ଼ିଆ ପାଇଁ ମୁଁ ବଡ଼ ହ୍ଣନସ୍ତା ହେଲିଣି । ଏତେ ବଡ଼ ପୁଅଟେ—ମୁଁ ଧାନ କୁଟି ତାକୁ ପୋଷିବି ? କୁଆଡ଼େ କାମଧନ୍ଦା କଲେ ହୁଅନ୍ତା ନି ? ସେଇଥିପାଇଁ ଟିକିଏ ତା ମାମୁଁ ଘର ଆଡ଼େ ଯାଇଥିଲି କେଉଁଠି ଦେଖି ଟିକିଏ ଠିକ କରି ଦେବାକୁ । ହେଲେ କିଛି ହେଲାନି—ଆଚ୍ଛା ଭାଇ ! ତମେ ଟିକିଏ ତା ଆଡ଼େ ନଜର ଦେଉନା ?

ରାଜ—ମୁଁ କଣ ମନାକଲି ତାକୁ ? ସେତ ମୋ ପାଖ ପଶିବନି

ପାଲ—ତମକୁ ତାର ଭାରି ଡର । ଏ ଗାଁରେ ଆଉ କାହାକୁ ତ ଖାତିରିଦେ ଆଟେନ—

ରାଜ—ନାହିଁକି ତାକୁ ବରଜୁ ଭାଇଙ୍କ ସାଙ୍ଗରେ ପଠାଉନୁ—ଗୁରିଆଡ଼େ ଦଉଡ଼ା ଦଉଡ଼ି କରି ଧାନ ଫାନ ଅସୁଲ କରନ୍ତା ,

ପାଲ—ନା ଭାଇ, ତାକୁ ହେଲେ ତମ ପାଖରେ ରଖ । ସେ ବରଜୁ ସାଆନ୍ତଙ୍କ ନାଁ ପଡ଼ିଲେ ତ ଡେଉଁଛି

ରାଜ—କାହିଁକି ?

ପାଲ—ତମେ ଯାହା କହ ଭାଇ ! ବରଜୁ ବି ଭଲ ଲୋକ ନୁହନ୍ତି ।

ରାଣୀ—ନାଇଁ ଅପା, ସେକଥା କହିବନି ? ସେତ ତମ ଭାଇଙ୍କର ଭାରି ଆପଣାର ! ଏମିତି ବିଶ୍ୱାସୀ ଯେ କାହିଁ ନଥିବ

ରାଜ—ଛି ରାଣୀ ! ବରଜୁ ଭାଇଙ୍କୁ ଖାଲି ଅଯଥାରେ ସନ୍ଦେହ କରୁଛୁ—ତାଙ୍କ ଛଡ଼ା ଆମର ଆଉ କିଏ ଅଛି ଯେ ଏସବୁ

ବ୍ୟବସ୍ଥା ଦେଖିବ କହିଲୁ ? ସିଏତ ମନପ୍ରାଣ ଦେଇ ଲଗିଛନ୍ତି ବୋଲି ମୁଁ ଟିକିଏ ନିଶ୍ବାସ ମାରୁଛି । ନ ହେଲେ ମୋର ଏ ବେମାରି ଦେହରେ ଏ ସବୁ କିଏ କରନ୍ତା ।

ପାଲ—ତା ହେଲି ବୋଲି ତମ ଜିନିଷ ଉପରେ ତମେ ଟିକିଏ ନଜର ଦେବନି ? ମୁଁ କିଣ କହୁଛି କି ସିଏ ସବୁ କରୁଥାନ୍ତୁ—ତମେ ଖାଲି ଟିକିଏ ଭାଗିଦା ରଖ କାଲେ କେଉଁବେଳେ କିଣ ନାହିଁ କିଣ କରିଦେବେ ତାଙ୍କ ଉପରେ ପୁରା ଭାର ଦେବାଟା ଠିକ୍ ନୁହେଁ—ନାଁ କିଣ ନୁଆବୋଉ ?

ରାଜ—ମୁଁ ଜାଣେ ଅପା, ସେ ଟିକିଏ ଦଲାଲିଆ । ଏଇ ଗାଁରେ ମୂର୍ଖଙ୍କୁ ଏପଟ ସେପଟ କରି ଦି' ପଇସା ପାଆନ୍ତି । ଅଭାବଗ୍ରସ୍ତ ଲୋକ—

(ବାହାରୁ ବରଜଙ୍କର ପାଟି ଶୁଭିଲା—ସେଇଆଡ଼ୁ କହି କହି ଆସୁଛନ୍ତି)

ବରଜ—(ଚଣି ଆସୁ ଆସୁ) ଆରେ ଯା, ଯା, ଭାରି ଗୋଟେ କଥା କହିଲା ।ମୂର୍ଖ, ହଇରେ ଆମେ ମୂର୍ଖ ? ତମ ଚଉଦ ପୁରୁଷରେ କିଏ କହିଥିଲା ? ହଇରେ ଚଷା ଭଲଆ ଆମେ ଦେଖା ଯାଉଛୁ ?

ରାଜ—କିଣ ହେଇଛି ବରଜ ଭାଇ ? ବାହାରେ କିଏ ?

ବରଜ—କିଏ ସେଗୁଡ଼ା କେଜାଣି—ଚହ୍ନା ନାହିଁ ଜଣାନାହିଁ । ପଟ ଚପ୍ନ ନାହିଁ, ଏଡ଼େ ବେହେଲ । କହୁଛନ୍ତି କିଣ ନାଁ ବହନ ଦିଅ—ବହନ ତ ତମେ ନବ, ଆଉ ଆମେ କିଣ ଖଳା ବଢ଼ା କରିବୁ ତମ ଖଳାରେ ଯାଇ ?

ରାଜ—(ପାଲିଆଡ଼େ) ଦେଖିଲୁ ଅପା—ବାହାରେ କିଏ ଡାକ ଆଣିବୁ—                (ପାଲିର ପ୍ରସ୍ଥାନ)

ବରଜୁ—ଆଚ୍ଛା ସେ ନୂଆ ନାଲଗଛ ନଡ଼ିଆଗୁଡ଼ା ବଗିଚ୍ଚୁ କିଏ ଚୋରିକରି ନେଲଣି ? କେହି ଟିକିଏ ଦେଖିଲନି ସବୁ ଖାଲି ବଭଳ ଦେଖିବ ? କୁଆଡେ ଏବେ ମରିବ ?
ବାହାରକୁ ନଗଲେ ହେଲାନି ; ଏଣେ ଘରେ ନ ରହିଲେ ସବୁଭଳଭ ଗଲା—ତମର ସବୁ ଏଥର ତମେ ସମ୍ଭାଳ, ମୁଁ ଆଉ ଏତେ ଦହଗଞ୍ଜ ହେଇ ପାରିବିନି ।

ରାଜୁ—କିଏ ଚୋରି କଲା ? (ବିଶୁ ଓ ପାଲିଅଭାର ପ୍ରବେଶ)

ବରଜୁ—କିଏ ଆଉ ନବ—ସେଇ ଇସ୍କୁଲିଆ ପିଲାଗୁଡ଼ା—ତୁମର ତ ଦାନର ସୀମା ନାହିଁ । କିଏ ଗୁଡ଼ାଏ ଟାଉଟରିଆ ମାଗିଲେ ଗୁନ୍ଦା ଇସ୍କୁଲ ନାଁ ଧରି ତମେ କଟ୍ଟୁ ପେଲଦେଲ । କୋଉଁ ଗାଁରେ ଏବେ ଇସ୍କୁଲଟା ନ ହୋଇଥିଲେ ଆମର ପିଲେ ପାଠ ପଢ଼ି ପାରୁ ନଥିଲେ ? ଏଥିରେ କ୍ଷତି କାହାର ହେଉଛି ?

(ବ୍ୟସ୍ତ ହୋଇ ନିଜ ଥଳିରୁ କାଗଜ ପତ୍ର ଗୁଡ଼ା ବାହାର କରି ଟେବୁଲ ଉପରେ ଥୋଇଲେ—ଝାଳ ମାରି ନିଜେ ତଳେ ବସିଲେ—ବରଜୁଙ୍କର କଥାଗୁଡ଼ା ସାଇ ବିଶ୍ୱାସ କରି ପାରୁ ନ ଥାନ୍ତି । ସେ ଜାଣୁଥାନ୍ତି ଏ ସବୁ ମିଛ । ଖାତିରି ନ କରିବା ଭଳି ତାଙ୍କ ମୁଖଭଙ୍ଗୀରୁ ଜଣା ଯାଉଥାଏ, ପାଳିର ମଧ୍ୟ ସେହିପରି ଭାବନା)

ରାଜୁ—(ବିଶୁ ଆଡେ) ତମେ କିଏ ? କୋଉଠୁ ଆସିଛ ?

ବିଶୁ—(ପ୍ରଣାମ କରି) ମୋ ଘର କଣକ ନଗର ପ୍ରଗନା । ଗ୍ରାମ ଖଣ୍ଡିତସ୍ତି । ମୋ ନାଁ ଆଜ୍ଞା ବିଶୁ—ବିଶ୍ୱନାଥ ଯେନା । ଆରସନ ଧୋଇ ମରୁଡ଼ିରେ ଆମର ସବୁକ୍ଷେତ ଉଜୁଡି ଗଲା । ପାସ ଖାଇବାକୁ ବି ଦାନା ଗଣ୍ଡେ ରହିଲାନି । ଗୋଟିଏ ମୈଇର

କୋଡ଼ିଏ ଘର କୃଷୀ—ଏଇ ବାହାରେ ଠିଆ ହୋଇଛନ୍ତି । ଏ ସନ ଯଦି କ୍ଷେତ ପଡ଼ିଆ ରହେ ପିଲା ଛୁଆ ଆମର ଛଟପଟ ହୋଇ ମରିଯିବେ । ଦୁନିଆ ସାରା ବୁଲି ଆଇଲୁ କେଉଁଠି ହେଲେ ବିହନ ଗଣ୍ଡେ ପାଇଲୁନି । ସେଇଥି ପାଇଁ, ଆପଣଙ୍କର ନାଁ ଶୁଣି ଧାଇଁ ଆସିଲୁ ।

ବରଜୁ—ଆପଣଙ୍କ ପାଖରେ ଖାଲି ଥାଉ ମରା ଯାଇଛୁ ଯେ ଶୁଣିକରି ଦଉଡ଼ି ଆସିଲ ନେଇଯିବ—

ରାଜୁ—ରୁହ ବରଜୁ ଭାଇ ! ସେମାନେ ବିପଦରେ ପଡ଼ିଛନ୍ତି ପରା ! ଏତେ କଡ଼ା କଥା କହିଲେ ସହିପାରିବେନି ।

ବରଜୁ—(ମନକୁ ମନ ଗୁଣୁ ଗୁଣୁ ହୋଇ) ନାଇଁ ମିଠା କଥା ତୁମେ କୁହ । ଆମେ ଚୂପ୍ ରହିଲୁ ।

ରାଜୁ—ଆଚ୍ଛା ବିଶୁ ! ତମର କେତେ ଜମି ?

ବିଶୁ—ମୋର ଚାରି ଏକର ଆଜ୍ଞା—

ବରଜୁ—ଏଁ, ଚାରି ଏକର—ଆଉ କମ୍ କଣ ? ଏଗୁଡ଼ା ଅକର୍ମା ବସିଖିଆ ଗୁଡ଼ା—

ରାଜୁ ଓହୋ, ଟିକିଏ ରୁହ ଭଲା ବରଜୁ ଭାଇ ! ଆଚ୍ଛା ବିଶୁ, କେତେ ବିହନ ତମର ଦରକାର ?

ବିଶୁ—ମୋର ଏକା ଦରକାର ନୁହେଁ । ମୋ ସାଙ୍ଗରେ ଆହୁରି ଉଣେଇଶି ଘର କୃଷୀ ଆସିଛନ୍ତି । ସବୁ ମୁଦ୍ଧା ଆମର କୋଡ଼ିଏ ଭରଣ ବିହନ ଦରକାର ।

ବରଜୁ—ନିଅ ସମ୍ଭାଳ ! କାହିଁକି ଆଉ ଦଶ ବାର ଭରଣ ମିଶେଇ ଏକାଥରେ କହି ଦେଲୁନି—ଆରେ ତୁ ବେହେଲି ନା ଆଉ କିଏ ଅଛନ୍ତି ?

ରାଜ — ଆଉ ବରଜୁ ଭାଇ. ଚାଷୀ ସେମାନେ, କ୍ଷେତ ଫସଲ ଉତ୍ପନ ଉପରେ ତାଙ୍କର ଅଧିକାର ତେଣୁ ତାଙ୍କର ମାଗିବା ଭୁଲ ନୁହେଁ । ଆଉ—

[ଟିକଏ ଭାବିଲେ ଏତେ ଗୁଡ଼ା ଉତ୍ପନ—ତା ପରେ ବରଜଙ୍କର କଟୁକଥା । ତା ପରେ ଟିକଏ ପ୍ରଶ୍ନସୂଚକ ଦୃଷ୍ଟିରେ ରାଣୀଙ୍କ ଆଡେ ଚାହିଁଲେ]

ରାଣୀ — ବିପଦରେ ନ ପଡ଼ିଲେ କେହି କେବେ ପର ଦୁଆରରେ ହାତ ପତାଏନି । ପାତିବତ ଦଉନା —

(ବରଜ ତରାଟି ଅନାଇଥାନ୍ତି)

ବଶୁ—ହଁ ମା ! ମୁଁ ସମସ୍ତଙ୍କର ହୋଇ କହୁଛି—ଫସଲ ଉଠାଣି ସବୁ ଧାନ, ସୁଧ ମୂଳ ସହିତ ଆଣି ଆପଣଙ୍କ ପାଖରେ ଜମାଦେବୁ । ଚାଷୀ କେବେ କାହାର ଧାରୁଆ ରହେନି ମା !

ରାଜ — (ହସି) ହଁ, ମୁଁ ତା ଜାଣେ ବଶୁ— ବରଜ ଭାଇ, ଏମାନଙ୍କୁ ବଡ ଅମାରରୁ କୋଡ଼ିଏ ଭରଣ ଧାନଦିଅ—

ବରଜ ହଇହୋ ତମେ ପାଗଳ ହେଲନା କଣ ! ଚିହ୍ନାନାହିଁ, ପରିଚୟ ନାହିଁ, ଯିଏ ଆସି ସକେଇ କହିଦେଲା, ତାକୁ ଦେଇଦିଅ । ଦଉନା ମୋର ସଞ୍ଚାଯାଉଛିକି ?

ରାଜ — ଯିଏ ଚାଷୀ ସିଏ ଚିହ୍ନାପଡେ ତା ଚେହେରାରୁ, ତା କଥାବାର୍ତ୍ତାରୁ । ତମେ ଯାଅ ବଶୁ—ନବାର ବନ୍ଦୋବସ୍ତ କର ।

ବଶୁ—(କୃତଜ୍ଞତାରେ ଗଦଗଦ ହୋଇ ସାଷ୍ଟାଙ୍ଗ ପ୍ରଣାମ କରି ପ୍ରସ୍ଥାନ)

ବରଜ—ସବୁତ ଦେଇ ଦେଉଚ ! ଆଜି ସେ ଗାଁ ଟୋକାଏ କଣ ମାଗିଥିଲେ ଗୋଟିଏ ପୋଖରୀ ଖୋଳାଇବାକୁ—ତାଙ୍କୁ ବି କିଛି ଦେଇଦିଅ ।

ରାଜୁ—ମୁଁ ବା କଣ କାହାକୁ ଦେଇ ପାରିବ ବରଜୁ ଭାଇ ? ଯାହାର ଯାହା ପ୍ରାପ୍ୟ ସିଏ ତ୍ରୁଏଁ ପାଇ ଯାଉଛି । ସେଥିରେ ମୋର କଣ ଦୃଢ଼ା ଅଛି ?

ବରଜୁ—ନାଇଁ ଦେଇଦିଅ । ସବୁ ଦେଇଦିଅ । କାହିଁକି କାଗଜରେ ଗୋଟାଏ ବାହାର କରି ଦେଉନ କଣ କଣ ଦେବ—ଏକାଥରେ ସବୁ 'ଚୂଳଯାଉ । ଏ ଦୁନିଆଁଟାରେତ ହାତ ପତେଇବାର ଲୋକ କମ ନାହାନ୍ତି—ଆଜ୍ଞା ଲୁହତ, ଇଏ କ ବୁଦ୍ଧି ଧରିଛ ?

ରାଜୁ—ଯାହା ଯେତେବେଳେ ହବାର କଥା ସିଏ ହେଇଯାଉଛି । ସେଥିରେ ମୋର ହାତ କଣ ? (ପ୍ରସ୍ଥାନୋଦ୍ୟତ ହେଲେ)

ବରଜୁ—କଣ ଏଠି ଟିକଏ ବସିବନି ? କାଗଜପତ୍ର ଗୁଡ଼ା ଦେଖିବାକୁ ଥିଲା ।

ରାଜୁ—ଆଜ୍ଞା ରାଜି, ତମେ ସବୁ ଭିତରକୁ ଯାଅ—ମୁଁ ଟିକଏ ବୁଲି ଯାଉଛି ।

ରାଇ—ବେଳ ଆସି କୋଉଠି ହେଲାଣି—ଗାଧୋଇନା ? ଦେହ ଖରାପ ହେବନି—

ବରଜୁ—ହଁ ଯାଉଛନ୍ତି । ଟିକଏ ଖାଲି ଆଖି ପକେଇ ଦେଇ ଗଲେ ମୁଁ ଚେଷ୍ଟିକି ମାଡ଼ି ଯିବିନକି—

(ରାଜି ଓ ପାଲି ଭିତରକୁ ଚାଲିଗଲେ)

ହଁ, ସେଇ ଇନକମ ଟିକସ କଥା କଣ କରିବା । ମୋର ତ ଭାବ ଭାବ ମୁଣ୍ଡ ଘର ଧରୁନି । ଏଣେ ଆଜି ଗୋଟେ କଣ ଏଗ୍ରିକଲଚର ଟିକସର ପୁଣି ନୋଟିସ ଆସିଲାଣି—ତମେତ ଖାଲି ଦବାରେ ରହିଲ । ମୁଁ ଖାଲି ଯାହା ମଝିରେ ଘାଣ୍ଟି ହେଇ ମରୁଛି ।

ରାଜୁ—(ଟିକେ ଭାବି) ଇନକମ ଟିକସ ପାଇଁ କାଗଜପତ୍ର ଦେଖେଇ ପାରିବନା ?

ବରଜୁ—କଣ କାଗଜପତ୍ର ଅଛିଯେ ? ମହାଜନ ସିରସ୍ତା କାଗଜପତ୍ର ତ ଗୁଡ଼ାଏ କଣ ହଜିଗଲା । ଆଉ କଣ ଅଛି ? ସେଇଥିକୁ କହୁଛି, ଘରେ ବସି ବସି ହେଲେ ଟିକେ ଦେଖ । ତାଙ୍କ ମୁଣ୍ଡରେ ଧାନ ନ ପହଞ୍ଚିଲେ ଙ୍କ ତମ ନାଦ ଭାଙ୍ଗିବନା । ଟିକସ ତ ଭରି ଦେଲେ । ଏଣେ ଭାଗଚାଷୀ ସବୁ ଧାନ ଦେବାରେ ଖେଳୁଛନ୍ତି । ଦେଉ ଧାନର ସୁଧ କଥା ଛାଡ଼, ମୂଳଧନ ତ ଅସୁଲ ହେଇପାରୁନ । ତୁମେତ କିଛି ବୁଝିଲନା । ମୁଁ ଏବେ କୁଆଡ଼େ କଣ କରିବି ?

ରାଜୁ—(ବିବ୍ରତ ହୋଇ) ମୋ ମୁଣ୍ଡରେ ଆଉ ସେ ଗୁଡ଼ା ପୂରାଅ ନା ବରଜୁଭାଇ! ସବୁ ତ ତମ ଉପରେ ଛାଡ଼ିଦେଇଛି । ତମେ ଯାହାକରିବ । ମୋ ଦ୍ୱାରା ସେ ସବୁ ହେଇ ପାରିବନି । (ଧଇଁ ଉଠ କାଶ ହେବା) କଣ କରିବି— ଏ ଧଇଁ ବେମାରିଟା ତ ଘରୁ ବାହାର କରି ଦେଉନି । ମୁଁ କୁଆଡ଼କୁ ଯାଇ ଆସି ପାରିଲନି । ଇନକମଟିକସ ତାରିଖ ଖରାପ ହେଲା । ଆସେସ୍‌ମେଣ୍ଟ ହୋଇଗଲା ସତର ହଜାର ଟଙ୍କା । ସରକାରଙ୍କୁ ସାର୍ଟିଫିକେଟ କରି ଆଦାୟ କରି ନେବାକୁ କେତେବେଳ ?

(ମ୍ରିୟମାଣ ହୋଇ ପଡ଼ିଲେ ଦୁଃଖରେ)

ବରଜୁ—ଖାଲି ବେମାରି ବେମାରି ହୋଇ ଘରେ ପଙ୍ଗୁ ହୋଇ ବସିଲ । ସେ ଡାକତରି ଔଷଧରେ ଗୁଡ଼ାଏ ପଇସା ଖରଚ କରି ସାରିଲଣି । ହେଲେ କିଛି ଫଳ ହେଲାନି । ମୁଁ ସେଥିକୁ ଲଗେଇଚ, ପଇସାକର ଅଫିମ ଅଭ୍ୟାସ କରି ଖାଇଥିଲେ, ଏତେବେଳକୁ ଝାଡ଼ଝୁଡ଼ ହୋଇ ବସନ୍ତିଣି ।

ରାଜ—ନାଇ ବରଜ ଭାଇ ! ରାଇକ ଲୁଚେଇ ମୁଁ ଅଫିମ ଖାଇ ପାରିବନି ।

ବରଜ—ସିଏତ ମାଇପିଲୋକ । କଣ ବୁଝିବ ? ଯେତେବେଳେ ଦେଖିବ ତମର ଭଲ ହେଇଯିବ ସେତେବେଳେ ଜାଣିଲେ ଦେଖିବ କେତେ ଖୁସି ହେବେ । ତମେ ମାସେ ଦି ମାସେ ଦେଖ । ଯଦି ଉପକାର ନ ପାଅ, ତେବେ ଛାଡ଼ି ଦେବ । ଏଥିରେ କଣ ଅଛି, ଇଏତ ହାତ କଥା । ଦେଖିନ ସେ ନଧି ଦାସ ପୁଅ । ଆଖି ସାମନା ଘଟଣା ପରା । ଛ'ଟା ମାସରେ କମିତି ଗଣ୍ଡି ବୋହି ଠିଆ ହେଲାଣି । ପିଞ୍ଜରା ହାଡ଼ ଗଣି ହୋଇ ଯାଉଥିଲା । ତମେ ଯଦି ତମ କଥା ନ ବୁଝିବ, ମୁଁ ତ ମୂର୍ଖଲୋକ—ଯୋଉଠି ତମ ଖାତିରରେ ସହଜରେ କାମ ହୋଇଯାନ୍ତା, ସେଠି ମୁଁ ଟଙ୍କା ଖର୍ଚ୍ଚ କରି ବି ହଉନି । ଏଇନେ ମୋ କଥା ମାନୁନ, ସେତେବେଳେ ଧକ୍କା ଖାଇବ ।

ରାଜ—ଧକ୍କା ଆଉକଣ ଖାଇବ ବରଜ ଭାଇ ! ଇନ୍‌କମଟ୍ୟାକ୍ସ ସତର ହଜାର ଟଙ୍କା କଏ ମୁଁ ଜଏ ? କୋଉଁଠୁ ଆଣି ଏତେ ଗୁଡ଼ା ଟଙ୍କା ଦେବ ? ମୋ ଦୁନଅଟା ଭାଙ୍ଗି ପଡ଼ିଲା ।

ବରଜ—(ନିଜ ଅଣ୍ଟାରୁ ଗୋଟିଏ କଉଟ ବାହାର କରି ରାଜ ବାବୁଙ୍କ ପାଖକୁ ଆସି)

ତମେ ଆଉ ବ୍ୟସ୍ତ ହୁଅନ । ସବୁ ଠିକ୍ ହୋଇଯିବ । ତମେ ଖାଲି ଟିକଏ ଉଠି ଯିବା ଆସିବା କଲ । ଆଉ ସବୁ ଠିକ୍ ହୋଇଯିବ । ହେଇଟି ମୁଁ ଆଣିଛି । କାହା କଥା ମାନନ—ଏଇ ଥିରୁ ଗୋଟିଏ ଲେଖାଁ ଗୁଳି ଦିନକୁ ଖାଅ । ଦେଖିବ ଏ କରାମତି ।

ରାଜ—ନାଁ ବରଜ ଭାଇ—ମୁଁ ଜାଣୁ ଜାଣୁ ବିଷକୁ ପାଟିକୁ ନେବି ?

ବରଜ୍—ମୁଁ କଣ ତମକୁ ବିଷ ଦଉଛି ? ହଁ କୋଉଁ ଏବେ ତମେ
ଭରି ଭରି ଖାଇ ଦଉଛ ? ଓଷଦ ମାନଙ୍କର ଫଇସାଏ ଓଜନ ।
ବିଷ ଫେରେ ଓଷଦରେ ଲୋକ ଖାଉଛି । ସିମିତି ଓଷଦ ।
(ବରଜ୍ ଯାଇ ରାଜ କିଶୋରଙ୍କର ପାଟିକି ଦେବାକୁ ଉଦ୍ୟତ)

ରାଜ—ନାଇଁ, ନାଇଁ, ବରଜ୍ ଭାଇ ରାଇ, ବାବୁଆ ଏ ଖାନଦାମି
ସବୁକୁ ନ ଅନେଇଁ ମୁଁ ଅଫମ ଖାଇବି କେମିତି ?

ବରଜ୍—କି ପାପ ତମେ କରୁଛ ଯେ । ବରଂ ତମେ ଖାଇଲେ
ବାବୁଆକୁ ତମର ମଣିଷ କରି ପାରିବ । ତା ପାଇଁ କିଛି ରଖି
ପାରିବ । ଏ ବୁନିଆଦକୁ ସମ୍ଭାଳି ପାରିବ । ଦେହ ଭଲ ନ
ରହିଲେ କଣ କରିବ । ଆଜି ମୁଁ ମରିଗଲେ, କହିଲ ଭଲ
ଆଉ କିଏ ତମର ଏ ବିରାଟ ଥାଟ ସମ୍ଭାଳିବ ? ନିଅ,
ଖାଇଦିଅ—ମଁ ଅଛି ଭଲ ମନ୍ଦକୁ—ତମ ଘର ପାଇଁ ବରଜ୍
ତା ନିଜ ଘରକୁ ଅନାଏନି ନିଅ ଖାଇଦିଅ—

( ପାଟିକୁ ରାଜକିଶୋରଙ୍କର ଜବରଦସ୍ତି ଫିଟାଇଦେଲେ
ଗୋଟିଏ ଗୁଳା ବରଜ୍ । 'ହଁ ନାହିଁ'ର ଦ୍ୱନ୍ଦ୍ୱ ଭିତରେ ରାଜକିଶୋର
ପାଟିରୁ ପେଟକୁ ଢୋକି ଦେଲେ । ତାଙ୍କର ଦୁଃଖ ହେଲା ବହୁତ ।
କଣ କଲେ ସେ ବାଉଳା ହେଲେ । ବରଜୁଙ୍କର ଆଶ୍ୱାସନା ତାଙ୍କୁ
ବଳ ଦେଲା । ସେ କିରାଟିକୁ ନେଇ ପାଖରେ ରଖିଲେ । )

ରାଜ—ବରଜୁଭାଇ ! ତମକଥା ମାନି ଆଜିଠୁ ଆକୁ ଖାଇଲି ।
କେତେ ଉତ୍କୃଷ୍ଟ ଔଷଧ ଖାଇଛି, ହେଲେ କିଛି ଫଳ ପାଇନି ।
ଆକୁ ବି ମାସେ ଦି ମାସେ ଖାଇ ଦେଖିବି—ହେଲେ ରାଈ
ଯେମିତି ନ ଜାଣେ ।

ବରଜୁ—ସେଥିରେ କାହିଁକି ଭାବନା କରୁଛ ? ଏଥର ଆଠୁଟା ଦିନରେ ତମେ ଫଳ ପାଇବ । ବରଜକୁ ତମେ କଣ ଭାବ କେଜାଣି । ତମ ଘରପ୍ରତି ମୋର ଏତେ ମମତା ଗୋଟେ ଲାଗିଗଲାଣି ଯେ ମୋ ନିଜଘର କଥା ଦିନେ ହେଲେ ଭାବେନି । ତା ଛଡ଼ା, ଏ ପିଲାଟି ଆସିବା ଦିନୁ ମୋର ଗୋଟାଏ ବେଶୀ ମୋହ ଲାଗିଯାଇଛି ।

ରାଜୁ—ଆଉ ଇନ୍‌କମ୍ ଟ୍ୟାକ୍‌ସ କଥା କଣ କରିବା—

ବରଜୁ—ତମେ ଆଗ ଭଲହୁଅ । ସମୟତ ଅଛି—ବ୍ୟବସ୍ଥା ତାର କରିବାନି ତମେ ଖାଲି ଅଣ୍ଟା ଭିଡ଼ି ବସିରହିଲେ, ମୁଁ ସବୁ କରିଯିବି ।

ରାଜୁ—ମୁଁ ତେବେ ଆସେ ବରଜୁଭାଇ ! ଦେଖି ତମରି ଉପରେ ଭରସା କରି ରହିଲି ।

( ଭିତରକୁ ପ୍ରସ୍ଥାନ—ବରଜୁ ଗୋଟିଏ ବ୍ୟଙ୍ଗ ଚାହାଣୀ ପକାଇଲେ । )

— ଦୃଶ୍ୟ ପରିବର୍ତ୍ତନ —

## ଦ୍ୱିତୀୟ ଦୃଶ୍ୟ

[ ଗାଁ ଦାଣ୍ଡ । ହାଡ଼ିଆ ବନସିଟିଏ ନେଇ ଚାଲିଛି ମାଛ ମାରିବାକୁ— ପଛରେ ତା ମା ପାଳି ଅପା ଧାଇଁ ଠୋକୋଇ ମୁଣ୍ଡେଇ ଚାଲିଛନ୍ତି । ଅଣ୍ଟାକୁ ମାରୁଥିବାରୁ ପାଳି ଅପାକୁ କଷ୍ଟ ହେଉଛି ଓ ସେ ଅତି କାତରରେ ଡାକୁଛି ]

ପାଲ—ହାଡ଼ିଆ, ଏ ହାଡ଼ିଆ—ତୋ ଗୋଡ଼ତଳେ ପଡ଼ୁଛିରେ ହାଡ଼ିଆ, ଟିକଏ ଟୋକେଇଟା ଧର ।

ହାଡ଼ିଆ—( ନ ଶୁଣିଲା ପରି ) ଆ'ମ ବୋଉ, ଚଞ୍ଚଳ ଚଞ୍ଚଳ ଗୁଲଆ । ମତେ ଭାରି ଭୋକ କଲାଣି ।

( ବୋଉର ହାତକୁ ଧରି ଟାଣିବାପରି )

ପାଲ—ଆରେ ପୋଡ଼ା ମୁହାଁ—ମୁଁ ମରିଯିବି ବା, ଟିକଏ ଧର ଏ ଟୋକେଇଟା ।

ହାଡ଼ିଆ—ତୁ କାହିଁକି କେଣ୍ଡ ହଉଛୁ ମ ବୋଉ ? ତୁ ମୋଟେ ମରିବୁନି । ତୁ ବୁଢ଼ୀ ନୁ, ତୁ ମଲେ ମୁଁ ଖାଇବି କୋଉଠି ?

ପାଲ—ଯୋଗ୍ୟ ପୁଅ ତତେ ଜନମ ଦେଇଥିଲିରେ । ହଉ ଯା' ଯା ବନସି ପକେଇ ମାଛ ମାରିବୁ ଯା—ମୋର ଆଉ କେଇ ଦିନକି । ଏ ପୋଡ଼ା କପାଳକୁ ଫେରେ ଯମ ଦିଅଁଙ୍କର ଏଡ଼କି ଅକସ । ମରିଯାନ୍ତି ଭଲ, ଏଗୁଡ଼ା ଆଉ ଦେଖି ଧୂଅ ଧରି ଭଡ଼ନ୍ତନି—

( କଷ୍ଟେ ମଷ୍ଟେ ଟୋକେଇକୁ ମୁଣ୍ଡରୁ ଓହ୍ଲାଇ ଥୋଇବାକୁ ଗଲାବେଳେ ହାଡ଼ିଆ ଧରି ଓହ୍ଲାଇ ଦେଉଛି )

ହାଡ଼ିଆ—ଓଃ ଆଲୋ ବୋଉଲୋ ! ମଣିଷ ବୋଲି ଏତେ ଟିକଏ, ବୋଝ ମୁଣ୍ଡାଇଚି ଦଶ ମହଣ ।

ପାଲ—(ରାଗି) ହାଡ଼ିଆ, ହଇରେ ତୁ ଗୋଟାଏ ଏଡ଼େ ବାଳୁଙ୍ଗାରେ । ଏଡ଼େ ଭେଣ୍ଡିଆ ପୁଅ ଥାଉ ଥାଉ ମୁଁ ବୁଢ଼ୀଟା, ଏ ବୟସରେ ଧାନଟୋକେଇ ମୁଣ୍ଡେଇ ଯିବି ବେଳ ମୋର ଲାଗିଗଲାଣି ।

ହାଡ଼ିଆ—ବେଳ ଲାଗି ଗଲାଣି ! କିଏ କହଥିଲା ଏତେବଡ଼ ଟୋକେଇଟାକୁ ମୁଣ୍ଡେଇ ଆସିବାକୁ ? ଖାଲି ସବୁଥିରେ ମୋରି ଦୋଷ । ମୁଁ ତ ଥରେ କହିଲି ତୁ ଆଉ ଏତେ ଖଅଟ— ନା । ମୋ କଥାତ ମାନୁନୁ—

ପାଲି—ହଉ ମୁଁ ତ ଆଜି ଖଟିବନି—ତୋର ପୁଣି ପେଟ ଚଳିବ କିମିତି ?

ହାଡ଼ିଆ—ନାଇଁ ମୁଁ ଆଜି ଉପାସ ରହିବି ଆଉ ?

ପାଲି—ଉପାସ ତ ରହିବୁ ନାଇଁ । ଆଚ୍ଛା ତୋ କଥା ତୁ ଏଣିକି ସମ୍ଭାଳ । ଏଣେ ଘର ବୁଢ଼ୀ ପାଣି ଆଣୁ ଏ ହେଲାଣି । ତତେ ତ ନଗା ନାହିଁ । ମୋର ତ ଆସି ଶେଷ ସମିୟା ଆସି ଗଲାଣି । କେତେବେଳେ କୋଉ କଥା । ତୋ କଥା କଣ ହବ କହିଲୁ ?

ହାଡ଼ିଆ—କୋଉକଥା ?

ପାଲି—ଖେଳରେ ଖେଳରେ ଖାଲି ଦିନ କାଟୁଛୁ ! ତୋର ତ ଆଗକୁ ପଛକୁ କେହି ନାହାନ୍ତି । ଯାହାଙ୍କର ସବୁ ତୁ ସାଙ୍ଗ ହଉଛୁ, ତାଙ୍କମାନଙ୍କର କଣ ନାହିଁ ? ତୁ ନଲଠା ନୁହଁ, ତାଙ୍କ ସାଙ୍ଗରେ ସମାସ୍କନ୍ଧ ହୋଇ ଦିନ ନାହିଁ ରାତି ନାହିଁ ହେଣ୍ଡି ମାରି ବୁଲୁଛୁ—

ହାଡିଆ—ମୁଁ ଯୋଉକଥାକୁ ଚତେଇ ତୋର ଖାଲି ସେଇ କଥା । ଆମେ କଥା କହୁଛି ତ କହୁନୁ । ଆମର ତ କଛୁ ଦଶ ପଚଶି ନାହିଁ ଯେ ଟୋକରକୁ ଉଠିବା, ଆମେ ସକାଳୁ ମୂଲ ଲାଗିବା, ସଞ୍ଜକୁ ଆଣି ଖାଇବା । ଏଥିପାଇଁ ଗୋଟେ ଏତେ ମୁଣ୍ଡ ଖରାପ କାହିଁକି କରୁଛୁ କହିଲୁ । ଏଇ କଥାତ, ମୁଁ କାମଧନ୍ଦା କରୁନି ? ତୁ ତ କରୁଛୁ । ଦେଖିବୁନି, ତୁ ମରିଗଲେ ମୁଁ ତୋଠୁ ବେଶୀ କାମ କରି ବେଶୀ ଆମ ଘରକୁ ଆଣିବି । ତୁ ସେଥିପାଇଁ ବେପରୁଆ ରହ ବୋଉ ।

ପାଲି—ହଉ, ମୁଁ ଆଉ କିଛି କହିବନି । ଯେତେବେଳେ ବୋହୂକି ସାଆନ୍ତ ତୋ ଘର ବାଡ଼ିତକ ଦଖଲ ନେଇ ନେଇଯିବେ, ସେତିକି ବେଳେ ତୋ ମନରେ ପଶିବ ।

ହାଡ଼ିଆ—ଏଁ, ଏଁ କଣ କହୁଲୁ ବୋଉ ? ହଇଲେ ସେ ବରଜୁଆ ଗୋଟାଏ ମଣିଷରେ ମଣିଷ, ସିଏ ପୁଣି ମୋ ଘରବାଡ଼ି ଦଖଲ ନବ । ତୁ ସିନା ହାଡ଼ିଆକୁ ଜନମ ଦେଇଛୁ, ହେଲେ ହାଡ଼ିଆର ପରାକ୍ରମ ଜାଣିନୁ । ହଇଲେ—ବରଜୁ........

(ବ୍ୟଙ୍ଗ ହସ ଉଚ୍ଚସ୍ୱରରେ ହସିବା)

ପାଳି—ଆରେ ତୁ ତ ମୂର୍ଖ, ତତେ ସିଏ ନାକରେ ପାଣି ପେଇ ଦେବେରେ । ମୋ କଥା ଶୁଣ ଟିକଏ ଭଲ । ଗଲସନ ମୁଁ ଧାନ କରଜ ଆଣିଥେଲି । ସୁଧ ମୂଳ ମିଶାଇ କେତେଗୁଡ଼ା ହେଲାଣି । ବରଜୁ ସାଆନ୍ତ ଆ' ଭିତରେ ଆସି ତାଗିଦା ଲଗାଇଲେଣି । କୋଉଠୁ ଆଣି ଦେବ କହିଲୁ ?

ହାଡ଼ିଆ—କି ଧାନ ବୋଉ, କାହିଁକି ଆଣିଥିଲୁ ?

ପାଳି—ଆଉସନ ଯଉ ନଅଙ୍କ ପଡ଼ିଲା, ବରଷକ ସାରା ତୋର ପେଟ ଚଳିଥାନ୍ତା କମିତି ?

ହାଡ଼ିଆ—ତୁ କଣ ଏଇ ବରଜୁଠୁ ଆଣିଥିଲୁ ? ହଇଲେ ସେଇଟା ଏତ୍ତେ ଦେବାବାଲା କେବେଠୁ ହେଲା ମ ? ହଉ ଆଣିଥେଲୁ ତ ଆଣିଥିଲୁ, ମାଗିଲେ ଦେଇଦେବା—

ପାଳି—ଆରେ ମାଗିବେ କଣ—ମାଗିଲେଣି ପରା । ବରଜୁ ସାଆନ୍ତ ତ ବସେଇ ଉଠେଇ ଦଉନ । କୋଉଠୁ ଆଣି ଦବୁ ଦଉନୁ—

ହାଡ଼ିଆ—ମୁଁ ଦେଇ ଦେବ ବୋଉ ! ତତେ ହଜାରଥର କହିଲି—ତୁ ମାଇପିଲୋକ—ଏ ସବୁଥିରେ ମୁଣ୍ଡ ଖେଳାନା—ଧାନ ନ ଦେଇ ପାରିଲେ ଟଙ୍କା ଦେଇଦେବ—ଆମ ପାଖରେ କଣ ନାହିଁ ?

ପାଳି—ଅଛି ତୋ ପାଖରେ ? କୋଉଠି ରଖିଛୁ ?

ହାଡ଼ିଆ—ତାହାଁଙ୍କ ତୋ କୋଥିଲରେ । ମୁଁ ଜଣ ଦେଖିନ—ସେଇ ଯୋଉ କଗ୍‌ଟଟା ଅଛି, ତାର ଭିତରେ କେତେଗୁଡ଼ାକ ଅଛି

ପାଲି—ଛତରା, ନଫଙ୍ଗା ( ହ' ହାତରେ ହାଡ଼ିଆ ପିଠିରେ ବିଧା ଗୁପୁଡ଼ା କୋର ଦେଇଗଲା—ହାଡ଼ିଆ ମିଛ କାନ୍ଦ କାନ୍ଦିଲା—ପୁଣି ହାଡ଼ିଆକୁ ଆଉଁସି ପାଖକୁ ଆଣି ) ତୁ ତ ବୁଝିନୁ । ମୁଁ ଏବେ ମ ଇପିଟା କଣ କରିବ ?

ହାଡ଼ିଆ—ଆଲୋ ସତରେ ଟଙ୍କା ମ ଗୁଛି ?

ପାଲି—ମାଗୁଛି କଣରେ ବସେଇ ଛଟଠଇ ଦଉନ ମରା ! ଆରସନ ବାକଥିଲା ବୋଲି ପାଞ୍ଚଟଙ୍କା ନେଇଥିଲା । ପୁଣି ଏଇନେ କହୁଛି ସୁଧମୂଳ ସହିତେ କୋଡ଼ିଏ ସାତ ଗୌଣୀ ଧାନ । କୋଉଠୁ ଆଣିଦେବି କହିଲୁ ?

ହାଡ଼ିଆ—ଆଚ୍ଛା ବୋଉ ! ଏଇ ବରଜ ଗୁମାସ୍ତାତ ? ସବୁଦିନେ ରାତିରେ ଏଇ ନଈବନ୍ଧ ବାଟେ ଏକୁଟିଆ ଯାଉଛି—ତୁ କହୁନୁ ମୁଁ ତାଙ୍କୁ ଅନ୍ଧାରରେ ଏକା ପାହାର ଦେଇ ଏକଦମ୍ ଶେଷ କରି ଦିଅନ୍ତି ଆଉ ଥ ଆନ୍ତା ଯେ ଆମକୁ ମାଗନ୍ତା ?

ପାଲି—(ହାଡ଼ିଆ ମୁହଁରେ ହାତଦେଇ) ହାଡ଼ିଆ ତତେ ଧରମ ଗୁହାରି ଲାଗିଣି ଜ ରେ । ଆରେ ଏଇନେ ପରା ତାର ରାଇଜ ହୋଇଛି । କେତେଲୋକଙ୍କ ଘର ବୁଡ଼ାଇ ବୁଡ଼ାଇ ଏଇନେ ପରା ମୁନିବ ଘର ଏଇ ରାଜ ଭାଇ ଘର ବୁଡ଼େଇବାକୁ ବସିଲାଣି—ତୁ ମରିବା କଥା କହୁଛୁ କରେ—ଯଦି କେଏ ଶୁଣି ତାଙ୍କ କାନକୁ ନଏ, ଆମର ଆଉ ଦଫ ରଫା ରହିବଟି ?

ହାଡ଼ିଆ—ହଇଲୋ ବରଜଆ ଗୋଟାଏ ମଣିଷରେ ମଣିଷ ? ଧାନ ଦେଇଥିଲା କଏ ମାଗିବାବାଲା ଏଇଟା କଏ ?

ପାଲି—ଆରେ ସିଏତ ରାଜ ଭାଇଙ୍କର ସବୁ ? ସେଇଥିପାଇ କହୁଥିଲି ତୁ ତାଙ୍କ ସାଥିରେ ଯାଇ ବୁଲି ବୁଲି କରି ଧାନ ଫାନ ଅସୁଲ କର । ତୁତ ଛତରା ହୋଇ ବୁଲିଲୁ—ମୋ କଥା ଶୁଣିଲୁନି—

ହାଡ଼ିଆ—କଣ ? ନାଇଁ ନାଇଁ କଣ କହିଲୁ ବୋଉ ? ହେବ, ସେଇଟା ଗୋଟାଏ ମଣିଷ, ସିଏ ପୁଣି ମୋ ଉପରେ ହାକମି ଦେଖାଇବ ? ଛି, ଛି, ଛି, ତୋର ମୋଟେ ବୁଦ୍ଧି ନାହିଁ ।

ବରଜ—(ପଛରୁ ଆସ୍ତେ ଆସ୍ତେ ଆସି) କଏ ବାପା ହାଡବନ୍ଧୁ—

ପାଲି—କୁହ ନାଇ ସାଆନ୍ତେ । ଏଡ଼େ ପିଲଟା ହେଲଣି । ମୋଟେ ମନରେ ପୁରାଉନ ।

ହାଡ଼ିଆ—ହୁଁ ଖାଲି ଏଡ଼େ ପିଲଟେ ସେଡ଼େ ପିଲଟେ—

ବରଜ—ଚୁପ୍—ଆରେ ପାଲି ଭଲଆ ମା'କୁ ତୁ ଜବାବ ଦଉଛୁ ? ହେଁ—ଗୋଟାଏ ବନସି ଧରି ମାଛ ମାରି ବୁଲିଲା । ମୁଁ ତ ଡାକୁଛି ମୋ ସଙ୍ଗରେ ଆସୁନୁ—ନଇଲେ ମୁଲ ଲଗିବାକୁ କୋଉଠିକି ଯାଉନୁ—ହତଭାଗା । ହଁ ପାଲି, ଆଉ କଣ କଲୁ ?

ପାଲି—ସେଇ କଥା ପରା ହାଡ଼ିଆକୁ ଏଇନେ କହୁଥିଲି ସାଆନ୍ତେ !

ବରଜ—ସିଏ କଣ ମଣିଷଟେ ଯେ ତାକୁ କହୁଥିଲୁ ? ତୁ କଣ କଲୁ କହ ! ଏଣେ ଟଙ୍କା ଦାଖଲ ତାରିଖ ପାଖେଇ ଗଲଣି । ଏଇ ଇନ୍‌କମ୍ ଟିକସ କଥା ମୋ ଉପରେ ଦାୟିତ୍ୱ ଆସିଯିବ । ଯଦି ଧାନ ସୁବିଧା ନ ହଉଛି ତ ଟଙ୍କା ଦେଇ ଦେ ।

ପାଲି—କଣ କରିବି ସାଆନ୍ତେ । ଏଇନା ତ ମୋ ପାଖରେ ପଟା ଦାମୁରି ବି ଗୋଟାଏ ନାହିଁ ।

ବରଜ—ଅଣ୍ଟି ନ ଅଣ୍ଟିକୁ ତିରିଶ ଗୌଣୀ ଧାନ ହେଲେ ନଗଦ ତିରିଶ ଟଙ୍କା—ମୁଁ ଆଉ କଣ କହିବି କହ ।

ପାଲ—ଟଙ୍କା ମୁଁ କୋଉଠୁ ଆଣି ଦେବି ? ଆଉ ମୋର ଉପାୟ କିଛି ନାହିଁ—ଯାଉଛି ଯିବ ବାବୁଆ ମା' ପାଖକୁ । ତା ଗୋଡ଼ତଳେ ପଡ଼ି କହିବି ମୁଁ ଆଉ ଦେଇ ପାରିବିନି—ଆଉ କିଛି ଅଳଙ୍କାର ମୋର ନାହିଁ ।

ବରଜୁ—ସେଠିକି ଗଲେ କଣ ହବ ଲୋ ପାଲ ! ସେତ ହେଲେ ମାଇପି ଲୋକ । ଶରସ୍ତା କଥା କଣ ସେ ଜାଣନ୍ତି । ଆଉସବୁ ପରୁ ଟିକସ ଟଙ୍କା ଦାଖଲ ହୋଇ ପାରିଲାନି ଯେ, ରାଜାବାବୁ ବନ୍ଧା ହୋଇ ଯାଇଥାନ୍ତି । ମୁଁ ଯଉ ହିନସ୍ତା ହୋଇ ମୁଣ୍ଡ ଲଗେଇଲି, ସେ କଥା ମୋ ମନଜାଣେ । ବାବୁତ ଅମିର । ତାଙ୍କର ଖିଆଲତ ଜମା ଇଆଡ଼େ ନାହିଁ । ମୁଁ ଆଉ ଏଥର ଏତେ ଦାୟିତ୍ୱ ମୁଣ୍ଡ ଉପରକୁ ନେବିନି । ସିଏ ନବ ତ ସିଧା କଚେରି ଉପରେ କଥାବାର୍ତ୍ତା—କିଏ ଏତେ ହଇରାଣ ହବ ହୋ !

ପାଲ—(ଭୟରେ) କଣ କରିବି ମୁଁ ସାଆନ୍ତେ ? ହଇରେ ହାଡ଼ିଆ, ଶୁଣୁଛୁଟି ?

ହାଡ଼ିଆ—ହଁ, ବା ଯାହା ହଉଚ ହଉ, ଦେଖିବାନି ତୁ [illegible]ତ ଉରୁଚୁ ବୋଲି ସିଏ ତତେ ବେଶୀ ଡରଉଛନ୍ତି—

ବରଜ—ହଁ ! ପିଲାଖେଳ ନୁହେଁ ରେ ବାପା ! ଆଜ ବରଜୁ ଛଡା ଆଉ କେହି ହୋଇଥିଲେ, କୋଉଦିନୁ ତମ ମା'—ପୁଅଙ୍କର କାମ ବଢ଼ି ସାରନ୍ତାଣି । ବୋଉକୁ ପଚାର ସିଏ ଜାଣେ—

ପାଲ—ଛାଡ଼ ସାଆନ୍ତେ ତା କଥା । ତମେ କୁହ ମୁଁ କଣ କରିବି ?

ବରଜୁ—ଆଲୋ ପାଲ ! ତୁ କଣ ମତେ ଜାଣିନୁ—ଏ ଆରସବୁ ଫେରେ ତତେ ବଞ୍ଚେଇ ଦେଲି ନା ?

ପାଲ—ଏ ସବୁ ତ ତମେ ଦୟା ନ ଦେଲେ ମୁଁ କଣ କରିବି ସାଆନ୍ତେ ! ଧାନ କୁଟି ଫି ସବୁ ଏତେ ଆଣି ଜୁଆଡ଼ୁ ଦେବି ?

ବରଜ—ଆଲେ ତୁ କହୁଛୁ—ମୁଁ କଣ ତୋ ମୁହଁକୁ ଚାହୁଁନ ।
ଦେଖନୁ ଏ ବାଜୁଙ୍ଗା ଟୋକାକୁ (ହାଡ଼ିଆକୁ କଟମଟ ଅନାଇ)
ପାଲି ପାଲି ମୋ ହାତ ବାନ୍ଧି ଦଉଚ  ନଇଲେ ତୁ ହେଇ-
ଥିଲେ ଚାରି ଚାରିଥର କଟେଗାକୁ ଦଉଡ଼େଇ ତୋ ଦଫାରଫା
ଶେଷ କରି ଦିଅନ୍ତିଣି

ପାଲି—ଥାଉ ହାନ୍ତେ— ସେଟା ତ ସେମିତି, ତା କଥା କ'ଣ ଗୋଟେ
ଧରୁଛ—ଗଣ୍ଡାଟାଏ ମୁଁ । ମୋ ଆଡ଼େ ଟିକଏ ନଜର
ନଦେଲେ—

ବରଜ—ଆଲେ ମୁଁ ନଜର ନ ଦେଇଥିଲେ ଆଜଯାକେ ଥାନ୍ତୁ
କୋଉଠି  ଆଚ୍ଛା ଶୁଣ—କଣ ଚାଉଳ ଫାଉଳ ଅଛି ? ଶୁଣ,
ଢ଼' ଗୌଣୀ ଚାଉଳ ବାହାର କରି ସୁଧଟାକୁ କାଟିଦେବ—
ଆଉ ଏ ସନୁଟା ବି ଦୋଷ ରି ଦେବ  ବୁଝିଲୁ ଆରେ ହାଡ଼ିଆ
ଟିକଏ ମଗଜ ରଖି କଥାବାର୍ତ୍ତା କର । ମୋର
ଗୋଟାଏ ସ୍ୱଭାବ କଣ କି ପାଲି  ଗରିବ ଗୁରୁବା ଦେଖିଲେ
ମୋର ଆଉ କଲମ ଚଳେଇ ଦେବାକୁ ଇଚ୍ଛା ହୁଏନି—
ହେଲେ ଥିବାବାଲଙ୍କ ପାଇଁ ତ ମୁଁ ଯମ । ହଉ ମୁଁ ଯାଉଚି —
କାଲି ଯେତେବେଳେ ହେଲେ ହାଡ଼ିଆ ହାତରେ ଆ... ଘରକୁ
ଚାଉଳ ଢ଼' ଗୌଣୀ ପଠେଇ ଦେବୁ—ଏଁ—(ପ୍ରସ୍ଥାନ)

ପାଲି—ଶୁଣିଲୁ ହାଡ଼ିଆ ? ଶୁଣିଲୁତ ? ଢ଼' ଗୌଣୀ ଚାଉଳ ସେ
ନେଇଗଲେ ତୋ ଗୁଣ୍ଡା ଚଳିବ କେମିତି ? କାହିଁକି ମତେ
ଏତେ ଦହଗଞ୍ଜ କରି ମାରୁଛୁରେ । ମୁଁ ହେଲେ ମରି ଯାଉନି
ଯେ—ଏ ବୁଢ଼ୀ ଢନେ— ସେ ନଆଁ ସି ପୁଅ ମୋ ପାଖରେ
ଛୁଆଟାକୁ ଛାଡ଼ିଦେଇ ଚାଲିଗଲା—ମୁଁ ଖାଲି ଛଟପଟ ହେଇ
ମରୁଛି ।

ହାଡ଼ିଆ—ହଁ ବା ବୋଉ—ତୁ ଖାଲି ଡରି ଯାଉଛୁ .ବୋଲି ସିଏ ତତେ ବେଶୀ ଡରଉଛି । ସେ ଗୁଡ଼ଉଳ ଫାଉଲ କାହାକୁ ଦିଆ ଯିବନି—ମୁଁ ଆଜି ରାଜୁ ମାମୁଁ ପାଖକୁ ଯିବି । ସବୁ ଠିକ୍ କରି ଦେବ—ସେ ଗୁଲମଣ୍ଡା କମିତି ଗୁଡ଼ଉଳ ନବ ଦେଖିବ ? ଧ'ଠୋକେଇ ଠା ମୋ. ମୁଣ୍ଡକୁ—ତତେ ମୁଁ ଥରେ କହିଲି ସେ ସବୁ ମାମଲତି କାମ ମୋର—ତୁ ମାଇପି ଲୋକ—କାହିଁକି ମୁଣ୍ଡ ଖେଲଉଛୁ ଯେ—ଆରେ, ଗୁଡ଼ଉଳ ନବ ! ଗୁଲି ବୋଉ—(ଦ୍ରୁତ ପ୍ରସ୍ଥାନ)

---

## ତୃତୀୟ ଦୃଶ୍ୟ

[ଅଫିମ ଗଞ୍ଜେଇ ପଣ୍ଠା ଦୋକାନ । ଦୋକାନ ଖୋଲି ନାହିଁ—ବେଳ ବୁଡ଼ିବା ଉପରେ । ଦେଖାଗଲା ନଟିଆ ବୁଲି ଆଗରୁ ଆସି ସେତେବେଳେ ଦୋକାନ ଖୋଲି ନ ହୋଇ ଥିବାର ଦେଖି ଦୋକାନ ସାମନାରେ ବସି କାଲିର ବଳକା ଥିବା ଗଞ୍ଜେଇ ଟିକକ ଲଗେଇଲେ । କଡ଼ାରେ ନିଆଁ ଦେବାବେଳେ ଆସିଲା ଫକିର—ନଟିଆ-ବୁଲିଙ୍କ ବୟସ ୨୯।୩୦ ବର୍ଷ ଓ ଫକିର ବୟସ ପଚିଶ ପାଖାପାଖି ହେବ । ]

ଫକିର—କିରେ ପିଲେ ? ଆଗରୁ ତ ବଡ଼ ସଅଳ ଆସିଗଲିଣି—

ବୁଲି—ହଁ ମଉସା—

ଫକିର—କିରେ ଦୋକାନ ତ ଖୋଲି ହୋଇନି, କୋଉଠୁ ପାଇଲ ?

ନଟିଆ—ମଉସା, କାଲିଠୁ ଟିକେ ବାସୀ ମାଲ ଥେଲା । ଆସ ମଉସା —ଟିକଏ ବଇନି କର—

ଫକିର—ହଉ, ହଉ, ଟିକିଏ ଭଲ କି ଦେଲ । ଏଁ ମିଆଁ କଣ କରୁଚ ବା ଏତେବେଳ ଯାଏ—ହୋ ମିଆଁ ପୁଅ । ମୋର ଏବେ କଣ ହେଲଇତକି ଜିନିଷ ସକାଳଠୁ ସରଯାଇଚି—ଧୁଅଁଟା ଜାହିଁକି କେମିତି ହେଲା ଯେ ସକାଳେ ଆଜ ଏଆଡ଼େ ଆସି ପାରିଲନି—ଆଉ କଣ କହିବି ପୁଅ—ଆଖି, ନାକରୁ ଯୋଉ ପାଣି, ଏଣେ ମୁଣ୍ଡ ଧରପକାଇ ବଡ଼ କନ୍ଦର୍ପ୍ୟା ହେଲିଣି ନା— ଏ ମିଆଁ କଣ ଫିଟେଉନି—

ବୁଲୁ—ହଉ ଆସ ମଉସା—ନିଅ—ମିଆଁ ର ଟାଇନ ହେଲେ ସିଏ କଲେ ଫିଟେଇବନି ?

(ଫକିର ଗଞ୍ଜେଇ ବଇନକଲା—ତାପରେ ନଟିଆ ଓ ବୁଲୁ ଶୋଇଲେ )

ବୁଲୁ—ଆଚ୍ଛା ମଉସା, ତମର କେତେ ସାଲ ହେଲା ଅଫିମ ଖାଇବା ?

ଫକିର—ଏଗାର ସାଲ ହେଇଗଲା । ହେଲେ ଏଇ କଳା କୃଷ୍ଣ ମୋ ଜୀବନଟାକୁ ବଞ୍ଚେଇ ଦେଲା । ଏମିତି ବେମାର ପଡ଼ିଲି ଯେ ପୁଅ ହଲଚଲ ହବାର ଯୁଁ' ରହିଲାନି । କେତେ ଡାକ୍ତର ବଇଦ ଥକିଗଲେ—ମୋଟେ ମାନିଲା ? ହେଇଟି, ଆମ ଗୁରୁ ଥାନ୍ତି—ଇହଲୋକ ହେଇ ଗଲେଣି ( ଗୁରୁଙ୍କ ଉଦ୍ଦେଶ୍ୟରେ ନମସ୍କାର ହେବା ) ଏଇ ପାଣୁ ଗୋସେଇଁବା—କହିଲେ ଟିକିଏ ଚଳା—ଆଉ କଣ କହିବିରେ ପୁଅ—ସତକୁ ସତ ଗୁଣ ଖାଇଲି ପେରି ମତେ ଯମପୁରୀରୁ ଲେଉଟେଇ ଆଣିଲା ।

ନଟିଆ—ହେଇଥିବ, ହେଇଥିବ, ଆ' ଗୁଣ ନ ଜାଣିଲା ଲୋକ ଠସିଲ କରନ୍ତି । ହଇରେ ବୁଲା, ଔଷଧରେ ତ ଭଷ ରଖା ଯାଉଛି, ନା କଣ ମଉସା ?

ଫକସ୍—ତମେତ ସବୁ ପିଲା ଏ ଲାଇନରେ । ମତେ ଘର ଆଉ ପାଖରୁ ଜବରଦସ୍ତି ଟାଣି ଆଣିଲ । ଏଇ କାଙ୍ଗାଳଆଟା ମରୁଥିଲା ନା ଭସିଲାସନ-ଯେମିତି ଟିକଏ ଟିକଏ ଚଳେଇଲା, ଦେଖିଲୁ ଏଇନେ କେମିତି ଗଜା ଟୋକାଟା ପରି ଦେଖା ଗଲାଣି ?

ବୁଲ୍—ଆଜ୍ଞା ମଉସା, କଣ ଅଫିମ କୁଆଡ଼େ ସରକାର ବନ୍ଦକରି ଦେଉଛି—

ନଟିଆ—ଆରେ ହେଲା ହେଲା, ସେଇଥିପାଇଁ କଣ ଗୋଟାଏ ଅଫିମ ଗୁଣ୍ଡ ଔଷଧ ବାହାରିଛି ପରା—

ଫକସ୍—ହଁରେ ପୁଅ, ବନ୍ଦ କରିଦେବ—ଦୋକାନ ଉଠେଇ ଦେବ ସିନା—ଆଉ ଅଫିମ କଣ ଆସି ପାରିବନି ? ତା ବରାଦ ମୁଁ କରି ରଖିଛି ।

ନଟିଆ—କଅଣ ମଉସା ? କ ବରାଦ କରିଚ କହିଲ—ମଣିଷ ଧିଅରେ ହେଲେ ଟିକଏ ରକ୍ତ ପଶୁ । ଆଉ ଟିକଏ ଟିକଏ ନ ମିଳିଲେ ତ ମରିଯିବା କଥା ।

ବୁଲ୍—ମଉସା ଭାରି ହୁସିୟାର । ତୁ ଡରୁଛୁ କାହିଁକି ନଟିଆଇ—ମଉସା ଆମର ବନ୍ଦୋବସ୍ତ କରିବେନି ।

ଫକସ୍—ବନ୍ଦୋବସ୍ତ କରି ରଖିଛିନା—କୋଡ଼ିଏ ସାଲ ହେଲା ଅଫିମ ଖାଇଲେଣି କୋଡ଼ିଏଟା ଠିକାଦାରଙ୍କ ସଙ୍ଗରେ ଭାବ, ଏ କଣ ଗୋଟାଏ କୁପନ ନାଁ ଫୁପନ ବାହାର କରିଛନ୍ତି । କରେ ଆମେତ ଖାଇବୁ ସୁକଏ, ତୁମେ ଆମକୁ ଅଣାଏ ଦିଅ—ତାହେଲେ ଆମକୁ ମାରିବା କଥା କରୁନ ? ଅଫିମ ଗୋଟାଏ କ ବା ଜିନଷ, ତାକୁ ଯୋଗେଇ ପାରିବନି—ଆଉ ତମେ କ ସରକାର ହେବ । ହଇରେ ନଟିଆ ?

ନଟିଆ—ହଁ, ଇଏ କ ସରକାର ମ ? ଖାଲି ଭୋଟ ଦଅ ଭୋଟ ଦଅ ବୋଲି ଗାଇ ବୁଲୁଛନ୍ତି । ଭୋଟ ଦେଇ ସାରିଲୁ ଯେମିତି କଣ ନାଁ ଅଫିମ ଦୋକାନ ଉଠେଇ ଦେବେ—ନା ନମକ ହାରାମୀ କଥା କହିଲ ମଉସା । ପୁଣି ଏଇନେ କହୁଛନ୍ତି କଣ ନା, ଏଇ ସେଦିନ ସେ ବାହ୍ମୁଣ ଦାଣ୍ଡରେ କ'ଣ କାଗଜ ପଢ଼ି କଥାବାର୍ତ୍ତି ହେଉଥିଲେ, ଏଇ ନିଶା ଜିନିଷ ସବୁ ଉଠେଇ ଦେବେ—ସେଥିରେ ସମସ୍ତଙ୍କର ଉପକାର ହେବ ।

ଫକିର—ହଁ, ହଁ, ଉପକାର ନୁହେଁ କଣ—ଆମ ମାନଙ୍କୁ ନମିଳିଲେ ଅଦିନେ ଆଖି ବୁଜିବା, ଇଏ କଣ କମ୍ ଉପକାର ? ଏ ମିଆଁ ଲଞ୍ଜିତ ଭାରି ମୋଟା ହୋଇ ଗଲାଣି—କଣ ଏତେ ବେଳ ଯାକେ ଦୋକାନ ଖୋଲୁନି ?

ନଟିଆ—ହଉ ମଉସା, ଏତେ ବ୍ୟସ୍ତ କାହିଁକି—ତା ବେଳ ହେଲେ ଖୋଲିବନି—ମିଆଁ ଟା ମନ୍ଦ ଲୋକ ନୁହେଁ ଯେ—

ଫକିର—ଜଟରେ ବୁଲା, ନଟିଆତ କଣ ମିଆଁକୁ ଭାରି ଚଟେଇଛି—

ବୁଲା—ମିଆଁ ଠଉଁ ଟିକିଏ ମାଗଣା ପକେଇ ଦେଇଥିବ—

ନଟିଆ—ହେ ବୁଲା ! ମୁଁ ସେମିତିକା ପରିରଚଟା ନୁହେଁ—ଆରେ ତା ହୋଇଥିଲେ ସେ ଦିନ ସେଇ ଜିନିକ ସଙ୍ଗେ ସଙ୍ଗେ ଛଡ଼େଇ ଦେଇଥାନ୍ତି ଗୁଡ଼ଗୁଣ୍ଡ ଅସଲ ଚୋତ ।

ଫକିର—ନାଇଁ, ନାଇଁ ବୁଲା, ତାର ସେମିତିକା ମୋଟେ ସ୍ୱୋଟ ମିଜାସ ନୁହେଁ—ଆଁ ଭିତରେ ପରା ମାଣେ ହବ ବଲ ଛଡ଼େଇ ଦେଇ ସାରିଲାଣି ଖାସ୍ ଟିକିଏ ଶାନ୍ତିରେ ଟିକିଏ ଅଫିମ ପକାଇବ ବୋଲି— କାହାକୁ ଦିନେ ମାଗେନି—ଆରେ ନଟ, ତୋ ବଲ ସବୁ କଣ ବରଜ୍ନେଲ ବୋଲି ଶୁଣିଲି—

ନଟ—ହ ମଉସା । ଗାଁରେ ଏଇନେ ତ ତାଙ୍କର ଦ'ପଇସା ଅଛି ।

ବୁଲ—ହଁ ବା; ମାଗି ଖାଉଥିଲା ତିନିବର୍ଷ ତଳେ । ଏଇ ମହାଜନ ଘରେ ରହି ଆଡ଼େ ମାରିଦେଲା ।

ଫକିର—ମାରିଦେଲା କୋଲ ମାରିଦେଲା । ଘର ଡିହ ନ ଥିଲା, ଦୁ'ବର୍ଷ ଭିତରେ କରି ନେଲାଣି ସାତ ଏକର ଅସଲ କ୍ଷେତ । ପୁଣି ଶୁଣୁଛି, କଣ ଭିତରେ ଭିତରେ ଦେଢ଼ୀ ମହାଜନୀ ଚଳେଇଚି ।

ନଟିଆ—ହଁ ପଇସା ହେଲ ନ କରିବ କାହିଁକି ! ହେଲେ ସିନା ଆମର ଭାରି ଉପକାର କରୁଛି । ଏ ମହାଜନଆଣୀଙ୍କର କୋପ ଦୃଷ୍ଟି ପଡ଼ୁଛି ଏଠୁ ଦୋକାନ ଉଠେଇ ଦେବାକୁ । ତାଙ୍କ ଜାଗା କି ନା । ବରଜବାବୁ କଣ ଏ ପାଖ ସେ ପାଖ କରି ତାକୁ ପୁଣି ଅଟକାଇ ଦେଉଛି ନା ।

ଲତିଫ ମିଆଁ—( ଦୋକାନ ଖୋଲିଲା । ଧଡ଼ ଧଡ଼ ଶବ୍ଦ ଶୁଣି ନଟିଆ, ବୁଲ ଓ ଫକିର ଫେରି ଚାହିଁଲେ । ଆଶାୟୀ ଆଶା ତାଙ୍କର ସତେ ଯେମିତି ଫଳବତୀ ହୋଇ ଉଠିଲା—ଅତି ଆଗ୍ରହରେ ଉଠି ଦୋକାନ ପାଖକୁ ଧାଇଁ ଗଲେ )

ଫକିର—କଣ ମିଆଁ ପୁଅ ଏତେ ଡେରି କରୁଛ ଆଜିକାଲି ଦୋକାନ ଖୋଲିବାକୁ ।

ବୁଲ—ସରକାର କଣ ଟାଇମ ବାନ୍ଧି ଦେଲେଣି କି ?

ଲ: ମିଆଁ—ହଁ, ତାଙ୍କ ଏକରକମକା ଠିକ୍ ଅଛି ଯେ । କଡ଼ା କଡ଼ା ଆଇନ୍ ଅଭି ଅଛି । ହଁ କ୍ୟା ଲେଗା ବୋଲ ବୋଲ—

ଫକିର—ଭରିଏ ଦିଅ—ହଁ, ଓଜନ ଟିକିଏ ଦେଖିକରି ଦିଅ—ବଡ଼ କମତି ହେଇଯାଉଚି ମୋଟେ ଭେଟଉନି—

( ସମସ୍ତେ ନିଜ ନିଜ ବରାଦ କଲେ )

ବୁଲ—ଦେ'ବା ଟିକଏ ଭଲକରି—କଣ ଏମିତି ତରାଜୁଟାକୁ ଘଞ୍ଚ ଦଉଛୁମ ?

ଲ. ମିଆଁ—ଆବେ ବୁଲା, ହାମର ପାଶେ ଏମ୍ତି କହନା—ସାର ଓଜନ ଦେତା—

ବୁଲ—ହଁରେ ପୁଅ, ଏଇ ପାପ, କମେଇଁ କମେଇଁତ ଦୋକାନ ଉଠିବା ଉପରେ—

ଲ: ମିଆଁ—ଏଁ ଏଁ, କଣ ବୋଲିଲ । ( ଦୋକାନରୁ ବାହାରକୁ ଆସି ଅତି କାତରରେ )

ଫକିର—ହଁ' କଣ ପାଉଛମ ମିଆଁ ପୁଅ ସେ ଚଗଲା କଥାରୁ—

ଲ' ମିଆଁ—ନାଇଁ ନାଇଁ ତେବେ ବାତ୍ କଛୁ ଥିବ ନା । ହେଇ ସେ ମାହାଜନ ଘର ବରାବର ପିଛୁ କରିଛି ଦୋକାନ ଉଠାଇ ଦେନେକେ ଲିଏ—

ନଟିଆ—ଆରେ ମିଆଁ ପୁଅ—ବରଜୁଭାଇ ସେ ସବୁକୁ ଉଡ଼େଇ ଦେଲଣି । ତମେ ଅଯୁ ଧର ମିଆଁ ସାହେବ—ଆମେ ଥାଉ ଥାଉ ଦୋକାନ ଏଠୁ ଉଠାଇବ କିଏ ? କିଏ ଧରମ କରୁଛି, ଆଉ ମହାଜନ ପଇସା ବାଲା ହେଲା ବୋଲି କଣ କେତେ ଗୁଡାଙ୍କୁ ମାରିଦେବ—ସମସ୍ତଙ୍କର ନିଶ୍ୱାସ ପଡିବନି—

ବରଜୁ—ଧୀରେ ଧୀରେ ପ୍ରବେଶ କରିବା, ହାତରେ ଖଣ୍ଡେ ବାଙ୍କୁଲି ବାଡ଼ି—କାନ୍ଧରେ ଗୁଦର ଆରେ ସିଏ ହେଲେ ପଇସାବାଲା ନିଶ୍ୱାସ ପଡ଼ିଲେ କଣ ହବ ତାଙ୍କର, ମାହାଜନିରେ ଏତେ ଗଣ୍ଡି ଖଣ୍ଡିଙ୍କୁତ ଭସାଇ ଦେଲେ—କଣ ହେଲା ତାଙ୍କର ? ଆଉ ଆଜ ଅଫିମ ଦୋକାନଟା ଉଠାଇଦେଲେ ତାଙ୍କର କଣ ହବ—

ଲ: ମିଆଁ—( ସମସ୍ତେ ପାଖକୁ ଯାଇ ବରଜ ଙ୍କର ) କଣ ହେଲା ବରଜୁବାବୁ ।

ବରଜ୍—ବରଜ୍ ଯୋଉ କାମରେ ହାତଦିଏ ତାକୁ କଣ ଖଇରୁ କରି ଛାଡେ ?

ଲ: ମିଆଁ—ସାବାସ୍ ( ଆନନ୍ଦରେ ଗଦ ଗଦ ହେବା ) ସାବାସ୍ ବରଜ୍‌ବାବୁ—

ଫକରୁ—ମୁଁ କଣ କହୁଥିଲି ମିଆଁ ପୁଅ ? ସିଏ ଯୋଉଥିରେ ହାତ ଦେବେ ତାକୁ ପୁରା ନ କରି ଛାଡ଼ିବେନି—ଠକ୍ ନେଇ ଆଣି ଥୋଇ ଦେବେ—

ବରଜ—ଆରେ ନାଇଁବା ଫକରୁ ! କଣ କମ୍ ଏକର ସେକର କଲିଣି ? ଏ ମାଇକିନିଆର ଏକା ଜିଦ୍ ଯେ ମୋ ଯାଗାରେ ଆଉ ଅଫିମ ଦୋକାନ ରହିବନି—ତାପରେ ଏ ଯାଗା ଖଣ୍ଡିକ ଛାଡ଼ିବ ଆଉ ସେମିତି ସୁବିଧା ଯାଗା ଏଠି କୋଠି ନାହିଁ । କରେ କଣ ? ଏଣେ ମିଆଁ ସାହେବଙ୍କ ସଙ୍ଗରେ ଗୋଟାଏ ଭାବ । ଉହୋ ସେ ଏବେ ଆମ ଜାତିର ନ ହେଲେ ବି ଏଠିତ ଗୋଟାଏ ଆଖଡ଼ା କରି କେତେ ଗୁଡ଼ାଏ ଲୋକଙ୍କର ଉପକାର କରୁଛନ୍ତି । ଲଗାଇଦେଲି ସୂତ୍ର, ତାପର ସବୁ ଚୁପ୍ ଚାପ୍— ( ଲ: ମିଆଁ ଦୋକାନ ଭିତରକୁ ଯାଇ ପାଞ୍ଚୋଟି ଟଙ୍କା ଆଣି ବରଜୁଙ୍କ ହାତରେ ଗୁଞ୍ଜିଲେ )

ଲ: ମିଆଁ—କାମଟାକୁ ପକ୍‌କା କରନା, ବରଜ୍‌ବାବୁ—

ବରଜୁ—( ଟଙ୍କାକୁ ଅଣ୍ଟାରେ ମାରୁ ମାରୁ ) ଏ ରଖ ରଖ ଏ ଦବାନବାଟା ଗୋଟେ କଣ ବଡ଼କଥା । ଏତେ ଲୋକଙ୍କର ସୁବିଧା ଦେଖିବା କଣ କମ୍ କଥା ମୁଁ ତ ଗରିବ ଲୋକ । ଭାବିଲି, ଦେଇ ନେଇତ ଧରମ କରି ପାରିବିନି । ଏଇ ଗୋଟିଏ

କାମ ହେଲେ କରେ । ସୂଦ୍ର ଖଞ୍ଜି ଦେଲି—ହେଇଟି, ଚଖେଇ ଦେଇଛୁ । କଳାକୃଷ୍ଣଙ୍କ ଚଖେଇ ଦେଇଛୁ ରାଜାବାବୁଙ୍କୁ । ମହମ ପଡ଼ିଚ ଲଗି ଯାଇଥିବ । ଅଜ ଲୁଚିବ ଯେ, ଦୋକାନ ଉଠିବ—ଏଇନେ ତ ଦାନକୁ ଦୋଶିଟିଏ ଚଳାଇଣି—ଅଜ କିଛୁ ଦାନ ପରେ ସୁକଏ—ତାପରେ ଅଧିଲାଏ କାହିଁକ ମିଆଁଙ୍କୁ ପଗୁରୁନ—ତାଙ୍କଠୁ ଯାଉଚ ବୁଝିଲ ବୁଲ, ନଟିଆ ଖାସ୍ ତମର ମାନଙ୍କ ପାଇଁ ଏତକ କଲି । ଆଗୁ ମିଆଁ ସାହେବ ମୁଁ ଆସୁଛି—

ଲ: ମିଆଁ—ହଁ ହଁ ଯାଆନ୍ତୁ ଆପଣ ବଡ଼ା ଉପକାର କରିଲ, ବରଜୁ ବାବୁ ନମସ୍ତେ, ନମସ୍ତେ ।

(ବରଜ ଗଲେ, ମିଆଁ ବାଟେଇ ଦେଇ ଫେରିଲେ ଦୋକାନକୁ )

ଫକିରା—ହୋ କେଡ଼େ ଗ୍ଳଲରେ—ଦେଖିଲୁ , ନଟିଆ, ବୁଲ, କେଡ଼େ ଗ୍ଳଲୁ ?

ବୁଲ—ଗ୍ଳଲୁ ବୋଲି ଗ୍ଳଲୁ, ଏକଦମ୍ ତମଣା ସାପଚ—ଫଣା ନ ଥିଲେ କଣ ହେଲ ଗୁରୁବାରିଆ ବିଷ ଭରା ଠାଣ ।

ନଟିଆ—ଗ୍ଳଲ ମଉସା । ଭାଗବତ ଟୁଙ୍ଗି ଆଡ଼େ ଯିବା ପରା—

( ସମସ୍ତେ ପ୍ରସ୍ଥାନ )

## ୪ର୍ଥ ଦୃଶ୍ୟ

[ ରାଜକିଶୋରଙ୍କର ଅଳନ୍ଦ—ଯୁଦ୍ଧ ଭିତରେ ଦୀର୍ଘ ତିନିବର୍ଷ ବିତି ଯାଇଛି । ରାଜକିଶୋରଙ୍କର ଅବସ୍ଥା ଯଥେଷ୍ଟ ଖରାପ ହୋଇ ହୋଇ ଯାଇଛି—ଇନ୍‌କମ୍‌ଟିକସ କଷ୍ଟରେ ଅନେକ ଜମି ବାଡ଼ି ନିଲାମ ହୋଇ ଯାଇଛି—ଅଫିମଖିଆରେ ରାଜକିଶୋର ଘରେ ବସି ରହି ଖାଇ ଖର୍ଚ୍ଚ କରିବାରେ ଲାଗିଛନ୍ତି—ବସି ଖାଇଲେ ନଈ ବାଲି ସରେ—ରୋଜଗାର କିଛି ନାହିଁ—ବରଜୁ ଅତି ବିଶ୍ବାସୀ ଦେଖାଇ ହୋଇ ସବୁ ଟଙ୍କାକଡ଼ି ଆତ୍ମସାତ୍ କରି ଚାଲିଛନ୍ତି । ଅଳନ୍ଦଟିର ସୌନ୍ଦର୍ଯ୍ୟ ନାହିଁ । ରାଣୀଙ୍କର ଜୀର୍ଣ୍ଣ ଶରୀର—ସେଥିରେ ମଧ୍ୟ ସେ ଅଳନ୍ଦଟିକୁ ଝୁଣ୍ଟୁଣି ମୁଠାଏ ଧରି ଓଳାଇ ବାରେ ଲାଗିଛନ୍ତି-ବାହାରୁ ପାଲି ଅପା ଆସି ପହଞ୍ଚିଲା । ]

ପାଲି—ନୂଆବୋଉ, ନୂଆବୋଉ ! ହଇଲୋ ନୂଆବୋଉ, ତୁ ଏ କଣ କରୁଛୁ ?

( ଝାଡ଼ୁଟାକୁ ନିଜେ ନେଇ ଓଳାଇଲା )

ରାଣୀ—( ଛୁଡ଼ା ହୋଇ ହତାଶରେ ) ଅପା—

ପାଲି—ବାବୁଆ କାହିଁକି ନୂଆବୋଉ ?

ରାଣୀ—ହାଡ଼ୁ ଡାକୁ ନେଇ ଯାଇଛି ବାହାରକୁ—

ପାଲି—ହଇଲୋ ନୂଆବୋଉ' ରାଜାଭାଇ ତେବେ କଣ ସବୁ ବରଜ ସାଆନ୍ତ ଉପରେ ଛାଡ଼ି ଦେଇଛନ୍ତି ?

ରାଣୀ—ହଁ ଅପା, ମୁଁ ଯେତେ ଲଗାଇଲେ କଣ ମାନିବା ଲୋକ !

ପାଲି—ଦେଖିଲୁ ନୂଆବୋଉ ! କେମିତି ଖଞ୍ଜି କଲା । ଅଫିମ ଗୁଡ଼ାକ ଅଭିଆସ କରି ଖୁଆଇ ଏମିତି ଫନ୍ଦ କଲା ଯେ—

ରାଣୀ—ମୁଁ ଆଉ କଣ କରିଥାନ୍ତି ଅପା ? ମତେ ଲୁଚେଇ ଛ' ମାସ ଖାଇଲେ । ଯେତେବେଳେ ମୁଁ ଜାଣିଲି, ବାରଣ କଲି, ଅପାଲେ, କଣ କହିବି ? ସେତେବେଳେ ଯୋଡ଼ି କାକୁସ୍ତି ମିନତି—ଧିଅ ମୋର କେତେ ଉଶ୍ୱାସ ଲାଗୁଛି—ଅଫିମ ବନ୍ଦ କରିଦେଲେ ମୁଁ ମରିଯିବି—ମୁଁ ଆଉ କଣ କରନ୍ତି କୁହ ତାଙ୍କ ଦେହ ଭଲ ହେବା ଲାଗି ଯଦି ଆଜ ମୋର ସବୁ ସମ୍ପତ୍ତି ସରିଯାଏ, ମୋର ଦୁଃଖ କରିବାର କଣ ଅଛି ଅପା ?

ପାଲି—ହଇଲେ ଅଫିମ ଖାଇ କାହାର କେବେ ଧିଅ ଭଲ ହେଲାଣି ? ଗାଁରେ ପରା ତୁ ନିଜେ ଦେଖୁଛୁ ? ଗଜା ଟୋକା ଗୁଡ଼ାକ କମିତି ଦୋହଲି ଗଲେଣି । ଆଉ ଏ ଗାଁର ଶିରି ଅଛି । ଏଇ ଯୋଉ ଅବକାରୀ ଦୋକାନ ଖୋଲା ହେଲା ସେସନ କଏ ଯେ କଣ ଖାଇଲା, ଗଞ୍ଜେଇ, ଅଫିମ । ଏତେ ଲୋକଙ୍କୁ ଏତେ ସରି କଲା ସେ ମିଆଁ ଏଠି ଦୋକାନ ଖୋଲି, ଏଇନା ଶେଠ ହୋଇ ସିଏ ବସିଲା—ହେଲେ ଗାଁଟା ଧୂଳି ହେଇଗଲା । ରାଜ ଭାଇ ପାଠୁଆ ଲୋକ—ତୁ ତ ବଡ଼ଘରର ଝିଅ ତମେ ହେହେଁ କମିତି ସେଥିରେ ଭୁଲିଗଲୁ ? ତୁ ଟିକିଏ ରାଜ ଭାଇକୁ ଅଟକେଇ ପାରିଲୁନି ?

ରାଣୀ—ଛାଡ଼ ଅପା । ତାଙ୍କ ପାଖରେ ମୋର କି ଅକ୍ତିଆର । ମାଇପି ଜନମ ପାଇ ଏତେ ଗୁଡ଼ାଏ ଅଧିକାର ମତେ କିଏ ଦେଲା । ଛାଡ଼ ସେ ସବୁ—ଯାହା ହବାର ଥିବ ହବ—

ପାଲି—ହେଲେ ବାବୁଆ ମୁହଁକୁ ଟିକିଏ ଚାହୁଁନୁ ?

ରାଣୀ—ତା ଭାଗ୍ୟରେ ଯଦି ଖରାପ ଧରିବାକୁ ଲେଖାଥିବ, ମୁଁ ତାକୁ ତ ରାଜଗାଦିରେ ବସେଇ ପାରିବିନି । ଜନ୍ମ ଦେଇଚି ବୋଲି କଣ ମୁଁ କର୍ମ ଦେଇଚି ଅପା ?

ପାଲି—ଯେତେବେଳେ ଜନମ ଦେଇଛୁ, ବଡ଼କରି ବାଣ୍ଡରେ ଜଣେ ପଣେ କରି ଠିଆ କରାଇବା କଣ ତୋର କାମ ନୁହେଁ ?

ରାଈ—ଅପା ! ତମେ ମତେ ଆଉ ସେ ଆଡ଼କୁ ନଅନ—ଯାହା ହବାର କଥା ହେଇ ଯାଉଚ୍ଛି । ବରଷକେ ଯୋଉଠୁ ଆସୁଥିଲା ଦଶ ଭରଣ, ଏଇନେ ଦଶ ଗଉଣୀ ବି ଆସୁନି । କରଜ ଯେତେ ଟଙ୍କା ସବୁ ଲାଗିଥିଲା, ସବୁ ତମାଧି ହୋଇଗଲା ପଛେ ଆଦାୟ ହେଲାନି । ଟିକସ କିସ୍ତି ଟଙ୍କାପାଇଁ ତ ନିଜ ଦେହ ହାତରୁ ଗହଣା କାଢି ଦେଲି ଯେ ତେବେ ବି କରମ ପୂରା ପଡ଼ିଲାନି ଯେ ପାଞ୍ଚ ଏକର ପାଟଜମି ଛଡ଼େଇବାକୁ ପଡ଼ିଲା । ଏଣେ ବାବୁଙ୍କର ଅଫିମ ଖିଆ ପାଇଁ ଦିନକୁ ଟଙ୍କା ପାଞ୍ଚଟା ଦରକାର ଯେ ଖାଲି ଏଇ ଅଫିମ ଖିଆପାଇଁ ଆମର ତିନି ଏକର ଅସଲ କ୍ଷେତ ବନ୍ଧକ ଅଛି । ସବୁ ଯାହା ହବାର ଠିକ୍ ହୋଇ ଗଲାଣି । ଆଉ ଭାବି ଲାଭ କଣ ?

ପାଲି—ଆଚ୍ଛା, ରାଜୁଭାଇଙ୍କୁ କହି ବରଜୁ ସାନ୍ତଙ୍କୁ ବିଦାକରି ଦେଉନୁ ।

ରାଈ—ମୋର କି ଅଧିକାର ଅଛି ଅପା ? ଗଣ୍ଡେ ଖାଇବାକୁ ଖଣ୍ଡେ ଚିରା ପୁରୁଣା ପିନ୍ଧିବାକୁ ମିଳୁଚି ତ । ସେତିକିର ମୁଁ ସାଥୀ ।

ପାଲି—ମୁଁ କଣ ଧାନ କୁଟି, ପର ଘରେ ଖଟି ଗଣ୍ଡେ ଖାଉନି ନା ଖଣ୍ଡେ ଚିରା ଫଟା ପିନ୍ଧୁନି । ତୁ ଯଦି ଖାଲି ସେତିକିପାଇଁ ଭାବୁ ତେବେ ବାବୁଆ ମଣିଷ ହବ କମିତି ? ହଇଲେ ନୁଆବୋଉ ! ବାବୁଆପରି ଛୁଆଟା ଚିରାଜାମା ପିନ୍ଧି ବାହାରୁଛି—ମୋ ଧିଅତ ସହୁନି—ତୋ ଧିଅ କି ପାଷାଣରେ ଗଢ଼ା କେଜାଣି—ବାଳୁଙ୍ଗା ପୁଅଟା ମୋର ଏଇ ହାଡ଼ିଆ—ଦିନେ ଗାମୁଛା ଖଣ୍ଡେ ତା ଧିଅରେ ନ ପଡ଼ିଥିଲେ, ମୋ ଛାତି ଭିତରଟା କରତି ହୋଇଯାଏ—

ରାଈ—(ପାଲି ଅପାର କଥା ଗୁଡ଼ାକରେ କଣ ଥିଲା କେଜାଣି ରାଈଙ୍କର ଭିତରର ହୃତ ତାଲେ ତାଲେ ଦୁଃଖ ଆଉ ଅନୁତାପର ଆଧିକ୍ୟ ଏତେ ଆଣି ଦେଲା ଯେ ସେ ସମ୍ଭାଳି ପାରିଲେନି—ତାଙ୍କ ଅଜଣାରେ ଆଖି ତାଙ୍କ ଜକେଇ ଆସିଲା । ସେ ପାଲି ଅପାଆଡ଼େ କାତର ଦୃଷ୍ଟି ପକାଇ ) ଥାଉ ଅପା ଥାଉ । ତୁମେ ଆଉ ତମ ହାଡ଼ୁଆ, ମୁଁ ଆଉ ମୋ ବାବୁଆ ଭିତରେ ବହୁତ ତଫାତ୍ ।

ପାଲି—ତଫାତ୍ କଣ ବା ? ତୁ କଣ ଦଶମାସେ ପେଟରେ ଧରି ନଥିଲୁ—ଦେଖ ନୂଆବୋଉ—ଯଦି ବାବୁଆକୁ ମଣିଷ କରିବାକୁ ଚାହୁଁଚ ରାଜୁଭାଇକୁ ଲୁଚେଇ ତାପାଇଁ କିଛି କିଛି ରଖ । ନ ହେଲେ ନୂଆବୋଉ, ସିଏ ଫକଡ଼ ହୋଇଯିବ ଆଉ ଦୋଷ ଲାଗିବ ତତେ ।

ରାଈ—ତାକୁ ମଣିଷ କରିବାର ଭାର ତ ତା ବାପାଙ୍କ ଉପରେ । ମାଇପି ଜନମ ପାଇ ମୁଁ ଆଉ ବା କଣ କରନ୍ତି ଅପା—ଥାଉ ସେ ସବୁ—( କଥାର ଗତି ବଦଳାଇ ) ତେମେ କୁଆଡ଼େ ଆସିଥିଲ, ଅପା ।

ପାଲି—ତତେ ମୋ କଥା ଗୁଡ଼ାକ ପିତା ଲାଗୁଛି କଲେ ନୂଆବୋଉ ? ହଉ ମୁଁ ଯାଉଚି—ମୋ ମନଟା ସମ୍ଭାଳି ହୁଏନି ବୋଲି ଚାଲିଆସେ— ଏଣିକି ଆଉ ତମ ଘର କଥାରେ କିଛି କହିବିନି—

ରାଈ—ତମେ ରାଗିଗଲ କି ଅପା ? ହେଲେ ମୋ ଅବସ୍ଥା ତମେ ବୁଝି ପାରୁନା । ଅପାଲୋ ! ତାଙ୍କର କଣ ହୋଇଛି କେଜାଣି— ମୋ ଆଗରେ କଥା କହିବାକୁ ତାଙ୍କର ସାହସ ନାହିଁ । ସେ ନିଶା ଆଉ ସାଂନ୍ତେ ଯେତେ ଆପଣାର ଏଇନେ, ମୁଁ ଆଉ

ମୋର ବାବୁଆ ନୁହଁ । ହଗାଲ ଥିର କରି ନେଲାଅନି ଗଲଣି, ଶୁଣିଲେନ । ମୁଁ ଆଉ କଣ କରିବି ? ତମେ ସିନା ସବୁ ଜାଣି ଶୁଣି ଖାଲି ମତେ ଦୋଷ ଦେଉଛ ?

ପାଲି—ହଉ ହେଲା । ରାଜଭାଇ ତାଙ୍କର ଯାହା କରିବାର କଥା କରୁଆନ୍ତୁ—ନିଶାତ ଲାଗି ଗଲାଣି—ଏଇନେ ଭଲ ଜିନିଷ ତ ଭେଲ ଲାଗିବ । ତୁ ଲୁଚେଇ ଛପେଇ ବାବୁଆ ପାଇଁ କିଛି କିଛି ରଖ ।

ରାଣି—ମୋ ହାତରେ କଣ ଅଛି ଯେ ରଖିବି ? ଦି' ଖଣ୍ଡ ଗହଣା ଥିଲା ସିଏତ ଗଲା । କଚେରି ବାକ୍ସ ଚାବିତ ସାଆନ୍ତଙ୍କ ହାତରେ । ମୁଁ ଆଉ କଣ କରିବି କହିଲ ।

ପାଲି—ଯାହ ହେଉ ବାବୁଆ ଯଦି ଫକଡ଼ ହେଇଯାଏ, ଜଗତ ଆଖିରେବି ତୋର ଦୋଷ ହବ । ପୁଅ ଝିଅ ଜନମ ଦେଲେ ବାପର ଯେତିକି କରିବାର କଥା, ମା'ର ବି ସେତିକି । ତୁ ଆଉ ରାଜଭାଇ ଉପରେ ଅଭିମାନ ମାରିଲେ, ବାବୁଆତ ତୋର ମଣିଷ ହେବନି । ମୁଁ ରାଣ୍ଡିଟା—ମୋର କଣ ଥିଲା ? ହାଡ଼ିଆକୁ ବଡ଼ କରି ଠିଆ କରିବାକୁ ମୁଁ କି ହାଇରାଣ ନ ହେଇଚି । ନୁଆବୋଉ ! ମୋ ସାନକୁହା ମାନ—ବାବୁଆକୁ ହେଲେ ତା ମାମୁଁ ଘରେ ଛାଡ଼ିଦେ—ସେଠି ହେଲେ ମଣିଷ ହବ—

ରାଣି—(ଶୁଷ୍କ ହସ ହସି) ହୁଁ—ମାମୁଁ ଘର ! ବାବୁଆକୁ ଯଦି ତା ଜନ୍ମକଲା ବାପ ମା ମଣିଷ କରି ନ ପାରିଲେ, ମାମୁଁ ଘରେ ମଣିଷ ହବ ବୋଲି କି ଭରସା ଅପା !

ପାଲି—ଖାଇ, ପିଇ ଖେଳି, ଆନନ୍ଦରେ ବଡ଼ ହେଇ ପାରିବ ହେଲେ, ନୁଆବୋଉ ! ଏଠିତ ତେମେ ସବୁ ଯୋଉ ଢଙ୍ଗ ଧରିଚ ଖାଇବାକୁ ପାଇବନି—

ସଈ—ମଣିଷ ଜନ୍ମ ପାଇନ ଖାଲି ଖାଇପିଇ ବଞ୍ଚିବାକୁ ଅପା ! ବଣର ପଶୁ ବି ଖାଇପିଇ ବଞ୍ଚେ—ବାବୁଆକୁ ମୁଁ ବଣର ପଶୁକରି ଗଢ଼ିବାକୁ ଜନ୍ମ ଦେଇ ନଥିଲି ଅପା । ଯଦି ସେ ବଞ୍ଚିକରି ରହିବ, ମଣିଷପରି ମଣିଷ ନ ହେଲେ କି ସ୍ୱାର୍ଥ ଅଛି ?

ପାଲି—ବଡ଼ ଘରର ଝିଅ, ବଡ଼ ଘରକୁ ବୋହୂ ହେଇ ଆସିଥିଲୁ—ନୁଆବୋଉ ତୁ ଠାକୁରଙ୍କ ପାଖରେ କି ଅପରାଧ କରିଥିଲୁ ? (କାନ୍ଦି ପକାଇଲା)

ସଈ—( ହତାଶ ଓ ଦୁଃଖରେ ) ସୁଖ, ଦୁଃଖ ଦୁନିଆରେ ଲାଗି ରହିଛି ଅପା । ବାପମା ଯୋଉ ଅଳିଅଳରେ ଗଢ଼ି ଆଣିଥିଲେ ମତେ, ଝିଅ ହେଇ ମୁଁ ସବୁବେଳେ ଦୋଳିରେ ଝୁଲୁଥିଲି, ତାପରେ ଏ ଘରକୁ ଆସିଲି—ତାଙ୍କର ସ୍ନେହରେ ମୁଁ ଦୁନିଆଟାକୁ ଭୁଲିଗଲି । ଅଧାଜୀବନ କଟିଗଲା । ସୁଖର ଦିନଗୁଡ଼ାକ ବିତି ଯାଇଛି ମୋର ଅପା—ଦୁଃଖ ଏଇନେ ଆସିବ—ଆଉରି ବେଶୀ ଦୁଃଖ, କଷ୍ଟ ମାଡ଼ି ଆସିବ—ଏଇତ ଦୁନିଆର ନିୟମ । ସେଇଥିପାଇଁ ମୁଁ କହୁଛି ଶୁଣୁନ ଅପା ! ଯାହା ଆସିବାର ଆସୁ ସହିବାର ଶକ୍ତି ଥିବାଯାକେ ସହିବି—ଯେତେବେଳେ ନପାରିବି·····(କହିପାରିଲେନି—ଭେ, ଭେ, କାନ୍ଦିପକାଇଲା)

ପାଲି—( ନୁଆବୋଉକୁ କୋଳରେ ଚୁପିଧରି ନିଜେ ମଧ କାଇଁ କାଇଁ କାନ୍ଦି ଉଠିଲା ) ନୁଆବୋଉ, ତାକୁ ଧରମ ସହିବନି ନୁଆବୋଉ—ବରଜକୁ ଧରମ କେବେହେଲେ ସହିବନି—ସୁନାର ସଂସାରରେ ନିଆଁ ଜାଳିଦେଲା, ସେଇ ନିଆଁରେ ସେ ନିଜେ ଜଳି ହୋଇ ମରିବ ଦେଖିବୁ । ବାବୁଆର ବାପ, ମା ଯେମିତି ଦୁନିଆଟାରେ ସଭିଙ୍କୁ ସମାନ ଆଖିରେ ଦେଖି ଆସିଛନ୍ତି,

କାହାର କ୍ଷତି କର ନାହାନ୍ତି, ଦୁଃଖି, ଦରିଦ୍ରଙ୍କୁ ହାତଖୋଲି ବାଣ୍ଟି ଆସିଛନ୍ତି । ବାବୁଆକୁ ତାଙ୍କର ସେଇ ନିସ୍ପୃତ ସେମିତି ଛୁଅନ୍ତଲେ ଠେକ ଧରିବ ନୁଆବୋଉ, ତୁ ବ୍ୟସ୍ତ ହ'ନା, କାନ୍ଦନା—ବାବୁଆ ତୋର ମଣିଷ ପରି ମଣିଷ ହବ—ତା ଗୋଡ଼ରେ ମୋଟେ କଣ୍ଟା ଗଳିବନି—

(ହାଣ୍ଡି କାନ୍ଧରେ ବାବୁଆ—ବାବୁଆ "ବୋଉ, ବୋଉ," ଡାକି ଆସିଲା—ପାଲି ଦଉଡ଼ି ଯାଇ ବାବୁଆକୁ କାଖେଇନେଇ ନିଜ କୋଳରେ ଚୁପି ଧରିଲା—ଗଣ୍ଡ ଆନନ୍ଦାଶ୍ରୁ ଗଡ଼ାଇ ନିରେଖୁଥାନ୍ତି ।)

—ଦୃଶ୍ୟ ପରିବର୍ତ୍ତନ—

---

## ୪ମ ଦୃଶ୍ୟ

[ଗାଁ ଦାଣ୍ଡ—ଫକୀର ଆଗେ ଆଗେ ନଟିଆ ବୁଟିଆ ବୁଲି ପଛେ ପଛେ—ଫକୀର ଚାଲି ଯାଉଛି ଯେମିତି ବେଖାତିର କରି—ନଟିଆ ଡାକିଲା ]

ନଟିଆ—ମଉସା, ମଉସା ମ ? (ବୁଲି ଆଡ଼େ ହାତ ଠାରି) ଡାକମ ମଉସାକୁ—

ବୁଲି—(ବିକଳରେ) ମଉସା !

ଫକୀର—କଣ, କଣ ଆଉ କହୁଚ ?

ନଟିଆ—ସତରେ କଣ କଣ୍ଟେଇଗଲ ହଉଚ ?

ଫକୀର—ହବାର ଥିଲେ ହବ—ତୁ କଣ ତାକୁ ରୋକି ପାରିବୁ ?

ବୁଲି—ହେଲେ ମଉସା ! କେତେଗୁଡ଼ା ଲୋକ ହୀନସ୍ତା ହେବେଟି ? ଏ ମରଭାବନା ଏଭଳି ଧରମହତ୍ୟା—

ଫକିର—ତୁ ସିନା କହୁଚୁ ଧରମଛଡ଼ା—ସରକାରତ ଭାବୁଛି ଧରମ ସମ୍ଭାଳୁଛି । ଯା'ର ମନ ଯେଉଡ଼େ, ତା'ର ପ୍ରଭୁ ସେଉଡ଼େ । ତମେ ଆମେ କଣ କରିବା—

ନଟିଆ—ନାଇଁ ମଉସା—ଗୋଟାଏ କିଛି ଫଏସଲା ନ ହେବା ଯାକେ ନିଦ ଆସୁନି ପରା ! ଖାଲି ଦକ ଦକ ଲାଗୁଛି—

ଫକିର—ଦକ ଦକ ଲାଗୁଚି ? ହଉ ଶୁଣ—ଏଇ ପିଲାଦିନେ ଆମର ସାହିତ୍ୟ ପଢ଼ଉଥିଲେ—ଆମ ସାନ ପଣ୍ଡିତେ । ମୁଁ ଥିଲି ତୃତୀୟ କିବା ଚତୁର୍ଥ କିଲାସରେ । ମନେ ଅଛି ସେଥିରେ 'ତିନୋଟି ମାଛ'ର କଥା ଥିଲା ।

ବୁଲି—କଣ, କଣ ମଉସା ।

ଫକିର—ଏ ବେଳେତ କେତେ ନୂଆ ନୂଆ ସାହିତ୍ୟ ବହି ବାହାରିଲା ! ହେଲେ ପିଲା ଶିଖିବାକୁ କିଛି ନାହିଁ । କିନ୍ତୁ ଆମ ବେଳରେ ଯେ ବହି, ଏଇନେ ବୁଢ଼ାଙ୍କୁ ବି ଶିକ୍ଷା ଦଉଚି ।

ନଟିଆ—(ଉତ୍କଣ୍ଠିତ ହୋଇ) କଣ ସେ କଥାଟି ମଉସା ?

ଫକିର—ଏଇ, ତିନୋଟି ମାଛ ଥିଲେ । ଗୋଟିକର ନାଁ ହେଲା ଅନାଗତ ବିଧାତା—ବିପଦ ପଡ଼ିବା ଆଗରୁ ତା'ର ବାଟ ଠିକ୍ କରି ଖସିଯାଏ, ଆଉ ଗୋଟିଏ ହେଲା "ପ୍ରତ୍ୟୁତ୍ପନ୍ନମତି" —ତା'ର ବୁଦ୍ଧି ହେଲା ଭାରି କଡ଼ା—ବିପଦରେ ପଡ଼ିଗଲେବି ତା ବୁଦ୍ଧିଯୋଗୁଁ ଯେମିତି ହେଲେ ସେ ଖସିଯାଏ । ଆଉ ଗୋଟିକ ହେଲା ଘାର୍ଦସର୍ଣୀ—ହିଁ କରିବା ହାଁ କରିବା ହେଉ ହେଉ ବିପଦରେ ପଡ଼ିଯାଏ । ବୁଦ୍ଧିତ ନାହିଁ—ଖସି ପାରେନା—ମରେ । ତମର ତ ବିପଦ ଆସିଗଲା । କଣ କରିବ କର ।

ନଟିଆ—ତମ କଥାଟା ଠିକ୍ ଖାପ ଖାଇଗଲା । ଦେଖ ଯୋଗାଯୋଗ —ସେ ମାଛ ତିନିକୁ ଆମେ ବି ତିନି—

ଫକଗ୍ର—ମୁଁ ବୁଢ଼ାଲୋକ—ବିପଦରେ ପଡ଼ିଲେ ତ ଦୌଡ଼ି କରି ପାରିବିନି—ସେଇଥିପାଇଁ ଆଗରୁ...

ବୁଲ୍ଲି—ତମେ ଏବେ ସେ ପକ୍ୱାଲ ମାଛୁଟା ହୁଅ—ଅନାଗତ ବିଧାତା। ନଟିଆଇ ତ ଫେର୍ ଫାର ଜାଣେ—ସେ ହଠାତ୍ କନା ଯୋଉ ଆଡ଼ୁ ହେଲେ ଯୋଗାଡ଼ କରିଦେବ। ଏଥିରେ ମରିବା ଲୋକ ମୁଁ—ଯାଉଁସୁଦୀ ହୋଇ ମରିବି।

ନଟିଆ—ନାଇଁରେ ବୁଲ୍ଲି! ଏଇନେ ଆଜ ସାହା ଭରସା କେହି ନାହିଁ। ମଉସା ଲଙ୍ଗୁଡ଼ ଧଅ। ରଖିଲେ—ରଖିବ—ମାରିଲେ ମାରିବ।

ବୁଲ୍ଲି—ମୁଁ ଗୋଟାଏ କଥା ଭାବୁଛି ମଉସା! କାଲେ କଣ୍ଟ୍ରୋଲ ହୋଇଯିବ—ହ୍ୱାନସ୍ଥା ହେବାକୁ ପଡ଼ିବ। ମାଣେ—ଛଅଗୁଣ୍ଠ ସକାଶେ ତ ବରଜୁ ସାଆନ୍ତଙ୍କ ସଙ୍ଗେ କଥାବାର୍ତ୍ତା କରିଛି—ଛଡ଼େଇ ଦେଇ ମାଲ ଗଦେଇ ଦେବ ଯେ ଆଉ ଭାବିବାକୁ ପଡ଼ିବନି—

ଫକଗ୍ର—ହଁ, ହଁ, କି ସୁନ୍ଦର—ଆରେ ତମ ମାନଙ୍କର ଏଇ ପ୍ରକୃତି ଯୋଗୁଁ ତ ସରକାର କଣ୍ଟ୍ରୋଲ କରୁଛି।

ନଟିଆ—ଆଉ କଣ କରିବା ଯେ—ତମେତ ପୁରୁଣା ଲୋକ ଏ ଲାଇନରେ। ଆମେ ତ ନୂଆ। ହଇରଣ ଆମେ ହବୁନା—

ଫକଗ୍ର—ତୁ ବି ବୁଲ୍ଲିପରି ସେଇଆ କରିବୁନା କଣ?

ନଟିଆ—ହଁ, ଆମ ଦୁ'ଜଣଙ୍କର ସେଇଆ—ଏକା କଥା।

ଫକଗ୍ର—ଜମିବିକି ସିନା ପଇସା ଆଣିବ—ହେଲେ ଏତେ ମାଲ ଏକାଥରେ ପାଇବ କୋଉଠୁ?

ନଟିଆ—ସତେ ତ ବୁଲ୍ଲି! (ବୁଲ୍ଲି ବି ଭାବନାରେ ପଡ଼ିଲା)...ହଁ, ହଁ, ମନେ ପଡ଼ିଲା। ତମେ ଜାଣିନାକି ମଉସା? (ଆସ୍ତେ ଆସ୍ତେ)

ବରଜ୍ ସାନ୍ତ ପରା ଏ ମିଆଁ ସାଙ୍ଗରେ ସଲ୍ଲା ହୋଇ କୋଉଠୁ ଗ୍ରେଟର ମାଲ ଆଣି କାରବାର କରୁଛନ୍ତି ।

ଫକୀର—ଏଁ—

ବୁଲ୍ଲା—ହଁ ମଉସା ! ବରଜ୍ ସାଆନ୍ତଙ୍କୁ ଠିକେ ଖାଲି ଘୁସୁଲେଇ ପକ୍ବରୁନା—ବନ୍ଦୋବସ୍ତ କରି ଦେବେ

ଫକୀର—ହଁରେ ପୁଅ—ହଁ, ହଁଟା ବନ୍ଦୋବସ୍ତ ଏ ପାଚଲା ବାଳ ଦେଖିଲାଣି—ଆଉ ଦେଖାନା ସେ ଗୁଣ୍ଡା । ହଉ ବାପାମାନେ ଭଲ ବୁଦ୍ଧି ଧରେ—କର କର । ମୁଁ ତ ସେଇଆ କର କରି, ଆଜି ଖାଲି ମୋର ଦୁନିଆଟା ଝଟକୁଛି । କର କର— (ଯାଉଥିବାବେଳେ ବରଜ୍ ଓ ପଛେ ପଛେ ଲତଫ୍ ମିଆଁ ପହଞ୍ଚିଇବା )

ବରଜ୍—କଣ ଫକୀର, କୁଆଡ଼େ ସବୁ ବାହାରିଲ ?

ଫକୀର—ଏଇ ଆଜ୍ଞ କୁଆଡ଼େ ?

ବରଜ୍—ଆଉ । କଣ୍ଟ୍ରୋଲତ ହୋଇ ଯାଉଚ

ଫକୀର—ହଉ ହଉ, ହେଲେ ଫକୀର ଡରିବା ଲୋକ ନୁହେଁ—ଏଇ ପିଲାମାନଙ୍କୁ କୁହନ୍ତେ ଚମକିବେ ।

ନଟିଆ—ସତେ କଣ ହବ କହିଲ ସାଆନ୍ତେ ?

ବରଜ୍—ବରଜ୍ ତମପାଇଁ କଣ ନକରିଛି—ମାହାଜନିଆଣୀ ଦୋକାନ ଉଠାଇବାକୁ ବସିଥିଲା ସେ କିମିତି ପେଞ୍ଚ ଲଗାଇଲି —ଆଉ ଦୋକାନ ଉଠିଲା ? ପୁଣି ଏଇନେ ଏବେ ଅଫିମ କଣ୍ଟ୍ରୋଲ ହେବ—ହଉ—ତା'ର କଣ ବ୍ୟବସ୍ଥା କରି ପାରିବାନି ।

ଫକୀର—ହଁ, ହଁ, ସେଇକଥା ଠିକଏ ଏ ପିଲାଙ୍କୁ ଦମ୍ଭଦିଅ—ନ ହେଲେ ଏ ଗୁଣ୍ଡା ମରିଯିବେ ।

ବରଜୁ—ତମେ ସେ ବିଷୟରେ କିଛି ଭାବନା କରନା ନଟ । ଯେତେବେଳେ ଯାହା ଦରକାର ମୋତେ କୁହ । ଓହୋ, ଏକା ଗାଁରେ ଘର କରିତ ସାଇ ଭାଇ ହେଇ ପଡ଼ିଛେ । ତମ କଥା ମୁଁ, ମୋ କଥା ତମେ ନ ଶୁଣିଲେ ହବ କମିତି ? ହଉ ତମେ ତେବେ ଆସ ମିଆଁ ସାହେବ ।

ଫକିରୁ—କଣ ଦୋକାନ ଆଡ଼େ ଯାଉଚ ନାଁ ମିଆଁ ପୁଅ—ସେଇଆଡ଼େ ମୁଁ ବି ବାହାରି ଥିଲି ଚାଲ ।

ଲ:ମିଆ—ହଉ, ହଉ ଆସ— (ଲ:ମିଆ ଓ ଫକିରୁ ପ୍ରସ୍ଥାନ)

ବରଜୁ—ତମେ ଟିକିଏ ଆଗରେ ଚାଲ ମିଆଁ ସାହେବ—ମୁଁ ହେଇ ଯାଉଚି । କିରେ ନଟ, ବୁଲି ! ତମର ବିଚାର କଣ ? ତମେ ପୁଣି କହିଲେ ମୁଁ ସଜିଲ କରିବିତ! କୋଉଠି ପାଖରେ ଟଙ୍କା ଥୁଆ ହୋଇଚି ଯେ ?

ନଟ—ମୋ ସଙ୍ଗରେ କଣ ଅଛି ? ବୁଲି ସାଙ୍ଗରେ ଆଗେ ଠିକ୍ କରି ଯିବା ଭିତରେ ଦିନେ ଚାଲି ରେଜେଷ୍ଟ୍ରି କରି ଦେଇ ଆସିବା—

ବରଜୁ—ବୁଲିଠି ଆଉ କଣ ? ତୋର ତ ଯାହା ତା'ର ତ ସେଇଆ ତୁ କହ ।

ନଟ—ଆଉ କଅଣ କହିବି—ତୁମକୁ ତ କହିଛି । ଆଖ ପାଖ ଜମିର ଜରସମନ ତ ତମେ ନିଜେ କାରବାର କରିଚ । ଚାଲିଶ—ପଚିଶ ଟଙ୍କା ଚାଲିଛି ଗୁଣ୍ଠ । ଆଉ ତମେ କଣ ଏତେ ଦେବ—ହଇରେ ବୁଲି, ସାଆନ୍ତ ତ ନିଜର ଲୋକ । ଘର ଜିନିଷ କଣ ଆଉ ବାହାରକୁ ଚାଲିଯିବ—ଦି'ପଇସା କମ୍ ହେଉପଛେ ।

ବରଜୁ—ତେବେ ତୁ ଯାହା କହୁଚୁ ଇଏ କଣ ଗୋଟାଏ କଥା ଅବସ୍ଥା କଥା ?

ନଠ—ମୁଁ ଆଉ ମନ୍ଦ କଣ କହୁଚି ? ହେଲା ତମେ ଏବେ ଗୁଳଶ
ଟଙ୍କା ଲେଖା ଦବ ।

ବରଜୁ— ହଇରେ ବୁଲା ? ଗରିବ ଲୋକ ମୁଁ ସେଇଆକୁ ଅନେଇ
ସିନା – ଆଗୁ ଗୁଣ୍ଡ଼, ତିରିଶି ଟଙ୍କା ଲେଖାଏ ଦେବି—

ନଠ—ନାଇଁମ ସାନ୍ତେ—ନିତାନ୍ତ ଅପସନ୍ଦ କଥା ହଉଚି ପରା । ମୁଁ
କିଚ୍ଛି ଭୁଲ କହୁନି—

ବରଜୁ—ହଉ ଆମ ପୁଅ—ଆମ ଭିତରେ କଣ ରହିଯିବ—ସିଏ
କେତେ ଅଚ୍ଛିଟି ଚୋର ?

ନଠ—ମାଣକରୁ ଢ' ଗୁଣ୍ଠ କମ୍ ।

ବରଜୁ—ଆଉ ବୁଲା ଚୋର ?

ବୁଲା—ମୋର ତ ମାଣେ ଛ' ଗୁଣ୍ଠ ।

ବରଜୁ— କଣ କରେ, ସେ ଡ଼ିଅ ଖଣ୍ଡିକ ଦବୁନ କରେ ?

ବୁଲା—ନାଇଁ ସାଆନ୍ତେ ବୋଉ ରାଗୁଚି—ଏଇନେ ଦେବନି—

ବରଜୁ—କଣ ବୋଉ ରାଗୁଚି ମ ? ତୁ ଖାଲି କାଗଜ କରିଦେ—ମୁଁ
ଦଖଲ ଏଇନେ ନେବନି—ତୋ'ର ହେଇ ସିଏ ଥାଉ ।
ଖାଲି ଭବିଷ୍ୟତକୁ ଗୋଟିଏ ଭାବନା ନାଁ । ଆରେ ମୋ ଯାଗାରେ
ତୁ, ତୋ ଯାଗାରେ ମୁଁ—ଏମିତି ଚଳିଯିବନି—ହେଲେ ସେ
ନିଧିଦାସ ହାବୁଡ଼ରେ ଯଦି ପଡ଼ିଯାଏ ।

ବୁଲା—ମୁଁ ନିଧିଦାସକୁ କେବେହେଲେ ଦେବନି—ଯଦି ଦେବି ତ
ତମକୁ ଦେବି ।

ବରଜୁ—ତୁ ଦବୁନ କଣ ହଇରେ ନିଧିଦାସକୁ । ସିଏ ପରା ମାଡ଼ି
ମାଡ଼ି ଆସିଲାଣି । କଣ୍ଠାବାଡ଼କୁ କେମିତି ଫିସନ ଘୁଞ୍ଚେଇ ଘୁଞ୍ଚେଇ
ଆଣୁଚି ଦେଖୁନୁ—ତୁ କଣ ତା ସାଙ୍ଗରେ ଲଢ଼ି ପାରିବୁ ?
ଆରେ ତୁ ବସିଟି ଚଳୁଥା । ଖାଲି କାଗଜଟା ମୋ ନାଁରେ

କରିଦେ । ତେବେ ଯିନା ମୁଁ ନଧିଦାସ ସଙ୍ଗରେ ଲଢ଼େଇ କରିବ ।

ବୁଲା—ନାଇଁ ଏଇନେ—

ବରଜୁ—ହଇରେ ନଟ, ମୁଁ କଣ ନାକଗ କଥାଟାଏ କହିଲି ?'

ନଟ—ନାଇ ସାଆନ୍ତେ ତମେ ସତ କହୁଚ । ଇଏ କଣ ନଧିଦାସକୁ ପାରିବ ?

ବରଜୁ—(ବୁଲା ପିଠିରେ ହାତ ବୁଲାଇ) ହଉ ଆ, ଆ, ମନଟାକୁ ଠିକ୍ କର (ନଟଆଡ଼େ) ଏକ ବୁଝାଉଚେ ! ହଁ ମୁ ତ କାଲି ଯାଉଚି କଟକ ଟିକସଟଙ୍କା ଦାଖଲ କରିବାକୁ । କାଲି ବାହାର ଢ' ଜଣ ଯାକ ।

ନଟ—ଆମର କଣ ଅଛି, ତେମେ ଯୋଉଦିନ କହିବ—

ବରଜୁ—ତେବେ କାଲି ବାହାର । କାହାକୁ କହିନ କହନ— ଏ ଗାଁ କଥାତ ଜାଣିଚ— ଧିଅ ସହିବନି—

ବୁଲା—ସାଆନ୍ତେ ଲାଗିଲି—

ବରଜୁ—କଣ

ବୁଲା—ବୋଉ—ମୁଁ ତ କରିଦେବି—ବୋଉକୁ ସମ୍ଭାଳିବ ତମେ ।

(ସମସ୍ତେ ପ୍ରସ୍ଥାନ)

---

## —ଷଷ୍ଠ ଦୃଶ୍ୟ—

( ରାଜକିଶୋରଙ୍କର ଘର । ବାବୁଆକୁ ପାଞ୍ଚବର୍ଷ ସେତେବେଳେ । ବାବୁଆର ଜନମ ଦିନ ଆଜି । ବାବୁଆକୁ ଫୁଲ ଚନ୍ଦନରେ ସଜାଉଛନ୍ତି ରାଈ—ଭଲକରି ନୂଆ ଜାମାଖଣ୍ଡେ କି ପେଣ୍ଟ ଖଣ୍ଡେ ବାବୁଆପାଇଁ ଆଜି ପର୍ବ ଦିନ ଆଣିବାକୁ ପଇସା ନାହିଁ

ତାଙ୍କର । ଭିତରଟା ତାଙ୍କର ଦୁଃଖରେ କରନ୍ତ ହୋଇ ଯାଉଚି— ହେଲେ ଠିକ୍ ପର ମୁହୂର୍ତ୍ତରେ ବାବୁଆର ଚେହେରା ଦେଖି ସେ ଆତ୍ମହରା ହୋଇ ଉଠୁଛନ୍ତି । ଏମିତି ଦୁଃଖ ଓ ସୁଖର ଦ୍ୱନ୍ଦ୍ୱ ଭିତରେ ସେ ବାବୁଆକୁ ବେଳେ ବେଳେ କାଖେଇ ପକାଇ ମନଇଚ୍ଛା ଚୁମା ଦେଉଛନ୍ତି—ବେଳେ ବେଳେ ସାମନାରେ ଠିଆ କରାଇ ଭଲ ଭାବରେ ନିରେଖି ଚାହୁଁଛନ୍ତି—

··ଆସିଛନ୍ତି ରାଜକିଶୋର । ମନରେ ତାଙ୍କର ସରାଗ ନାହିଁ । ସେ ଯେପରି ଦୋଷୀ ରାଣୀ ପାଖରେ । ହେଲେ ରାଣୀକୁ ସେ ନିଜ ମନର ଭାବନା ଜଣାଇ ଦେବାକୁ ପ୍ରସ୍ତୁତ ନୁହଁନ୍ତି । କୌଣସିମତେ ଆସି ଦୃଶ୍ୟଟିକୁ ନିରେଖି ଅନାଇ ରହିଲେ ଚେୟାର ଉପରେ ବସି । ରାଣୀ ବାବୁଆକୁ ଆଣି ତାଙ୍କ କୋଳରେ ଲଥ କିନା ବସାଇ ଦେଲେ । ଶୁଷ୍କ ହସ ଭିତରେ ରାଜା ବାବୁଆକୁ ଗେଲ କଲେ । ହେଲେ ତାଙ୍କ ମନରେ ସରାଗ ନ ଥିବାର ରାଣୀ ବାରିବାର ଅନୁଭବ କଲେ । )

ରାଣୀ—ତମ ମନ କାହିଁକି ଭଲ ନାହିଁ । କଣ ହୋଇଚି ତମର ?

ରାଜା—ମୋ ମନ ! ତୁ କେମିତି ଜାଣିଲୁ ମୋ ମନ ଭଲ ନାହିଁ ?

ରାଣୀ—ଏଇ କେଇଦିନ ହେବ ତମର ସବୁବେଳେ ଶୁଖିଲା ମୁହଁ କାହିଁକି କୁହତ !

ରାଜା—ତୁ ଭୁଲ ଦେଖିଛୁ ରାଣୀ !

ରାଣୀ—ତମେ ମତେ ଭୁଲେଇ ଦଉଚ ମୁଁ ଜାଣେ । ଏଇ କେଇଦିନ ହବ ସବୁବେଳେ କଣ ବସି ବସି ଭାବୁଚ—ଯେମିତି ଦୋଷୀଙ୍କ ପରି ଖାଲି ମନମାରି ବସୁଚ । ତମର ଶୁଖିଲା ମୁହଁ ଦେଖିଲେ ମତେ ଭାରି କଷ୍ଟ ଲାଗେ । ସତେ କୁହ କଣ ହୋଇଚି ତମର ?

ରାଜ—(ସମସ୍ତ ଅନୁଭବ କରି ହେଲେ ନିଜକୁ ଆୟତ୍ତ କରି) ମୁଁ ଭାବୁଛି ରାଈ ଟ୍ୟାକ୍ସ ଦାଖଲ କଥା । କାଗଜପତ୍ର ଠିକ୍ ହୋଇ ପାରିଲାନି । ଅଯଥାରେ ବଜ୍, ପଡ଼ିଲାପରି କହିଦେଲେ ସତର ହଜାର ଟଙ୍କା । ଟ୍ରିବ୍ୟୁନାଲ ଅପିଲ ପର୍ଯ୍ୟନ୍ତ ଯାଇ ସର୍ବସ୍ୱାନ୍ତ ହେଲି—ପାଞ୍ଚବର୍ଷ ବିତିଗଲା । ଫଳ କିଛି ହେଲାନି । ପ୍ରଥମ କିସ୍ତି ଟଙ୍କା ଦାଖଲ ପାଇଁ ତୋର ସବୁ ଗହଣା ବନ୍ଧା ଦେଲି—ପୁଣି ଏବେ ଦ୍ୱିତୀୟ କିସ୍ତିପାଇଁ ଆମର ସବୁଠୁ ବଡ଼ ପାଠ—ଆମର ଶେଷ ସମ୍ବଳ "ମାଳକଇଁ" ଛଡ଼େଇବାକୁ ପଡ଼ିଲା—ଏଇନେ ଖାଲି ଭାବୁଛି ଆମେ ଖାଇବା କଣ ?

ରାଈ—ହେବୁବେଳେତ ତମେ ଭାଗ୍ୟ ଆଦରି ଆସିଛ । ଏଇନେ ଆଉ ଭାବୁଛ କାହିଁକି ? ଯାହା ଭାଗ୍ୟରେ ଥିବ ହେବ ।

ରାଜ—ଟଙ୍କା ଯୁଟି ନ ଥିଲା ବୋଲି ମୁଁ ଯେତେ ଭାବୁ ନ ଥିଲି, 'ମାଳକଇଁ'କୁ ଛଡ଼େଇ ଟଙ୍କା ଆଣି ବରଜ ଭାଇଙ୍କୁ ଦାଖଲ କରିବାକୁ କଟକ ପଠେଇ ମୁଁ ବେଶୀ ଭାବନାରେ ପଡ଼ିଛି । ବୋଉର ମୋର ଅତି ଆଦରର 'ମାଳକଇଁ', ତୋ ସଂସାରର ସବୁଠୁ ବଡ଼ ଆଶା ଭରସା 'ମାଳକଇଁ' ଆଜି ଆଉ ମୋ ହାତରେ ନାହିଁ—

ରାଈ—ତା ବଦଳରେ ତମ ହାତରେ ଯାହା ରହିବା କଥା ସିଏତ ରହିଚି । ଆଉ ଦୁଃଖ କରୁଚ କାହିଁକି ?

ରାଜ—ଅଫିମ ଖାଉଚି ବୋଲି ତୁ ମତେ ଘୃଣା କରୁଚୁ ରାଈ ?

ରାଈ—ଆଉ ସେ ଅଫିମ ଖାଇ ତମ ରୋଗ କେମିତି ଭଲହେଇଚି ତା'ବି ମୁଁ ଜାଣେ ।

ରାଜ—ରୋଗ ଭଲହେଇନି ମୁଁ ମାନୁଛି । ହେଲେ ରୋଗର ତ ଏତେଟା ଅତ୍ୟାଚାର ମୋ ଉପରେ ନାହିଁ ।

ରାଣୀ—ବେଶ୍ ଭଲ କଥା । ଆମର ସବୁ ସମ୍ପତ୍ତି ବଦଳରେ ଯଦି ତମେ ତମ ରୋଗଯନ୍ତ୍ରଣାରୁ ରକ୍ଷାପାଅ, ତେବେ ସେଥିରେ ତ ମୋର ସବୁଠୁ ବେଶୀ ଖୁସି ହେବାର କଥା କିନ୍ତୁ କାହିଁ ?

ରାଜା—ମୁଁ ବଡ଼ ଦୁର୍ବଳ ହୋଇ ପଡ଼ୁଛି ରାଣୀ ! ତୁ କହ, କଣ ମୁଁ କରିବି ?

ରାଣୀ—ଏତିକ କହିବାର ଅଧିକାରତ ଆଗରୁ କେବେ ଦେଇନ—

ରାଜା—ଆଜି ଆଉ ଅଧିକାରର ପ୍ରଶ୍ନ କରିବାକୁ ସମୟ ନାହିଁ ରାଣୀ ! ଜୀବନର ସାଥୀ ହିସାବରେ ମୁଁ ଆଜି ତୋ ଠାରୁ ଚାହେଁ ସାନ୍ତ୍ୱନା । ମୋ ଭିତରଟା ଜଳି ଯାଉଚି ରାଣୀ, ମୁଁ ନ ମରି ବଞ୍ଚୁଛି କାହିଁକି ?

ରାଣୀ—(ରାଜକିଶୋରଙ୍କର ମୁହଁରେ ହାତ ଦେଇ) ଆଃ, କି କାଳକଥା ମୁହଁରେ ଧରୁଛ ? ଆଉ କଣ କିଛି ନାହିଁ କହିବାକୁ ? ସାଆନ୍ତେ ତ ଟଙ୍କା ନେଇ ଯାଇଚନ୍ତି ଦାଖଲ କରିବାକୁ । ସେ ଆସନ୍ତୁ । ବ୍ୟସ୍ତ ହେଲେ କଣ ହେବ । ଚଳେଇବା ଲୋକ ଚଳେଇବନି !

ରାଜା—(ହତାଶରେ) କିଏ ଆଉ ଚଳେଇବ !

ରାଣୀ—ତମକୁ ମୋ ରାଣ—ତମେ ଆଉ ଏତେ ଭାବନି । ଆମର ହ'ଟା ପେଟ । ଅପୋଷା ରହି ଯିବନି—ତମେ ଏତେ ଭାବନା ।

ରାଜା—ତୁ ମୋ ଭଙ୍ଗା ମନଟାକୁ ଯୋଡ଼ିବାକୁ ଯଥେଷ୍ଟ ଚେଷ୍ଟା କରୁଛୁ ରାଣୀ । କିନ୍ତୁ···

(ଠିକ୍ ଏତିକ ବେଳେ ଆସିଛି ପାଲ ଅପା—ଅବସ୍ଥା ଦେଖି ଅଟକି ଗଲା)

ପାଲ—(ବିକଳରେ) ନୂଆବୋଉ !

ରାଜା—ଅପା ! ତୁ ?

ରାଣୀ—କଣ ଅପା ?

ପାଲି—ହଁ, ମୁଁ ଆଇଲି କଣ କି—ବରଜୁ ସାଆନ୍ତେ କୁଆଡ଼େ ଯାଇଚନ୍ତି···

ରାଣୀ—କଟକ ଯାଉଛନ୍ତି ଟିକସ ଟଙ୍କା ଦାଖଲ କରିବାକୁ ।

ପାଲି—ମୁଁ ପୋଖରୀ ତୁଠରେ ଶୁଣିଲି—

ରାଣୀ—କଣ ଶୁଣିଲ ଅପା ?

ପାଲି—ବରଜୁ ସାଆନ୍ତେ କଣ ନଟିଆ ଆଉ ବୁଲାଙ୍କୁ ନେଇକରି ଯାଇଛନ୍ତି—ତାଙ୍କଠୁ କଣ ଚାରି ହଜାର ଟଙ୍କାରେ ଜମି କଣୁଚନ୍ତି ଯେ କାଗଜ କରେଇବେ କଟକରେ ।

ରାଜ—( ବେଖାଣ୍ଡିରି ହସ ହସି ) ତୁ କଣ ଭାବୁଛୁ ଏଇ ଯେଉଁ ଟଙ୍କା ନେଇ ଯାଇଛନ୍ତି ଦାଖଲ କରିବାକୁ, ସେଇଥିରେ ଜମି କଣିବେ । ନାଇଁ ନାଇଁ ଅପା—

ପାଲି—ଆଉ ଏତେ ଟଙ୍କା ପାଇଲେ କେଉଠୁ ?

ରାଜ—ଅପା, ତାଙ୍କୁ ଏତେ ଘେଣ୍ଟକରି ଭାବନା—

ରାଣୀ—ତାଙ୍କପକ୍ଷରେ କଣ ଏଇଟା ଅସମ୍ଭବ ବୋଲି ଭାବୁଛ ? ସେଇ ବିଶ୍ୱାସ ତାଙ୍କ ଉପରେ କରି କରିତ ଏତେ ଅବସ୍ଥା ହେଲଣି । ତେବେ ବି ତମର ମନରେ ପଶୁନି ।

ରାଜ—ଛି ରାଣୀ ! ତମେ ମବୁ ତାଙ୍କୁ ଏତେଟା ସନ୍ଦେହ କରିବା ଭଲ ନୁହେଁ । ସେ ସେମିତି ଲୋକ ନୁହନ୍ତି । ଦିନ ଆସିବ ତମେ ସବୁ ବୁଝିବ । ବରଜୁ ଭାଇ ଆମ ସଂସାରର ଉପକାରୀ ପଛେ ଅପକାରୀ ନୁହନ୍ତି । ଆଚ୍ଛା ଅପା, ଆଜି ହାଡ଼ିଆ କାହିଁକି ଦେଖାନାହିଁ ?

ପାଲି—ମୁଁ ତ ତାକୁ ଏତେ ବୁଝେଇଲି ଆସିବାକୁ—ଆସୁନି—ଏକାଜିଦି ଧରି ବସିଛି ଏଠୁ ବରଜୁ ସାଆନ୍ତ ନ ଗଲେ ସେ ଆସିବନି ।

ରାଜ—ଓଃ, ସେଇଥିପାଇଁ ତାହାହେଲେ ତୁ ବରଜୁ ଭାଇଙ୍କ ନାଁରେ ଚୁଗୁଲି କରୁଛୁ ଆସି ?

ପାଲି—ଏଃ, (ଦୁଃଖରେ) କଣ କହିଲ ରାଜୁ ଭାଇ—ନାଇଁ, ନାଇଁ, ପାଲି ପର ଘର ଧାନ କୁଟୁଛି ପଛେ କୋଉଠୁ ମାଗଣାରେ ଫୁଲାଏ ପାଇବାକୁ ହେନେ ଆଶା କରିନ । ଏ ହାଡ଼ଆଠା ତ ମଣିଷ ହେଲିନ । ଯା ତା'ର ଖୁସି ସେଇୟା କରୁଚ—ହଉ ନୂଆବୋଉ ମୁଁ ଆଉ କେବେ କିଛି ତମ ଘର କଥା କହୁଛି କହିବିନ—

(ଦୁଃଖରେ ଚାଲିଗଲା)

ରାଣୀ—ଅପା ! ଅପା ! (ଫେରି ସ୍ୱାମୀଙ୍କ ଆଡ଼େ) ପାଲିଅପାଙ୍କଠୁ ସାଆନ୍ତେ ତମର ବେଶୀ ଆପଣାର ନା ?

ରାଜ—ତୁ ବୁଝୁନୁ ରାଣୀ ! ଏଇ ଶ୍ରେଷ୍ଠ ଲୋକଗୁଡ଼ାକ ଏକର ସେକର କରି ମନ୍ତ୍ରଣା ଦେଇ ଘର ଭାଙ୍ଗନ୍ତି ।

ରାଣୀ—ହଁ, ମଣିଷକୁ ଖରାପ ବୁଦ୍ଧି ଧରିଲେ, ସବୁ ଭଲଲୋକ ବି ଖରାପ ଲାଗନ୍ତି—

ରାଜ—(ମନର ବିକୃତି ଭିତରେ ଯାଇ ଚେୟାର ଉପରେ ବସି ପଡ଼ିଲେ )

ରାଣୀ—(ଭାବନାର ବ୍ୟତିକ୍ରମ ଭିତରେ ନୀରବ ହୋଇ ବସି ରହିଲେ । ଦୃଶ୍ୟଟିରେ ନୀରବତା ଘୋଟି ଆସିଲା । ଏଇ ସମୟରେ ବରଜୁ ଘୋଡ଼େଇ ହୋଇ ମୁଣ୍ଡରେ ଝଡ଼ର ପଟି ବାନ୍ଧି ଥରି ଥରି ଆସି ପହଞ୍ଚିଲେ)

ବରଜୁ—(ବ୍ୟସ୍ତ ହୋଇ) ଓହୋ, ଓହୋ—ହୋ—

ରାଜ—(ଚମକି ପଡ଼ି ଠିଆହୋଇ ) କଏ, ବରଜୁ ଭାଇ, ଏ କଣ ?

ବରଜ୍—ହଁ ରାଜ୍‌ବାବୁ, ମୁଁ ମରିଯିବି; ମରିଯିବି ରାଜ୍‌ବାବୁ ।

(ରାଜ୍‌ବାବୁ ତାଙ୍କୁ ଧରି ଆଣି ଚେୟାର ଉପରେ ବସାଇଲେ)

ରାଜ୍—କଣ ହେଲା ବରଜ୍‌ଭାଇ—କଣ କୋଉଠି ଆଘାତ !

ବରଜ୍—ଆଉ କଣ କହିବି ରାଜ୍‌ବାବୁ ! ବଞ୍ଚିକରି ଆସି ତମକୁ ସବୁ ଦେଖିବି ବୋଲି ପରତେ ନ ଥିଲା ମୋର । ଟେସନଠୁ ଛତରବଜାର ଦେଇ ଯାଉଛି ବଜାର ଆଡ଼େ—ସଞ୍ଜ ପହରଟା ମୋ ପାଖରେ ଟଙ୍କା ଅଛି ବୋଲି କିଏ ଜାଣିଥିଲା କି କଣ—ହଠାତ୍ କନା—ମୋ ହାତରେ ବାଜିଲା ଗୋଟାଏ ପାହାର । ତା ପରେ ଗୋଟାଏ ମୁଣ୍ଡରେ । ମୁ ତ ମୁର୍ଚ୍ଛା ହୋଇ ପଡ଼ିଗଲି । ତା ପରେ କଣ ହେଲା ଆଉ ଖିଆଲ ନାହିଁ । ତା ଆରଦିନ ସକାଳୁ ଦେଖେତ ଡାକ୍ତର ଖାନାରେ ଏ ପଡ଼ି ।

ରାଜ ଏଁ, ଟଙ୍କା ! (ରାଣ୍ଡି ବିକଳରେ ଚାହିଁ ଥାନ୍ତି)

ବରଜ—ଆଉ ଟଙ୍କା ମୁଁ ଜାଣେ ? ମୋର ହୋସ ରହିଲା ଯେ ମୁ କହିବି ?

ରାଜ—ବରଜଭାଇ ! (ଅତି ମାସାରେ ଭାଙ୍ଗିପଡ଼ି ବସିପଡ଼ିଲେ) ଟଙ୍କା ଦାଖଲ କରିନା ବରଜ୍‌ଭାଇ ?

ବରଜ୍—ଜୀବନ ଯେଉଠି ଯାଉଥିଲା—ଟଙ୍କା କଥା କଣ କହୁଚ ରାଜ୍‌ବାବୁ ? ହେଲେ ପୁଲିସରେ ଏତଲା ଦେଇ ଆସିଛି—ଭାରି ଜୋରରେ ଲାଗି ପଡ଼ିଛନ୍ତି—ମୋଠୁ ବି ଜମାନବନ୍ଦି ନେଇଛନ୍ତି ।

ରାଜ—(ଭଙ୍ଗା କଣ୍ଠରେ) ସେଇ ପୋଲିସ ଏତଲା ଆଉ ଜମାନବନ୍ଦି ତ ବାବୁଆର ଆଉ ଯେଉଁ ଚେନାଏ ଅଛି, ତାକୁ ରଖି ପାରିବନି ? ସଟିଫିକେଟ୍‌ରେ ବାକି ସମ୍ପତ୍ତି ଆଟାଚ (attach) ହେବ—ଜବତ ହେବ—ସରକାର ଦଖଲ

ନେବ—ତାପରେ ଜାଣିବ ବରଜୁ ଭାଇ—ବାବୁଆକୁ ଖଣ୍ଡେ ଖପରା ମିଳିବନି ଘରୁଧରି ବାହାରି ଯିବାକୁ—(ମୁଣ୍ଡରେ ହାତ ଦେଇ ତଳକୁ ମୁହଁ କଲେ)

(ରାଣୀ ଯାଇ ଲୁହଭରା ଆଖିରେ ସ୍ୱାମୀଙ୍କ ମୁଣ୍ଡରେ ହାତ ବୁଲାଇଲେ—ରାଣୀଙ୍କର ସ୍ପର୍ଶ ଅନୁଭବ କରି ରାଜ ଫେରି ଚାହିଁ ଚାହିଁ ପାରିଲେନି—ତଳକୁ ମୁହଁ କରି ଦରଜ ଗମ୍ଭୀର ଓ ହତାଶରେ )

ରାଜ—ବାବୁଆର ଦୁନିଆଟା ଉଜୁଡ଼ି ଗଲା ରାଣୀ ! ସେ ଦୁଆର ଦୁଆର ବୁଲି ଭିକ ମାଗିବାଛଡ଼ା ତାର ଉପାୟ ନାହିଁ । ହଁ ରାଣୀ, ମୁଁ ତୋର ଦୁନିଆଟାକୁ ଉଜାଡ଼ି ଦେଲି ।

ରାଣୀ—( ଲୁହଭରା ଆଖିରେ ) ଆଜି ତମ ମନରେ ପଶିଲା ନା ? ଆଜି ତମର ନିଜ ଉପରେ ଅଭିମାନ କରିବାକୁ ଦିନ ଆସିଲା । କାହିଁକି ତମେ ନିଜେ ଟଙ୍କା ନେଇ କଟକ ଯାଇଥିଲେ ?

ବରଜୁ—( ରାଗିଉଠି ) କଣ ଦୋଷଟା ତାହାହେଲେ ମୋର ? ଦିନରାତି ତମପାଇଁ ଖଟି ଖଟି ମୋ ନିଜ ଘର କଥା ଭୁଲି ଯାଇଥିଲି । ଶେଷରେ ଏଇଯା ଶୁଣିବାକୁ ହେଲା ? ଆଉ ମୁଁ ଯେ ମରି ଯାଇଥାନ୍ତି । ମୋ ଜୀବନଟା—

ରାଣୀ ଗୋଟାଏ ଦୁନିଆକୁ ଜାଳିପୋଡ଼ି ପାଉଁଶ କରି ତଥାପି ତମର ସାହସ ଅଛି କଥା କହିବାକୁ ?

ବରଜୁ—( ଅତି ମାତ୍ରାରେ ରାଗି ) ଏଁ ତମ ଦୁନିଆକୁ ମୁଁ ଜାଳି ପୋଡ଼ି ଦେଲି ? କଣ ଏ ସବୁ ରାଜୁବାବୁ ?

ରାଣୀ—ତାଙ୍କ ମୁହଁ ଯେ ତମ ପାଖରେ ବନ୍ଦ ହୋଇ ଯାଇଚି, ତାଙ୍କୁ ଅଫିମ ଖୁଆଇ ଏତେ ସରି କରି, ପଙ୍ଗୁ କରି ଘରେ ପକାଇ ସର୍ବସ୍ୱାନ୍ତ କରି ମନ ମାନି ନ ଥିଲା ଯେ ଶେଷରେ ଏଇ ହୀନ କାମ କଲ ?

ରାଜ—( ପାଟିକରି ) ରାଣି ! ( ବରଜୁ ଖାଲି ରାଗରେ ଥରୁଛନ୍ତି । )

ରାଣି—ନାଁ, ଆଜି ରାଣି ମୁହଁ ବନ୍ଦକରିବାକୁ ତମର ଅଧିକାର ନାହିଁ । ଗୋଟାଏ ଯୁଗଧରି ତମର ସବୁ ମୁଁ ମୁଣ୍ଡପାତି ସହି ଆସିଛି । ( ବରଜୁଙ୍କ ଆଡ଼େ ) ତାଙ୍କୁ ଅଫିମ ଖୁଆଇ ପଙ୍ଗୁକରି ଗୋଟାଏ ସୁନାର ସଂସାର ଚୂନା କରି ତମେ ପାଇଲ କଣ ? ବାବୁଆକୁ ମୋର ଦାଣ୍ଡର ଭିକାରି କରି ଛାଡ଼ି-ଦେଲ । ତାରି ନିଶ୍ୱାସରେ ତମେ ଜନମ ଜନମ ଧରି ନର୍କ ଭୋଗୁଥିବ ।

ରାଣି—(ବରଜୁ ଭାଇଙ୍କ ଉପରେ ଏପରି ବ୍ୟବହାର ସହିପାରିଲେନି ରାଗରେ ପାଟିକରି ଉଠି ) ରାଣି ! ଚୁପ୍ କର । ( ଏଇ ସମୟରେ ବରଜୁ ତମ ତମ ହୋଇ ଚାଲିଯାଉଥିବା ବେଳେ ରାଜୁ ଅଟକାଇଲେ ) ମତେ କ୍ଷମା ଦିଅ ବରଜୁ ଭାଇ । ଏ ଅଲକ୍ଷଣୀଟାର ଏଇ ପ୍ରକୃତି ଯୋଗୁ ସବୁ ଯିବାକୁ ବସିଲାଣି— ମତେ କ୍ଷମାକର—

ବରଜ—ରଖହୋ ତମ ଚଟୁଟଲି କଥା । ମୁଁ ତମର ଘର ଉଜାଡ଼ି ଦେଲି ନାଁ ? ଏଣିକି ତମର ତମେ ସମ୍ଭାଳି ରୁହ ?

ରାଜ—ବରଜୁ ଭାଇ ? ବରଜୁ ଭାଇ ? ( ବରଜୁ ପ୍ରସ୍ଥାନ ) ରାଜ ଅଟକାଇ ପାରିଲେନି—ତାଙ୍କର ଭାରି ରାଗ ହେଲା ରାଣୀ ଉପରେ ସେ କିନ୍ତୁ ଆଉକିଛି କହି ପାରିଲେନି—ଆସ୍ତେ ଆସ୍ତେ ଘର ଆଡ଼େ ଚାଲିଯିବାବେଳେ ରାଣି ଝଟପଟିମାରି ରାଜୁଙ୍କ ସାମନାରେ ଭୀଷଣ ମୂର୍ତ୍ତି ନେଇ ଠିଆ ହୋଇ )

ରାଣି—ମୁଁ ଅଲକ୍ଷଣୀ ନାଁ ? ଏଇନେ ମନ ମାନିଲା ? ଆଉ କଣ ଚାହଁ ?

ରାଜ —(ରାଗି) କଟା ଘା'ରେ ଲୁଣଛିଟା ଦେନା କହୁଛି ରାଣି !

ରାଈ—ନାଲି ଆଖି, ଧମକ ତମର ଅନେକ ସହିଆସିଛି—ତମେ
ଯଦି ଭାବୁଛ ସେଇ ତମ ଘରକୁ ବୋହିଆଣି ଭର୍ତ୍ତି କରିଦେବେ
ତେବେ ସେଇଆ କରୁନା କାହିଁକି ?

ରାଜ—ରାଈ ! ସାଇପଡ଼ିଶାର ହେଲେବି ସେ ମୋଠୁ ବଡ଼ । ତାଙ୍କୁ
ଅପମାନ ଦେଇ ମନ ମାନିନ ଯେ ପୁଣି କଣ ଅସିଛୁ—

ରାଈ—ଖାଲି ତମକୁ ଅପମାନ ଦେବାକୁ ଆସିନି—ଆସିଛି ବାବୁଆର
ଦାବୀ ଆଦାୟ କରିବାକୁ—ତମେ କଣ ଭାବୁଛ ବାବୁଆକୁ
ଫାଙ୍କିଦେଇ ତମେ ତମ ମନଇଚ୍ଛା ହବୁ କରିଯିବ ? ଆଉ
ମୁଁ ଘରକଣରେ ଦିନ ଦିନଧରି ଆଖିରୁ ଲୁହ ଗଡ଼ଉଥିବି ।

ରାଜ—ଓଃ ତୁ ତାହାହେଲେ ଖୁବ୍ ଆଗେଇ ଯାଇଛୁ ଦେଖୁଛି ।
ଝିଅଙ୍କ ଆଗରେ ମୋର ଦୁର୍ବଳତାର ସୁଯୋଗ ପାଇ ତୁ
ଭାରି ସାହସ କରିଛୁ ତାହାହେଲେ !

( ଆଡ଼େଇ ଦେଇ ଚାଲି ଯାଉଥିବାବେଳେ ରାଈ ଧରି
ରୋକ ଦେଲେ )

ରାଈ—ତମକୁ ବାବୁଆର ବ୍ୟବସ୍ଥା ବର୍ତ୍ତମାନ କରିବାକୁ ହେବ—

ରାଜ—ତୁ ଅତି ଉଦ୍ଧତ ହୋଇ ଉଠିଛୁ ରାଈ—ଛାଡ଼ ମୁଁ
କହୁଛି—

ରାଈ—ନାଁ,

ରାଜ—ଛାଡ଼୍ ।

ରାଈ—ଆଗେ ମୋ ବାବୁଆର ବ୍ୟବସ୍ଥା କରିଦିଅ—ତମେ କଣ
ଭାବୁଛ ବାବୁଆ ପୁଅଟା ବୋଲି ଦାଣ୍ଡରେ ଭିକଥାଳି ଧରି
ବୁଲିବ—ତମର କଣ ତା ପାଇଁ କିଛି କରିବାର ନାହିଁ ?

ରାଜ ରାଈ ! ( ଦନ୍ତ ଓ ରାଗରେ )

ରାଈ—ମୁଁ ଅଲକ୍ଷଣୀ ନାଁ ?

ରାଜ—[ ରାଈଙ୍କର ଆଖିରୁ ଧାର ଧାର ଲୁହ ବହିଆସିଲାଣି । ରାଜ
ଆଖି ସାମନାରେ ରାଈଙ୍କର ଅବସ୍ଥା ଦେଖି ରାଈ ଆଖି

ସାଙ୍ଗରେ ନିଜ ଆଖି ମିଳେଇ ପାରିଲେନି । ଦାମ୍ପତ୍ୟ ଜୀବନର ପ୍ରଥମ ଦିନ ଗୁଡ଼ିକ ତାଙ୍କ ଭାବନାରେ ଆନ୍ଦୋଳିତ ହେବାକୁ ଲାଗିଲା । ସେ ନିଜ ଭିତରେ ପାପୀର ଗୋଟାଏ କରାଳ ସ୍ୱରୂପ ଅନୁଭବ କରିବାକୁ ଲାଗିଲେ । ପ୍ରାୟଶ୍ଚିତ୍ତ ପାଇଁ ତାଙ୍କ ହୃଦୟ ଅତି ବିକଳ ହୋଇ ଉଠିଲା—ହେଲେ ଉପାୟ ନାହିଁ । ରାଣୀଙ୍କର ଆତୁର ଗୁହାରୀକୁ ସେ ସହ୍ୟକରି ପାରିଲେନି—ଅତି ଦୁଃଖ ଓ କଷ୍ଟରେ ରାଣୀଙ୍କୁ ନିଜ ଛାତିରେ ଚାପି ଧରିଲେ—ଆଖିରୁ ତାଙ୍କର ଦିଟୋପା ଲୁହ ଗଡ଼ିପଡ଼ିଲା] ।

ଗୋଟାଏ ଭଙ୍ଗା ହୃଦୟ ଉପରେ ଦାଉ ସାଧିଲେ ତୁ କଣ ପାଇବୁ ରାଣି ! ତୋର ସେଇ ନିକଟ ଅତୀତର ଆରାଧ୍ୟ ଦେବତା । ଆଜି ଗୋଟାଏ କାଳଗ୍ରାସୀ ରୂପ ନେଇ ଠିଆ ହୋଇଛି—ସେ ଆଜି ତା'ର ନିଜତ୍ୱ ହରାଇଲା । ବାବୁଆକୁ ଜନ୍ମ ଦେଇଛୁ ତୁ । ଭିତରର ବିନ୍ଦୁ ବିନ୍ଦୁ ରକ୍ତ ଦାନ କରି ସୃଷ୍ଟି କରିଛୁ ତାକୁ—ତାକୁ ଆଜି ଦୁନିଆରେ ବଡ଼କରି ଠିଆ କରିବୁ କେବଳ ତୁହି । ମତେ ଗୋଟିଏ ସୁଖର ମରଣ ପାଇଁ ଛାଡ଼ିଦେ ରାଣି—ମୁଁ ନା ତୋର, ନାଁ ବାବୁଆର କିଛି କରିପାରିବିନି—

[ଦୃଶ୍ୟଟିରେ କାରୁଣ୍ୟ ଖେଳିଗଲା । ରାଣି ତାଙ୍କର ସବୁ ରାଗ, ଅଭିମାନ ଭୁଲିଯାଇ ନିଜ କାନିରେ ରାଜକିଶୋରଙ୍କ ଆଖିରୁ ଲୁହ ପୋଛି ଦେଲେ । ଦାମ୍ପତ୍ୟ ପ୍ରେମର ଅସରନ୍ତି ଉଚ୍ଛ୍ୱାସ ହୁଏତ ଶେଷଥର ପାଇଁ ଦୁଇଟି ଜୀବନରେ କଲ୍ଲୋଳିତ ହେବାକୁ ଲାଗିଲା । ଦୁହେଁ କାନ୍ଦୁଛନ୍ତି—ପ୍ରତ୍ୟେକ ପ୍ରତ୍ୟେକଙ୍କ ଆଖିରୁ ଲୁହ ପୋଛୁଛନ୍ତି ସତେକି ସେ ଲୁହର ଶେଷ ନାହିଁ । ]

[ ପ୍ରଥମ ଅଙ୍କ ଶେଷ ]

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

[ ଏହା ଭିତରେ ପୁଣି ତିନ ବର୍ଷ କଟିଯାଇଛି । ]

ଅଫିମ ଦୋକାନ । ଦମାଘୋଟ ଭିଡରେ ଅଫିମ ଗଞ୍ଜେଇ ବିକ୍ରୀ ଚାଲିଛି । ସେ ଭିଡ ଭିତରେ ଗୋଟିଏ ପିଲା—ବାବୁଆ—ଆଠ ବର୍ଷ ସେତେବେଳେ ଫଟା ପେଣ୍ଟ ଖଣ୍ଡେ । ଖାଲି ଗୋଦଡ ହେଲେ ବେକରେ ଗୋଟିଏ ସୁନାର ଚେନ ପଡ଼ିଛି—ତାର ବେଶ ଫଟା ସହିତ ବେକରେ ସୁନା ଚେନ୍ ଯେମିତି ଖାପ ଖାଉନ । ବାବୁଆ ଭିଡରେ ଠେଲାପେଲା କରି ଆସ୍ତେ ଦୋକାନ ମୁହଁକୁ ଗଲି ଯାଇଛି । ଆସିଛି ସେ ବାପାପାଇଁ ଅଫିମ ନେବାକୁ ।

ବାବୁଆ—ଆରେ ମତେ ଆଗ ଦିଅମ !

(କେହି ଶୁଣୁନାହାନ୍ତି, ବଡ ବଡମାନେ ନେଇ ଚାଲିଯାଉଛନ୍ତି । ହେଲେ ବାବୁଆ ଯେତେ ପାଟି କଲେ ବି କେହି ଦେଉନାହାନ୍ତି ତାକୁ ସଉଦା । ବହୁତ ଚେଷ୍ଟା କଲା ପାଇବାକୁ ବାବୁଆ । ହେଲେ ପାରିଲାନ । ଘଟିଗଲା । ଦୋକାନ ସାମନା ବାଡ଼ଟାକୁ ଜୋରରେ ଝିଙ୍କି ହଲାଇ ଦେଲା ) ।

ବାବୁଆ—ହେ ମିଆଁ ? ଦବୁନି ଅଫିମ ?

ଲ: ମିଆଁ—କିଏରେ ବେକୁବ ? କାହିଁକି ହଲା କରୁଛୁ ?

ବାବୁଆ—କିଏ କହିଲୁ ବଦମାସ—ହଲ୍ଲା—ଜାଣିଛୁ ଦୋକାନ ଉଠେଇ ଦେବି ତ ?

ଲ: ମିଆଁ—ଆରେ ତୋ ବାବା ତ ଦୋକାନ ଉଇଠେ ଦିୟା—ଆଜ ତୁ ଆଇଲୁ···ଖତର ନାକ ଲେକର—ଯା ଭଗୋ—ଅଫିମ ମିଲେଗା ନାହିଁ ।

ବାବୁଆ—(ଅତି ମାତ୍ରାରେ ରାଗିଗଲା । ଗୋଟାଏ ପଥର ନେଇ ମିଆଁ ଉପରକୁ ଫୋପାଡ଼ିବାକୁ ଧାଇଁଗଲା । ମିଆଁର ଇସାରାରେ ଅନ୍ୟ ଲୋକମାନେ ବାବୁଆକୁ ଧରି ନେଇଛନ୍ତି । ମିଆଁ ମଧ୍ୟ ରାଗିଯାଇ ଦୋକାନ ବାହାରକୁ ଆସି ବାବୁଆର କାନ ଧରି ଗୋଟାଏ ଚଟକଣା ମାରିଲା । ବାବୁଆ ବି ଛୁଡ଼ିଲା ପିଲାଟିହେଁ—ମିଆଁ ହାତକୁ କାମୁଡ଼ି ଦେଲା । ମିଆଁ ଖୁବ ଜୋରରେ ଧକକାଟାଏ ଦେଲା-ବାବୁଆ ପଡ଼ିଗଲା ) ।

ମଆଁ—ଯାଓ, ଭଗୋ, ଅଫିମ ମିଲବ ନାହିଁ—ଚଲୋ—

ବାବୁଆ—( କାନ୍ଦକାନ୍ଦ ହୋଇ ) ନାଇଁ ମିଆଁ, ମତେ ଚାରି ଅଣାର ଦେ—ବାପାକୁ ଭାରି ଜର ଦେ—ତୋ ଗୋଡ଼ତଳେ ପଡ଼ୁଛି ।

ମିଆଁ—ଆରେ କୋଡ଼କାଳେ ବାପ ବ୍ରାହ୍ମଣ ଅଗରେ ଘିଅ ଖାଇଥିଲା ବୋଲି, ଏଇନେ···ଆଣ, ପଇସା ଆଣ—(ମିଆଁ ଅଫିମ ଦେଲା ) ।

[ବାବୁ ଅଫିମ ନେଇ ଫେରୁଥିବା ବେଳେ ରାଜକିଶୋର ଜୀର୍ଣ୍ଣ ଶୀର୍ଣ୍ଣ ବେଶ—ଚିରା ମଇଲା ଚଦର ଖଣ୍ଡେ ଘୋଡ଼େଇ ହୋଇଛନ୍ତି । ଥରି ଥରି ଆସି ପହଞ୍ଚିଲେ । ବାବୁଆର ଡେରି ହୋବାରୁ ତାଙ୍କର ଭାରି ରାଗ ହୋଇଛି—ସେ ବାବୁଆ କାନଧରି]

ରାଜ—ହଇରେ ବଦମାସ, ତୋତେ କେତେବେଳୁ ପଠେଇଲିଣି, ଏଠି ବସି କଣ ଖେଳୁଥିଲୁ ?

ବାବୁ—ନାଇଁ ବାପା ! ଏ ମିଆଁ ମୋତେ ଦେଉ ନ ଥିଲା ।

ମିଆଁ—ଏଁ ଏ, ଦେଖନ୍ତୁ କି ଅନ୍ୟାୟ—ଏ କି କଥା ଏ କଥା କଣ କି ରାଜବାବୁ । ଠିକେ ଗହଳ ଥିଲି— କାଳେ ଡେରିହେଲି ଏ ପିଲା ମୋ ଉପରେ ରାଗି ଗୋଟାଏ ପଥର ଫୋପାଡ଼ିବାକୁ ମହଜୁତ ।

ରାଜ—(ବାବୁଆକୁ ମାରି) ହଇରେ ଏଇ ଗୁଣ ବିକାଶୁଛୁ ? ଯା—

( ବାବୁଆ କାନ୍ଦି କାନ୍ଦି ପ୍ରସ୍ଥାନ

ମୋର ଦୋଷ ହୋଇଛି ମିଆଁ ସାହେବ । କିଛି ମନରେ ଭାବବନି—ବାପ ଶେଷରେ ଆଶ୍ରା କରିଚି ଯାହାକୁ, ପୁଅ ପୁଣି ତାକୁ ମାରିବାକୁ ଆଗେଇ ଆସୁଛି—ଏସବୁ ମୋର କର୍ମ ଦୋଷ ନୁହେଁ ?

ମିଆଁ—ଆଜି ଜରରେ କାହିଁକି ନିଜେ ଆପଣ ଚାଲିଆସିଲ ? ପୁଅ ତ ନେଇକରି ଯାଉଥିଲା ।

ରାଜ—ମୁଁ ଆସିଲି କଣକି—ଆଜି ପଇସା ନଥିଲା—ଘରିଅଣାରେ ଅଫିମ ନେଇଛି । ଅଣ୍ଟେବନି ମିଆଁ ସାହେବ— ରାତିକି ଜରଟା ବଡ଼ ପ୍ରବଳ ହୋଇ ଉଠୁଛି—ମତେ ଆଉ ଭରିଏ ଖଣ୍ଡେ ଦିଅ —

ମିଆଁ—କୁପନଟା ରାଜୁବାବୁ ଆଣିଛ ?

ରାଜ—(ମୁଣ୍ଡ ହଲାଇ) କୁପନରେ ଆଉ ମାଲ୍ ନାହିଁ । ସବୁ ମୁଁ ନେଇସାରିଛି ।

ମିଆଁ—(ଭାବି) ନେଇ ଯାଇଛନ୍ତି । ଆଚ୍ଛା ଦେଖିବା—ଆଉ କଣ ତୁମକୁ ଚଳେଇବାନି ? ଯେମିତି ହେଲେ ଚଳେଇବାକୁ ହେବ । ହଉ ପଇସା ବାହାର କର—ଦୋକାନ ବନ୍ଦ କରିବି ।

ରାଜ—ଟଙ୍କା ଆଉ କୋଉଠୁ ପାଇବି ? ତେବେ ( କାଖରେ ଲୁଚେଇ ଆଣିଥିବା କଂସା ଖଣ୍ଡେ ବାହାର କରି ମିଆଁ ହାତକୁ ବଢ଼ାଇ ଦେଲେ) ଏଇଆକୁ ଦେଖ ।

ମିଆଁ—(କଂସାକୁ ଭଲଭାବେ ଦେଖି) ଏଖଣ୍ଡ କେତେ ପଇସା ହେବ ?

(ମନକୁ ବିକୃତ କରୁଛି ଯେମିତି ମନକୁ ପାଉନି)।

ରାଜ—ଯାହା ହେବ ଠିକ୍ କର ଦଉନା । ତମେ କଣ କିଛି ଭୁଲ କରିବ ?

ମିଆଁ—ନାଇଁ ତେବେ ତମେ ବୁଢ଼ କଣ ହେବ—ତମର ଜିନିଷ ଅଛି ।

ରାଜ—ଦେଖ, ତମ ପାଖରେ କଣ ମୋର କିଛି ଅବିଶ୍ୱାସ ଅଛି—ତମେ ବୁଢ଼ ।

ମିଆଁ—ଏତ ବହୁତ ପୁରୁଣା ଜିନିଷ—

ରାଜ—ନାଇଁ ମିଆଁ ସାହେବ—ବେଶୀ ପୁରୁଣା ନୁହେଁ—

ମିଆଁ—ତେବେ ଏଇ ୩।୪ ଟଙ୍କା ହେବ, ବେଶୀ ହବନି ।

(କଂସାର ହୁଏତ ପ୍ରକୃତ ଦାମ ଟ୧୫୯ ପର୍ଯ୍ୟନ୍ତ ହେବ)।

ରାଜ—ଯାହା ହେଉ, ତମେ ମତେ ଅଫିମ ଦେଇ ବିଦାକର, ଭାରି ବ୍ୟସ୍ତ ଲାଗିଲଣି ।

[ମିଆଁ ଅଫିମ ଦେଲା । ରାଜ ବାବୁ ଅଫିମ ନେଇ ଚାଲିଗଲେ । ମିଆଁ କଂସାଟାକୁ ବଳେଇ ଖୁସିହୋଇ ଉଠିବା ବେଳେ ରାଜ ନହାତ ଅପରିଚ୍ଛନ୍ନ ଭାବରେ ପଶି ଆସି ମିଆଁର ହସକୁ ଦେଖି ଟିକେ ସ୍ତମ୍ଭିତ ହୋଇ ଠିଆହୋଇ ଗଲେ । ତା ପରେ ଟିକେ କଡ଼ା ଦୃଷ୍ଟି ପକାଇ ]

ରାଜ—ଲତୁ ମିଆଁ !

ମିଆଁ—(ହସ ବନ୍ଦ କରି ବେଖାତର ଭାବେ) ହୁଁ ।

ରାଜ—ସେ କଂସାଟା କୋଉ ବଂଶର ଜାଣିଛ ?

ମିଆଁ—ହାଁ ହାଁ; ଜରୁର ଜାଣିଛି—

ରାଈ—ଜାଣିନ କୋଉ ସାହସରେ ତାକୁ ବନ୍ଧକ ରଖିଲ !

ମିଆଁ—ହଁ । ହଁ । ଯୋଉ ସାହସରେ ଆପଣ ଆଜଯାଏ ସବୁ ରଖି ଆସିଛୁ—ମୋଫତ୍ ରଖିନ, ହକ ଦେଇ—

ରାଈ—(ଭଙ୍ଗିପଡ଼ି) ଲଲ୍ଲୁମିଆଁ—ଗୋଟାଏ ଜୀବନକୁ ଲୁଟ କରି ତମର ଶାନ୍ତି ନାହିଁ । ପୁଣି ଗୋଟାଏ ବଂଶକୁ ଜାଳି ଦେବାକୁ ଯାଉଚ—

ମିଆଁ—ଆହା, ଯେ଼ୁ କଣ କହୁଚ ? ମୋତେ କାହିଁକି ଦୋଷୀ କରୁଛ ? ଦୋଷ ସବୁ ହେଉଛି ଏଇ କଳା କୁଷ୍ଟର । ( ବ୍ୟଙ୍ଗରେ )

ରାଈ—ମୁଁ ତମକୁ ଦୋଷ ଦଉନି ଲଲ୍ଲୁମିଆଁ । ତମକୁ ମୋର ଅନୁରୋଧ ଗୋଟାଏ ଦୁନିଆକୁ ରକ୍ଷାକର । ଯାହା ହେବାର ହେଇ ଯାଇଚ, ଯା'ହା ଯିବାର ଚାଲି ଯାଇଛି । ପୁଣି ସେ ଲୋକଟାର ରକ୍ତ ଶୋଷି ଖାଇଲେ କଣ ପାଇବ । ମିଆଁ ସାହେବ ସେଇ ଲୋକଟାକୁ ଆଶ୍ରା କରିଛି ଗୋଟାଏ ଦୁଧଖିଆ ଛୁଆ—ତମେ ଛୁଆଟିକୁ ରକ୍ଷା କର ।

ମିଆଁ—(ସତେ ଯେମିତି ଗ୍ରହଣ କରି ପାରିଲାନି । କବାଟ ଦୋକାନର ବନ୍ଦକରି ଦେଲା । ରାଈ କବାଟରେ ମୁଣ୍ଡ କଚାଡ଼ି କାନ୍ଦୁଥାନ୍ତି ) ଲଲ୍ଲୁ ମିଆଁ ! ମିଆଁ ସାହେବ !! (ନିସ୍ତେଜ ହୋଇ ଲଲ୍ଲୁମିଆଁ ! ଖଣ୍ଡେ କଂସା ତମ ପାଖରେ ଯେତେବେଳେ ତାର ମୂଲ୍ୟ ଭରିଏ ଅଫିମ, ମୋ ଘରେ ଲକ୍ଷ କୋଟିର ସମ୍ପତ୍ତି ସିଏ—ମତେ ଫେରେଇ ଦିଅ—ଲଲ୍ଲୁମିଆଁ ମତେ ଫେରେଇ ଦିଅ ।

(ଅଣଆୟୁତ୍ତ ହୋଇ କାନ୍ଦୁଥିବା ବେଳେ ରାଜା ଖୁଷଣ ମୁଣ୍ଡି ଧରି ଫେରିଆସି )

ରାଜ—(ରାଜ ଗର୍ଜିଉଠି) ରାଈ ! କାନ୍ଦ ଆହୁରି କାନ୍ଦ । ତୋ ଆଖିରେ ଯେତେ ଲୁହ ଅଛି ଏକ ସଙ୍ଗେ ଅଜାଡ଼ିଦେଇ, ମୁଣ୍ଡ କଚାଡ଼ି ଯେତେ କାନ୍ଦିଲେ ବି ସେ କବାଟ ଫିଙ୍ଗିବାଟେ ମିଆଁ ପାଖରେ ପହଞ୍ଚିବନି —

ରାଈ—(ରାଗି) ହଁ, ମୁଁ ଜାଣେ -

ରାଜ—ଜାଣିବ ଏଠିକି କଣ କରଣେଇ ହେବାକୁ ଆସିଥିଲୁ । ମୋର ମାନ ଇଜ୍ଜତ ତଳେ ପକାଇ କୋଉ ସାହସରେ ବାହାରି ଆସିଛୁ ବାହାରକୁ ?

ରାଈ—ମୋ କଂସାଠାକୁ ଫେରାଇ ନେବାକୁ ଆସିଛି—

ରାଜ—କଂସାଠା ଉପରେ କମ ମମତା ତ ନୁହେଁ ଅଲକ୍ଷଣୀ ।

ରାଈ—ତମ ଗୋଡ଼ତଳେ ପଡ଼ୁଛି—ମୋ ବାବୁଆ କଂସାଠାକୁ ଫେରାଇ ଆଣ । ଜାଣିନା ତାର କେମିତି ଜିଦ୍ ସେଇ କଂସାରେ ପଖାଳ ଖାଇବାକୁ । ଜାଣିନା ପିଲାଦିନେ ସେ କେମିତି ସେଇ କଂସାଠାକୁ ଘଣ୍ଟାକରି ବଖାଣୁଥିଲା । ସବୁ କଣ ଭୁଲିଗଲ ।

ରାଜ—ବାବୁଆ ଆଜ ଦୁଧଖିଆ ପିଲାନୁହେଁ । ଯା, ଘରକୁ ଯା—

ରାଈ—ମୁଁ କାନ୍ଥ ମୋ କଂସାଠାକୁ ନ ନେଇ ଯିବନି—(ଦୋକାନ କବାଟ ପାଖକୁ ଯାଇ କବାଟରେ ହାତ କଚାଡ଼ି) ଲତିମିଆଁ—ଲତିମିଆଁ !

(ରାଜ କିଶୋର ବି ଭୟାନକ ରାଗିଗଲେ, ସବୁ ଦାରିଦ୍ର୍ୟ ଭିତରେ ସେ ଆଭିଜାତ୍ୟର ପରମ୍ପରା ବ୍ୟତିକ୍ରମ କରିବାକୁ ଋହାନ୍ତିନ—ଦୌଡ଼ିଯାଇ ରାଈଙ୍କୁ ଧରି ଘୋଷାରି ଘୋଷାରି ନେଇ ଆସିଲେ—ବାବୁଆ ଆସିଛି—ବୋଉକୁ ବାପା ଘୋଷାରୁ ଥିବାର ଦେଖି ସେ ବି ରାଗିଯାଇଛି—ଧାଇଁ ଯାଇଁ ଛଡେଇବାକୁ ଚେଷ୍ଟା କରିଛି ପାରିନ—ରାଗରେ ଦଉଡ଼ି ଯାଇ

ଗୋଟାଏ ପଥର ଗୋଟେଇ ଆଣି ବାପ ଉପରକୁ ପକାଇବାକୁ ଗଲାକ୍ଷଣି ରାଜ୍ଞ ଦେଖି ଗର୍ଜି ଉଠିନ୍ତନ୍ତି, "ବାବୁଆ ! ଇଏ କଣ ବାବୁଆ ? ଫୋପାଡ଼ ଦେ ପଥର । ରାଜା ଦେଖିଛନ୍ତି ବାବୁଆ ତାଙ୍କ ଉପରକୁ ପଥର ଉଞ୍ଚାଇଛି—ସେ ବାବୁଆ ଉପରେ ରାଗି ରାଜ୍ଞଙ୍କୁ ଛାଡ଼ିଦେଇ ବାବୁଆକୁ ଖୁବ୍ ଜୋରରେ ଗୋଟାଏ କାନ ମୂଳିଆ ଚାପୁଡ଼ା ଲଗାଇଛନ୍ତି । ବାବୁଆ ହତଜ୍ଞାନ ହୋଇ ତଳେ ପଡ଼ି ଯାଇଛି । ମାତ୍ର ରାଜା କଶୋର ଦେଖି ନାହାନ୍ତି । ସେ ରାଗରେ ମାଡ଼ ଦେଇ ଏକ ମୁହାଁ ହୋଇ ସେଠାରୁ ଚାଲିଯାଇଛନ୍ତି—ରାଜ୍ଞ ଝପଟିଯାଇ ବାବୁଆକୁ କୋଳକୁ ଆଣି ଉଣ୍ଡାଳି ପକାଇ ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଛଟ ପଟ ହୋଇ ଯାଇଛନ୍ତି—ତାଙ୍କ ମୁଣ୍ଡ ଉପରେ ସତେ ଯେମିତି ସାରା ଆକାଶଟା ଅଜାଡ଼ି ହୋଇ ପଡ଼ୁଛି । ବାବୁଆ ଅଚେତ ହୋଇ ପଡ଼ିଛି—କାତରରେ ବାବୁଆକୁ କୋଳରେ ଜାକିଧରି ଡାକୁଛନ୍ତି "ମିଆଁ ସାହେବ, ମିଆଁ ସାହେବ—ଟୋପାଏ ପାଣି— ବାବୁଆ ମୋର..........."

ଭୋ ଭୋ କାନ୍ଦି ଉଠିଛନ୍ତି । ତାଙ୍କର ଆଖି ପାଣିରେହିଁ ବାବୁଆ ବୁଡ଼ି ଯାଇଛି । )

—ଦୃଶ୍ୟ ପରିବର୍ତ୍ତନ—

---

## ଦ୍ୱିତୀୟ ଦୃଶ୍ୟ

[ ଗାଁ ଦାଣ୍ଡ । ବରଜୁ ଓ ମିଆଁ କଥାବାର୍ତ୍ତା ହୋଇ ଆସୁଥାନ୍ତି ]

ବରଜୁ—ଦେଖିଲ ମିଆଁ ସାହେବ—ଦେଖିଲତ ! ବରଜୁ ଯାହା କୁହେ, ମୁଣ୍ଡି ନ ମାରି ଛାଡ଼େନା । ଚୁଲିଘର ଥିଲା—ହେଲା କୋଠାଘର । ଏଥର ତୁମ ପରି ତୁମେ ହୋଇ ରହିଲ—

ମିଆଁ—ମୁଁ କଣ ବୁଝିନି ବରଜ ବାବୁ ! ଏ ଗାଁଟା ଯାକ ମତେ କଣ କମ୍ ଟିହାଇଛନ୍ତି ଯେ ବରଜ ଦଲାଲ ଲୋକ—ତମକୁ ସାର ଦେବ—ହେଲେ ମୁଁ କଣ ମାନିଲି —

ବରଜ—ଆହେ ମିଆଁ ପୁଅ, ଧରମ ନେଇ କରମ ଚଳା ବୁଲୁଛି । ନ ହେଲେ, ତମ ଆଖି ସାମନାରେ ତ । କାଲି ତମକୁ ବସେଇ ଉଠେଇ ଦଉ ନ ଥିଲେ—ଦୋକାନ ଉଠା, ଦୋକାନ ଉଠା—ବୋଲି । ଆଉ ଆଜ ?

ମିଆଁ—ଛାଡ଼ ସେ କଥା—

ବରଜ—ହ'ଦିନକୁ କାହିଁକି ଏ ଲୋକଗୁଡ଼ା ଏତେ ଗପ କରନ୍ତି ? ଆଉ ଆଜ ଖାଇବାକୁ ପାଉ ନାହାନ୍ତି । ପଡ଼ିଲେ ତିନି ତିନିଟା ସୁନାର ପାଟ ଯେତେବେଳେ ହାତଛଡ଼ା ହୋଇଗଲା ।—ମୁଁ ତମଠୁ ଟଙ୍କା ନେଇ ତ କଟକ ଗଲି ଦାଖଲ କରିବାକୁ—କଣ କରିବ ମିଆଁ ପୁଅ ଏମିତି ଠକ କଟକରେ ? ଗଲି ଗଲିତ । ଠକ କଣ ହେ, ଖାଲି ଡାକୁ ଗୁଡ଼ା । ହେଇପରି ନୁନ୍ ଦାଗ ଏ ପର୍ଯ୍ୟନ୍ତ ଯାଇନି ମୋ ହାତରୁ । ଆଇ ସେ ମାଇକିନିଆ କହିଲା କଣ ନା ମିଛ—ମୁଁ କୁଆଡ଼େ ସେ ଟଙ୍କାକୁ ଖାଇଦେଇ ମିଛରେ ଆସି କହିଲି ଚୋର ହୋଇଗଲା । ହଉ ମୋର ଧର୍ମ ଅଛି—ମୋ ପରି ନିର୍ଦ୍ଦୋଷୀକି ଦୋଷ ଦେଲେ, ଆଉର କେତେ ଅବସ୍ଥା ହେବ—

ମିଆଁ—ହଇହେ ବରଜ ବାବୁ । ସିଏ କଣ ଏତେ ଦୂରକୁ ଆସି-ଲେଣି ଯେ ଘରର କଂସା ବାସନ ପର୍ଯ୍ୟନ୍ତ —

ବରଜ—କଂସା ବାସନ ଆଉ କଣ ବା—ଖଣ୍ଡେ କି ଦି ଖଣ୍ଡ ଥିବନା ସବୁ ସବୁ ହୋଇ ! ଅଧେ ଦିନ ଚୁଲି ଜଳୁନି । ଆଉ ଆଉ କେଇଁ ଦିନ ନୁହେଁ—ମିଆଁ ପୁଅ—ତାଙ୍କ ଆଖଡ଼ା ସରି ଆସିଲାଣି ।

ମିଆଁ—ଆହା—ଚୁ, ଚୁ, ଚୁ, କେତେ ସୁନ୍ଦର ଚଳୁଥିଲେ—

ବରଜୁ—ଆଉ ଅସୁନ୍ଦର କଲା କିଏ? ଗଜୁବାବୁ ମନ୍ଦଲୋକ ନୁହନ୍ତି—ହେଲେ ସେ ଯେଉଁ ମାଇକିନିଆ ଖଣ୍ଡିକ— ଖଣ୍ଡେତ।

ମିଆଁ—ଆଉ କହନା, କହନା—କାଲିପାଇ ମୋ ସାଙ୍ଗରେ ବେଜାଏ କଜିଆ। ଆଚ୍ଛା ସେ କଥା ଛାଡ଼ ବରଜୁବାବୁ—ଆଜି ସେ ଗୁଡ଼ା ପଗା କଣ ଦାଖଲଖାରଜ ହେବ।

ବରଜୁ—ହଁ, ହେଇଯିବ ଯେ—

ମିଆଁ—ଆଉ ସେତକ ବାକି ରଖିଛ କାହିଁକି? ଆଜି କାଲିରେ କଚି ହଅନା?

ବରଜୁ—କରି ଦେବାନି—ଆଉ କଣ ରହିବ? କେତେବଡ଼ ବଡ଼ କାମ ହେଇଗଲା —

'ମାଲିକଙ୍କ' ଘର ପାଠ ପାଇଲା—ଗଉଣିଆ ଚୋଟା—ବାଉବାଟୀ କ୍ଷେତ। କଣ ରହିଲା—

ମିଆଁ—ତେବେ କଟକ ଯିବା ଆସିବା ବାଟ ଖର୍ଚ୍ଚ ନେଇ ଯାଅ—ଯେତିକ ସାରିଦିଅ। ନିଅ—(ଟଙ୍କା ବାହାର କରି ଦେବା)

ବରଜୁ—ହଁ ତମେ କଣ ଭାବୁନା ଯେ--(ଟଙ୍କା ନେଇ ଅଣ୍ଟାରେ ମାରୁ ମାରୁ) ହଉ କାଲି ହବନି। ପହରଦିନ ଯାଇ କରି ନେଇ ଆସିବି। ଖର୍ଚ୍ଚ ବାର୍ଚ୍ଚ ଏତିକରେ ତ ହବନି।

ମିଆଁ—ନେଇଯିବ ଦୋକାନରୁ ସେଥିରେ କଣ ଅଛି? ଆଉ ହଁ ସେ ବିଷୟରେ କଣ ହେଲା?

ବରଜୁ—କୋଉ ବିଷୟ?

ମିଆଁ—ତମେ ଏତେ ଜଲ୍‌ଦି ଭୁଲିଯାଉଛ? ମୁଁ ପରା ଖାସ ସେଇଥିପାଇଁ ତମ ପାଖକୁ ଆସୁଥିଲି। ଅଭାବ ପଡ଼ ଯାଇଛି ଏମିତି ଯେ ମୋତେ ଅଣ୍ଟୁନି—କହିବା ତ ମୁଁ ତମ ସାଙ୍ଗରେ ଯିବି—

ବରଜ—ଓ, ଏଇ ତମ ମାଲ କଥା—ତମେ ଆଉ କାହିଁକି ଯିବ—ସିଏତ ସଜଲ କରି ରଖିଥିବ—ମୁଁ ଯାଇ ନେଇ ଆସିବି—

ମିଆଁ—କେତେ କଣ ରଖିଥିବ ?

ବରଜ—ଅଧସେରେ ତ ଅଫିମ ଦବ—ଆଉ ଗଞ୍ଜେଇ ତିନି ସେର—ଜବାବ ହେଇ ଯାଇଛି—

ମିଆଁ—ତେବେ ମୁଁ ଟଙ୍କା ଗୋଟାଏ—

ବରଜ—ହିଁ, ଯୋଗାଡ଼ କରି ଟଙ୍କା—ତମେ ତ ମିଆଁ ପୁଅ ହେଲା କରି ଦେଉଛ—ମୁଁ କଣ ଭାବୁଥିଲି କି ଲାଭ ତ ଦି' ପଇସା ବେଶ୍ ଅଛି—ତେବେ ମାସକୁ ତିନି ଚାରି ଦଫା ଫେର ଫାର ନ କଲେ, ସିଏ ଆଉ ଗୋଟାଏ କି କାରବାର । ମାଲ ଦେବା ଲୋକ ତ ରେଡ଼ି, ଏଣେ ବିକିବା ଲୋକ ତମେ ରେଡ଼ି—ଆଉ ଅସୁବିଧାଟା କୋଉଠି ।

ମିଆଁ—ଦର ଫେର୍ ଠିକ୍ କରିଛ ତ ?

ବରଜ—ସେ ସବୁ ପରା ପକ୍କା ହୋଇଛି, ତମକୁ କହୁଥିଲି । କଣ୍ଟ୍ରୋଲ ରେଟଠୁ ଟଙ୍କାଏ ଦି'ଟଙ୍କା ବେଶୀ ନବ ତ—

ମିଆଁ—ତାହାହେଲେ ମୁଁ ଆସେ—

ବରଜ—ହଉ ଆସିବତ ! ଶୁଣ ଶୁଣ, ମିଆଁ ସାହେବ । ଆଉ 'ମାଲକଇଁରୁ' କି ରକମ ଆମଦାନି ହେଲା ଏସନ ?

ମିଆଁ—ଭଲ ହୋଇଛି—ତମେ କଣ ଜାଣିନା ଯେ ପଚାରୁଛ ?

ବରଜ—ଆହେ ମିଆଁ ପୁଅ ! ସୁନା କ୍ଷେତ ପରା । ଫାଳେ ପକାଇଲେ ଗୋଟାଏ ହବ । କେମିତି ସୁବିଧା ଆଉ ଶସ୍ତାରେ ପାଇଗଲ ? ବୁଝିଲ ମିଆଁ ପୁଅ, ଲୋକର ଅଭାବଥିବାବେଳେ ନଉଦା ଯେମିତି ଶସ୍ତାରେ ହୁଏ—ଜାଣିକରି ତମେ ମୋଫତ

ପାଇଲନା ? ଆଉ, ରବିଫସଲ ତ ଖୁବ୍ ଭଲ ହୋଇଥିଲା ଦେଖିଥିଲ ?— କଣ ଆଉ ଡାଲି ଘାଲି ଖୁଆଇବ ନାହିଁ ?

ମିଆଁ—ତମକୁ କଣ ମନା ଅଛି ? ଆଚ୍ଛା ମୁଁ ଡାଲି କିଛି ତମ ଘରକୁ ପଠାଇ ଦେବି—ମୁଁ ଆସୁଛି ଏଁ ଡେରି ହୋଇ ଯାଉଛି । (ପ୍ରସ୍ଥାନ)

[ ବରଜୁ ଟଙ୍କାକୁ ଅଣ୍ଟାରୁ କାଢ଼ି ମିଆଁ ଯିବାପରେ ଗଣିଲେ—ଠିକ୍ ଏଇ ସମୟରେ ଆସିଛନ୍ତି ରାଜ କିଶୋର । ବରଜୁ ରାଜ କିଶୋରଙ୍କୁ ଦେଖି ଟଙ୍କାକୁ ଲୁଚେଇ ଦେଲେ—ରାଜ କିଶୋର ଖଣ୍ଡେ ମଇଳା ଲୁଗା ପିନ୍ଧି ହୋଇଛନ୍ତି—ଅବ୍ୟବସ୍ଥିତ ଭାବ । ପାପୀ ପର ଦୁନିଆ ଦୁଆରେ ପ୍ରାୟଶ୍ଚିତ ପାଇଁ ଅବା ବୁଲୁଛନ୍ତି ]

ରାଜ— ବରଜୁଭାଇ ! ମୁଁ ତ ତମରି ପାଖକୁ ଯାଉଥିଲି ।

ବରଜୁ—ମୋ ପାଖକୁ ? କାହିଁକି ରାଜୁବାବୁ ?

ରାଜ— ବରଜୁ ଭାଇ ! (କାଖରୁ ଦୁଇଖଣ୍ଡ ପୁରୁଣା ଶାଢ଼ୀ ବାହାର କରି) ଆଜି ମୋର କୋଡ଼ିଏ ପଚିଶଟା ଟଙ୍କା ଦରକାର । ମତେ ଦିଅ—କିଛି ନାହିଁ ମୋ ପାଖରେ ।

ବରଜୁ—ଟଙ୍କା—( ଲୁଗାକୁ ଦେଖୁ ଦେଖୁ ମୁହଁକୁ ବିକୃତ କରି ) ମୋ ପାଖରେ ତ ମୋଟେ ନାହିଁ ।

ରାଜ—ମନା କରନା ବରଜୁ ଭାଇ—ମୁଁ ମରିଯିବି, ଆଜି ଟଙ୍କା ନ ହେଲେ, ସକାଳୁ ଟିକେ ଅଫିମ ନ ଖାଇ ବଳ ପାଉନି ଉଠିବାକୁ । ଆଉ ରୋଜଗାର କରିବ କିଏ ?

ବରଜୁ—ତମେ ରାଜୁବାବୁ ଗୋଟିଏ ବଡ଼ ମୁହଁରେ ମାଗିଦେଲ— ହେଲେ ଟଙ୍କାତ ନାହିଁ ମୋ ପାଖରେ, ଦେଖିବା କୋଉଠୁ—

ରାଜ—କେତେବେଳେ ଆଉ ଦେଖିବ ବରଜୁଭାଇ ! ମୋର ଯେ ଆଉ ନିଶ୍ୱାସ ଫେରୁନି ଅଫିମ ନ ଖାଇ ମତେ ମରିଗଲା ପରି ଲାଗୁଛି—ମୋର ଏଇନେ ଦରକାର ।

ବରଜୁ—ମୋ ପାଖରେ ତ ନାହିଁ କୋଉଠୁ ହେଲେ—ଆଉ ରାଜୁ ବାବୁ, ତମର ସେ ହାର, ସୁନା ଜିନିଷଗୁଡ଼ା, ଘରଦ୍ୱାର, ଜମି ବାଡ଼ି ବନ୍ଧକ ଫେରେଇ ନବାର ଯୋଗାଡ଼ କରୁନା ? ବହୁତ ଦିନ ହୋଇଗଲା । ମୁଁ ସିନା ତମର ସବୁ ବୁଡ଼େଇ ଦେଲି, ମୋ ଆସିବା ପରେତ—

ରାଜ—ଛାଡ଼ ସେସବୁ କଥା ବରଜୁ ଭାଇ ଛାଡ଼ ।

ବରଜୁ—ମୋର ସେ ସବୁ କଥା ମନେ ପଡ଼ିଲେ, ମତେ କାନ୍ଦ ମାଡ଼େ । କମ୍ ଲୋକହସା ହେଇଛି ମୁଁ ? ସେ ଟିକସ ଟଙ୍କା ଗୁଡ଼ା ମୁଁ ଦବେଇ ଦେଲି ବୋଲି କହିଲି, ସମସ୍ତେ ବି କହିଲେ । ହେଇ ଦେଖ, ଖୁନ୍‌ର ଦାଗ ଲିଭିନି ଏଯାଏ ।

ରାଜ - ଛାଡ଼ ସେସବୁ ବରଜୁ ଭାଇ ! ସେ ଏ ଜନ୍ମର କଥା ନୁହେଁ, ଆର ଜନ୍ମର ।

ବରଜୁ—ତେବେ ତମର ଏ ବନ୍ଧକ ଜିନିଷଗୁଡ଼ା ଏମିତି ନଷ୍ଟ ହୋଇଯିବ, ଫେରାଇ ଆଣିବାର ଯୋଗାଡ଼ କର ।

ରାଜ—କଣ କରିବି—ଗୋଟାଏ ବ୍ୟବସ୍ଥା କରୁଛି, ଦେଖାଯାଉ, ହେଲେ ମତେ ନହାତି ଏଇନେ ପାଞ୍ଚଟା ଟଙ୍କା ଦେଇ—

ବରଜୁ—ଆଁକୁ ରଖି ତ ସେ ଦେବନି— ତମେ କଣ ଜାଣିନା ?

ରାଜ—ଆଉ କଣ ଅଛି ମୋ ପାଖରେ ? ସବୁତ ସରିଛି —

ବରଜୁ—ହେଲେ ପୁରୁଣା ଶାଢ଼ୀ ଗୁଡ଼ାକ ରଖି ସିଏତ ମୋଟେ ଟଙ୍କା ଦେବନି—ମୁଁ କଣ କରିବି ବୁଦ୍ଧି—

ରାଜୁ - ତେବେ ମୁଁ କଣ କରିବି ?

ବରଜୁ—ଆଉ କିଛି ହେଲେ ଘରେ ନାହିଁ ? ସୁନା ଫୁନା ଜିନିଷ—

ରାଜୁ—ସୁନା ଜିନିଷ ! ତମେ ପାଗଳ ହେଲ ବରଜୁ ଭାଇ ?

ବରଜୁ—ତମେ ଜାଣି ନ ଥିବ ମ, ବାବୁଆ ବୋଉ ପାଖରେ—

ରାଜୁ—ନାଇଁ ବରଜୁ ଭାଇ ! ତା ପାଖରେ ଆଉ କିଛି ନାହିଁ—ମୁଁ ତାକୁ କାଙ୍ଗାଳ କରି ସାରିଲଣି—ଆଉ କିଛି ନାହିଁ—କାହାଠୁ ଆଣିଦିଅ—ମୁଁ ତିନିଦିନ ଭିତରେ ଦେଇଦେବି ?

ବରଜୁ—ମୋ କଥା ସିନା ହୋଇଥିଲେ ଗୋଟାଏ କଥା । ମୁଁ ଏବେ ତମକୁ ପାଞ୍ଚଟା ଟଙ୍କା ଦେଇଦେଲେ କଣ ସ୍ୱାର୍ଥନାହିଁ । ତମରି ପାଖରେ ତ ଏତେ ଧନ ଚାଲି ଆସିଲା । ତମ ପାଖରେ ମୋର କଣ ସିମିତି ଗୋଟାଏ ଧାରଣା ଥାଏ । ତମେ କଣ ଭାବ କେଜାଣି । ତେବେ ନାଗୁଦାସ, ତମେ ତ ଜାଣିଛ, ସିଏ ଏ ଶାଢ଼ୀ ରଖି କଣ ଦବ ?

ରାଜୁ—ଆଉ ମୁଁ କଣ କରିବି ବରଜୁ ଭାଇ ।

ବରଜୁ—କିଛି ସୁନା ଜିନିଷ ହେଲେ—(ଭାବି) ତମେ ଜାଣିନଥିବମ ...ମନେ ପକା ଯଦି ଆଉକିଛି ସୁନା ଜିନିଷ ଥାଇପାରେ... (ଭାବି ପୁଣି ଟିକିଏ) ଆହେ—ହଁ ହଁ, ମୋର ତ ଖିଆଲ ହଉଛି ବାବୁଆ ବେକରେ ଗୋଟାଏ ଚେନ୍ ଥିଲା ନା କଣ— ଏଇ ତା ମାମୁଁଙ୍କର ଯୋଉଟାକୁ ଦେଇଥିଲେ ମ ।

ରାଜୁ—ହଁ, ସେଇ ଗୋଟିକ ଜିନିଷ ଅଛି ବାବୁଆ ମାଆ ତାକୁ ରଖିଛି । ତା ମାମୁଁ ତାକୁ ଏକୋଇସିଆରେ ଦେଇଥିଲା । ହେଲେ ବାବୁଆ ମାଆ ତ ମୋଟେ ଦବନି ।

ବରଜୁ—ତେବେ ମୁଁ କଣ କରିବି—ଏ ଅବିଶ୍ୱାସୀ ଯୁଗରେ କିଏ କିଏ ଟଙ୍କା ଦେବ ଖାଲି ହାତରେ । ତେମେ ଦେଖ କୋଉଠୁ ? ମୋ ଜରିଆରେ ହେଇ ପାରିବନି—

ରାଜୁ—ତାହାହେଲେ କଣ ବରଜୁ ଭାଇ ! ମୁଁ ଅଫିମ ଖାଇବାକୁ ନପାଇ, ମରିଯିବି ବରଜୁଭାଇ । ମୋର ମନେଅଛି, ସେଇଥି ପାଇଁ ମୁଁ ତମକୁ ମନା କରୁଥିଲି ଅଫିମ ଖାଇନି ବୋଲି । ତମେ ଜିଦ କଲ । ଖାଇଲି, କଣ ହେଲା ଆଜି ?

ବିରଜୁ—ମୁଁ କିଣ ତମକୁ କହିଥିଲି ଏତେଗୁଡ଼ା ଲେଖା ଖାଇବାକୁ ? ଏ ଔଷଧ ପରିମାଣ ପଇସାଏକୁ ତମେ ଯାଇ ମାରିଲଣି ଭଲିକ ପାଖରେ ।

ରାଜୁ—ମୁଁ କଣ କରିବି ବିରଜୁଭାଇ ? ମୋର ଶକ୍ତିର ବାହାରେ ହେଲା ସେଇଟା । କି ଲାଳସା ଥିଲା କେଜାଣି ପରିମାଣ ଗୁଏଁ ଗୁଏଁ ବଢ଼ିବାକୁ ଲାଗିଲା । ମୁଁ କଣ କରିଥାନ୍ତି । ଯାହାହେଉ ବିରଜୁଭାଇ ସବୁତ ସରିଲାଣି, ଆଉ ବାବୁଆ ବେକରେ ସେ ଚେନ୍ ଖଣ୍ଡେ ରହି କଣ ହବ ? ମୁଁ ଯାଉଚି ସେଇଟାକୁ ନେଇ ଆସିବି—ତମେ ଏଇଠି ଥାଅ । କୋଉଠୁ ଟଙ୍କା ଆଣି ଟିକିଏ ସଅଳ ହବ—ମୁଁ ଆଉ ପାରୁନି ଏଁ । (ଫେରିଗଲେ)

ବିରଜୁ—(ସୁନ୍ଦର ଭାବେ ଦୀର୍ଘ ନିଶ୍ୱାସଟିଏ ମାରି ଚାହିଁ ରହିଲେ ରାଜକିଶୋର ଯିବା ବାଟକୁ ) ।

## ପରିବର୍ତ୍ତନ

---

## —ତୃତୀୟ ଦୃଶ୍ୟ—

[ରାଜକିଶୋରଙ୍କର ଅସ୍ଥି କଙ୍କାଳ ସାର ଘରଟି । କର୍ପୂର ଉଡ଼ି ଯାଇଛି—ଖାଲି କନା ପଡ଼ି ରହିଛି । ସଞ୍ଜ ହୋଇଗଲାଣି । ଖଣ୍ଡେ ଖଟିଆ ଉପରେ ବାବୁଆ ଶୋଇଛି । ରାଈ ଚଉଁରା ପାଟରେ ସଞ୍ଜ ଦେଇ ପ୍ରଣାମ କରି ତୁଳସୀ ଚେର ( ତଳେ ଝଡ଼ି ପଡ଼ିଥିବା ) ନେଇ ବାବୁଆର ମୁଣ୍ଡରେ ମାରିଦେଲେ ଓ ପାଟିରେ ଖୁଆଇ ଦେଲେ । ବାବୁଆକୁ ଜର ଯେଉଁଦିନ ଅଫିମ ଦୋକାନ ସାମନାରେ ରାଜକିଶୋର ଜୋରରେ ଭୂପଡ଼ାଟେ

ମାରିଲେ, ସେଇଦିନୁଁ ବାବୁଆକୁ ଜର ଓହ୍ଲାଉ ନାହିଁ । କଛି ଖାଉନ, ଗଣ୍ଡଙ୍କର ସବୁଆଶା ଭରସା ବାବୁଆ ଆଜକ କେତେଦିନ ହେଲା ଶେଯରେ ପଡ଼ିଛି । ବାବୁଆ ମୁଣ୍ଡକୁ ନିଜ କୋଳରେ ରଖି ଦୁଇଧାର ଲୁହ ଗଡ଼ାଇ ଦେଲେ—ଏଇ ସମୟରେ ଆସିଲା ପାଲଅପା । ଆଜକାଲି ଗାଁରେ ଯଦି କଏ ଗଣ୍ଡଙ୍କ ଘରଆଡ଼େ ଆସେତ ସେ ହେଉଚ ପାଲଅପା । କନ୍ତୁ ଗାଁର ଆଉ କେହି ପଚ୍ଚାରନ୍ତି ନାହିଁ ) ।

ଗଣ୍ଡ—ଅପା ! ତମେ ପାଇଥିଲ ?

ପାଲ—ହଁ ପାଇଥିଲି—

ଗଣ୍ଡ—କାହିଁ ଡ଼ାକୁର ?

ପାଲ—ଆଉତ ମୁଁ ଗାଡ଼ିରେ, ମୁଁ ଚାଲବାଟେ ଚାଲ ଆସିଲ । ନୂଆବୋଉ, କଧ କଣ ଏଇନେ ବାବୁଆକୁ ଅଛି ?

ଗଣ୍ଡ—ତମେ ଦେଖୁନ ଅପା ! ଭରି ହୋଇଛି ଜର ।

ପାଲ—ତାଂକୁ ଠାକୁରଙ୍କ ପାଦୁକ ଦେଇଥିଲ ?

ଗଣ୍ଡ—ହୁଁ ,ପାଦୁକ ! ପାଦୁକ ଦେଲେ ଯଦି ଯିବା ବାଟରୁ କାହାକୁ ଅଟକେଇ ହୁଅନ୍ତା ।

ପାଲ—ଛି ନୂଆବୋଉ ! କଣଗୁଡ଼ା ଏମିତି କହୁଚ ? ହେଇ ହେଇ ଟିକଏ ଜର ହେଇଚ ।

ଗଣ୍ଡ—ହଁ ଅପା, ଟିକଏ ଜର । ତିନଦିନ ହେଲା ଜର ଓହ୍ଲେଇନ, ଟିକଏ ଜର ।

ପାଲ—ତାକୁ ବାଧୁଣିଆ ଜର ହୋଇଛି । ଏତେ କୋରରେ ଗୁପୁଡ଼ାଏ ମାରଦେଲେ—ଭୟ ପଶିଯାଇଛି, ଗଣ୍ଡ ଭାଇ କୁଆଡ଼େ ଗଲେ ?

ସଞ୍ଜ—ଡାକ୍ତର ଡାକବାକୁ ଯାଇଛନ୍ତି, ଔଷଧ ଆଣିବାକୁ ଯାଇଛନ୍ତି ଅପା, ମୋର ଆଉ ଚିନ୍ତାକଣ ?

ପାଲି—ଡାକ୍ତରଙ୍କୁ ତ ମୁଁ ଡାକକରି ଆସିଛି—ସତରେ ଔଷଧ ଆଣିବାକୁ ଯାଇଛନ୍ତି ? ହଁ, ଯେତେହେଲେ ପୁଅ । ମନ ଗୋଳେଇ ଘାଣ୍ଟି ହେବନ ।

ସଞ୍ଜ—ହଁ, ପୁଅ ! ବାବୁଆ ଗୋଟାଏ ପୁଅରେ ସୁମାର ! କଣ ତାର ଅଛି ? କଣ ତା ବାପ ମା ତାପାଇଁ ରଖିଛନ୍ତି !

ବାବୁଆ—(କଡ଼ ଲେଉଟାଇ) ଉଃ ବୋଉ—

ସଞ୍ଜ—ବାବୁଆ, ବାବୁଆ !

ବାବୁଆ—ବୋଉ, ପାଣି !

ସଞ୍ଜ—ଅପା ଲୋ ତାତରେଖଇ ପୁଚ୍ଛୁଛି—ପାଣିଦେବି ?

ପାଲି—ଦୁଧ ଟିକଏ ମୋ ଘରୁ ନେଇଆସେ—

ସଞ୍ଜ—ନାଇ ଅପା ! କଫ ଧରିବ ·

ପାଲି—ତେବେ କଣ ଦବୁ ଯେ ?

ସଞ୍ଜ—ଏଁ, କଣ ଦେବି ! ଯାହା ଦବାର କଥା ମୋଟି ତ ନାହିଁ ।

ପାଲି—କଣ କହୁନୁ । ମୁଁ ଆଣିଦେବି ।

ସଞ୍ଜ—ତମେ କୋଉଠୁ ପାଇବ ଅପା ? ହଁ, ମୋର ବା ଭାବିବାର କଣ ଅଛି ? ତା ବାପା···

ପାଲି—ବାପା ତାର କେତେବେଳେ ଆସିବେ । ଶୋଷରେ ଛୁଆଟା ଛଟ ପଟ ହେଉଥିବ ।

ସଞ୍ଜ—ନ ହ ତ ମୁଁ କଣ କରିବ ? ମା ହେଇ ମୁଁ କଣ କରିବି— ଅପ, ବୁକୁ ଚିରି ରକ୍ତ ପିଆଇଲେ ତ ତା ଶୋଷ ମରିବନ ।

( ଡାକ୍ତର ଆସିଛନ୍ତି—ବାହାରୁ "ରାଜୁବାବୁ ! ରାଜୁବାବୁ" ଡାକିଲେ )

ପାଲି—ହେଇ ନୂଆବୋଉ, ଡାକ୍ତର ଆସିଲେଣି ।

(ରାଈଙ୍କ ଆଖିରେ ଆଶାର ସଂଚାର ହେଲା ସତେ ଅବା । ପାଲି ଦଉଡ଼ି ଯାଇ ଡାକ୍ତରବାବୁ ଡାକି ଆଗେ ଆଗେ ସେ ଓ ପଛେ ପଛେ ଡାକ୍ତରବାବୁ ପହଞ୍ଚିଲେ )

ପାଲି—ସଜ ଭାଇ କୁଆଡ଼େ ବାହାରକୁ ଯାଇଛନ୍ତି । ପୁଅକୁ ମୋର ସାରା ଜର, ଟିକିଏ ଭଲକରି ଦେଖ ଡ଼ାକ୍ତରବାବୁ !

( ଡାକ୍ତର ପରୀକ୍ଷା କଲେ । ଭଲ ଭାବରେ ପରୀକ୍ଷା କଲେ )

ଡାକ୍ତର ବାବୁ – ଜର କଣ ଆଦୌ ଓହ୍ଲାଉ ନାହିଁ ?

ରାଈ—ନାଁ, ଗଲାତିନି ଦିନ ହେବ ଜର ଓହ୍ଲାଉନାହିଁ ଡାକ୍ତରବାବୁ ଟିକିଏ ଭଲକରି ଦେଖନ୍ତୁ ।

ଡାଃ ବାବୁ – ମୁଁ ଦେଖିଲିଣି ଯେ······ମୋର ସନ୍ଦେହ ହେଉଛି···

( ଡାକ୍ତରଙ୍କର କଥାରେ କି ସନ୍ଦେହ ଥିଲା କେଜାଣି ରାଈଙ୍କର ଦୁନିଆଁ ଓଲଟ ପାଲଟ ହେଇଗଲା )

ରାଈ—( ଅଧୀରରେ ଗର୍ଜିଉଠି ) କଣ ସନ୍ଦେହ ହେଉଛି ?

ଡାକ୍ତରବାବୁ—କଣ ହେଇଛି ବାବୁଆର— ଆପଣ ଭାବୁଛନ୍ତି ମୁଁ ମନ କଷ୍ଟ କରିବି ? ରଡ଼ି ଛାଡ଼ିବି ? ନାଁ, ନାଁ, ଡାକ୍ତର ବାବୁ—ସତ କୁହନ୍ତୁ ବାବୁଆ ମୋର ଆଉ ଭଲ ହବନି ?

ଡାଃବାବୁ – ଆହାଃ ! ସେମିତି କାହିଁକି ହେଉଛନ୍ତି—

ରାଈ—( ଭୋ ଭୋ କାନ୍ଦି ) ଆଉ କଣ ହେବ – ବାବୁଆ ମତେ ଛାଡ଼ି ଯିବ ଭୁଲିଯିବ—ଗୁଡାଏ କାନ୍ଦିବି—ବାଉଳି କଉଡ଼ି ହେଇ ସିନା ଗୁଡାଏ କାନ୍ଦିବି······ହେଲେ ପରେ ପୁଣି ଯୋଉ କଥାକୁ ସେଇ କଥା । ସେମିତି ପୁଣି ଚଳିବି । କାହିଁ··· ଏତେ ଦିନ ଯାଏ ତ ବାବୁଆ ଆସି ନ ଥିଲା । ମୁଁ ତ ମରି

ଯାଇ ନ ଥିଲ 'ଡାକ୍ତରବାବୁ' ଆପଣ ସଫା କୁହନ୍ତୁ ହେଇଚ ତା'ର ?

ଡାକ୍ତର ବାବୁ—ମୋର ସନ୍ଦେହ ହେଉଛି ଟାଏଫଏଡ୍ ବୋଲ

ସଈ—(ହତାଶରେ) ଏଁ, ଟାଏଫଏଡ୍ । ଡାକ୍ତରବାବୁ ମୁଁ କରିବି ?

ଡା: ବାବୁ—ଘାବଡାଅ କିଛି ନାହିଁ—ଭଲ ହେଇଯିବ ।

ସଈ— ଭଲ ହେଇ ଯିବ ! କେମିତି, କେମିତି ଡାକ୍ତର ବାବୁ ?

ଡା: ବାବୁ—ଜର ରେମିସନ ହେଉନ, ଗୋଟାଏ ଦାମିକିଆ ଔ ଦରକାର ।

ପାଲି—ଦଉନା—ଦିଅ ଡାକତର ବାବୁ—ତମର ଧରମ ହେ

ଡା' ବାବୁ- ମୋର ଦବାର ଆପତ୍ତି ନାହିଁ ଯେ—ତେବେ ଡାକ୍ତ ଖାନାରେ ସେ ଔଷଧ ନାହିଁ । କଟକରୁ କିଣି ଆଣି ହେବ ।

ସଈ ଓଃ, ଡାକ୍ତର ଖାନାରେ ନାହିଁ—କଟକରୁ ଆସି କଟକରୁ ଔଷଧ ଆସିବା ଯାକେ ରୋଗୀ ଅପେକ୍ଷା କରିଥି

ଡା: ବାବୁ—ଆଉ କଣ କରାଯିବ ? ଦାମିକା ଜିନଷ, ଏଠା ରହେନ—

ସଈ—ଆଉ ? ଏଠି ଖାଲି ରହେ ପାଣି ଆଉ ସୋଡ଼ା । ଡାକ୍ତରବାବୁ ? ଯଦି ଡାକ୍ତରଖାନାରେ ନାହିଁ କାହିଁକି ନା ଧରିଲେ ମୋ ପାଖରେ ? ଏଇ ଆପଣଙ୍କର ଦୟ ଆପଣ ଗୁଲିଯାନ୍ତୁ—ଔଷଧ ନ ମିଳିବ—ବାବୁ ହରେଇବି । ତଥାପି ମୁଁ କଣ୍ଟିରହି ପାରିବି ଡ଼ାକ୍ତରବାବୁ, ଖୁବ୍ ପାରିବି !

ଡ଼ା: ବାବୁ—ଆପଣ ଥୟ ହୁଅନ୍ତୁ ତ ! ମୁଁ ଦେଖେ କାଳେ ମୋ ପାଖରେ ଥିବ—

ରାଇ—ମୁଁ ଜାଣେ ଡାକ୍ତରବାବୁ ! ଆପଣଙ୍କ ପାଖରେ ମୋ ପୁଅ ପାଇଁ ଔଷଧ ନ ଥିବ । ଆପଣ ଯାନ୍ତୁ ।

ଡା. ବାବୁ—ନାଁ ଯୋଉଠୁ ହେଲେ ମୁଁ ସେ ଔଷଧ ଆଣିବାର ଠିକ୍ କରିବି । ( ପାଲି ଆଡ଼େ ) ଔଷଧର ଦାମ ଛଅଟି ଟଙ୍କା । ନେଇକରି ଆସ, ଔଷଧ ନେଇ ଆସିବ—

ରାଈ—( ହତାଶରେ ବୃହିଁ—ପରିହାସ କରି ହସି ଉଠିଲେ ତାଙ୍କ ଅଜଣାରେ )

ପାଲି—ହଁ, ଡାକ୍ତରବାବୁ, ପୁଅକୁ ମୋର ଶୋଷ ହଉଥିଲା—କଣ ଦବୁ ?

ଡା: ବାବୁ—ପଇଡ଼ ମିଳବତ ଦଅ—କଛି ଭାବନ ଭଲ ହେଇ ଯିବ—(ପ୍ରସ୍ଥାନ)

ପାଲି—କଣ କରିବ ନୂଆବୋଉ ! ପଇଡ଼ କୋଉଠୁ ମିଳବ ? ହଉ ଟଙ୍କା ଅଛୁତ ଦେଲୁ ମୁଁ ଔଷଧ ନେଇ ଆସେ—

ରାଈ—ତମେ ଯାଅ ଅପା । ବାବୁଆ ବାପା ଯାଇଛନ୍ତି, ଔଷଧ ଆଣିବେ । ଏ ଡ଼ାକ୍ତର ଗୁଡ଼ା ଖାଲି ପଇସାର ପିଆରି ।

ପାଲି—ଆଉ ପଇଡ଼ ?

ରାଇ—ସଞ୍ଜ ହେଲଣି—ପଇଡ଼ କୁଆଡ଼ୁ ମିଳବ କାଲି ସକାଳେ ଯାହା ହବ—ତମେ ଯାଅ ।

ପାଲି—ଇଏ ଗୋଟାଏ କଥା । କାଲି ସକାଳ ଯାଏ ଛୁଆଟା ଶୋଷରେ ଆଉଟୁ ପାଉଟୁ ହଉଥିବ । ଯାଉଛି ଦେଖେ, ମିଶ୍ରଘର ଯଦି ତୋଳି ରଖିଥିବେ ।

ରାଈ—ନାଇଁ ଅପା ! ଯାଆନ, ଏଇନେ ମିଶ୍ର ଘର ଡାକ୍ତରଠୁ ବି ଆଉରି ଜଖ ।

ଗାଲି—ମଲ୍, ହକ ପଇସା ଦେଇ ଦବନା—କିଏ ମାଗଣା ମାଗୁଛନ୍ତି ? ମୁଁ ଆସେ— ( ଚାଲିଗଲା )

(ଘରଟିରେ ଶୂନ୍ୟତା ଖେଳିଗଲା । ରାଣୀ ଆସ୍ତେ ଆସ୍ତେ ପାଣି ଗିଲାସେ ଧରି ବାବୁଆ ପାଖକୁ ଯାଇ ତା ମୁଣ୍ଡକୁ ନିଜକୋଳରେ ରଖିଲେ । ବାବୁଆ ଶୋଇଛି । ତାକୁ ଉଠେଇ ପାଣି ଦେବାକୁ ଇଚ୍ଛା କଲେନି । ଖାଲି କାନ୍ଦିବାରେ ଲାଗିଲେ । ଏହି ସମୟରେ ଆସି ପହଞ୍ଚିଲେ ରାଜକିଶୋର । ମନ ବିକ୍ଷୁବ୍ଧ ଜଣାଯାଉଛି—ଛଳନା କରି ମନ ମାରିଛନ୍ତି । କିଛି ସମୟପାଇଁ ନୀରବ ରହିଲେ) ।

ରାଣୀ—(ଅପେକ୍ଷା କରି ନପାରି, ଅଭିମାନକୁ ପଛରେ ପକାଇ) ଔଷଧ ଆଣିଛ ?

ରାଜ—(ମନମାରି ନୀରବ)

ରାଣୀ—ଔଷଧ ମିଳିଲାନି ନାଁ ?

ରାଜ—(ଦୀର୍ଘ ନିଶ୍ୱାସ ମାରି) କଣ କରିବି ରାଣୀ !

ରାଣୀ—ମୁଁ ଜାଣେ କରିବାକୁ ତମର କିଛି ନାହିଁ—

ରାଜ—ବାସ୍ତବିକ ଦୁନିଆରେ ଭଗବାନ ନାହାନ୍ତି ରାଣୀ !

ରାଣୀ—( ରାଗିଯାଇ, ରାଜଙ୍କର ଛଳନା ବୁଝିପାରି ) ଦୁନିଆରେ ଭଗବାନ ନାହାନ୍ତି—ଦୁନିଆରେ ଭଗବାନ ନାହାନ୍ତି ତମପରି ପ୍ରକୃତି ଛଡ଼ାଙ୍କ ପାଇଁ, ଦୁନିଆରେ ଭଗବାନ ନାହାନ୍ତି ତମପରି ଗୁଲିଖୋରଙ୍କ ପାଇଁ·····ଦୁନିଆରେ ଭଗବାନ ନାହାନ୍ତି ତମପରି ନିଷ୍ଠୁର ବାପ ପାଇଁ ।

ରାଜ—ତୁ ବୁଝିବୁନି ରାଣୀ—ସାମାନ୍ୟ ପାଞ୍ଚଟା ଟଙ୍କା ପାଇଁ ମୁଁ କେତେ ଦଆର ବୁଲିଛି ।

ରାଈ—ଆଜ ଆ'ବ ମୁଁ ଭଲକରି ଜାଣେ ସେଇ କେତେ ଦୁଆର ବୁଲି ତମେ ଯେଉଁ ଦାନ ପାଇଛ, ତକୁ ସାଇତି ଦେଇ ଆସିଛ ମିଆଁ ସାହେବ ପାଖରେ ।···ବେଶ୍······

ରାଜ—(ବାବୁଆ ପାଖକୁ ଯାଇ ହାତ ଆଉଁସି ) ତା ଦେହ ଟିକଏ ଭଲ ଅଛି ତ !

ରାଈ—ହଁ !

ରାଜ—ଆଚ୍ଛା ରାଈ ଔଷଧ କଥା କଣ କରିବା ?

ରାଈ—ଔଷଧ ଆଉ ଦରକାର ନାହିଁ । ଭଲ ହେଇ ଗଲାଣି ସେ ।

ରାଜ—ଯାହା ହେଉ ଏତେ ଜର ଥିଲା । ଆଜି ରାତିରେ ଔଷଧ ନ ଖୁଆଇଲେ—

ରାଈ—(ନୀରବ)

ରାଜ—(ସ୍ୱଗତଃ) ହେଲେ ଆଣିବ କମିତି ଔଷଧ !

ରାଈ—(ଅଶ୍ରୁ ଜର୍ଜ୍ଜରିତ ବୃହାଣୀଟିଏ ପକାଇଲେ ନସ୍ତ୍ରେଜରେ)

ରାଜ—ଆଚ୍ଛା କହୁ ନାହିଁ ତମ ପାଖରେ ? ପୁଅ ଦେହ ଏମିତି, ଆଉ ସାଇତି ରଖିବ କାହାପାଇଁ ?

ରାଈ – କାହିଁକି ତମରି ପାଇଁ—

ରାଜ—ମୋ ଉପରେ ରାଗ ସାରିଲେ ତ ପୁଅ ଦେହ ଭଲ ହେବନି । ଭଅ ଯଦି ଅଛି କଣ ? ରାତି ବେଶୀ ହେଇଗଲେ ନାଁ ମିଳିବ ଟଙ୍କା - ନା ଔଷଧ ।

ରାଈ - ଆଉ କଣ ରଖିଚ ମୋ ପାଖରେ ?

ରାଜ—ମୁଁ କଣ କହୁଥିଲି କି···ଏ ବାବୁଆର ଚେନ୍‌ଟା···ତା'ରି କାମରେ ତ ଲାଗିବ—

ରାଈ—(ସମ୍ଭାଳି ପାରିଲେନି) ଶେଷରେ ତମରି ନଜର ସେଇଠି ଥିଲା ?

ରାଜ—ଆଜି ଉପାୟ କଣ ଏଇନେ କହିଲ ? ହେଲେ ମୁଁ ତମକୁ ଜବାବ ଦଉଛି—ବୃନ୍ଦାବନ ଭିତରେ ତାକୁ ମୁଁ ମୁକାଲି ନେଇ ଆସିବ । ଦିଅ—

ରାଣୀ—ତାକୁ ଜର, ସେଥିରେ ପୁଣି ତା' ଦେହରୁ ସୁନା ଜନିଷ ଓହ୍ଲାଇ ଦେବ ! ତମଠି କଣ ପୁଅ ସ୍ନେହ ନାହିଁ ? ତମେ ଏତେ ନିର୍ଦ୍ଦୟ ହେଇପାର ?

ରାଜ—ତା'ର ପାଇଁ ମୁଁ କହୁଚ ରାଣୀ !

ରାଣୀ—ଆଜି କଣ ତମ ଅଫିମ ପାଇଁ କୁହନ୍ତ !

ରାଜ—ଯାହା ହେଉ—ମନକଷ୍ଟ କରନା, ପୁଅ ଦେହ ଖରାପ । ଦିଅ ।

ରାଣୀ—(ନୀରବ)

ରାଜ—ଦିଅ !

ରାଣୀ—ହଉ ତମ ଇଚ୍ଛା !···ପାରିବତ ତମେ ନିଜ ହାତରେ ଓହ୍ଲାଇ ନେଇ ଯା—

ରାଜ—(ଛଳନାରେ ହେଲା ନ କରି ଓହ୍ଲାଇ ନେଲେ) ତମେ ତା ପାଖରେ କାନ୍ଦନ—କାନ୍ଦିଲେ ତା ଦେହ ବେଶୀ ଖରାପ ହେବ । ଭଗବାନ୍ ଅଛନ୍ତି ରାଣୀ ! (ଉଠିଯିବାକୁ ଉଦ୍ୟତ ହେଲେ)

ରାଣୀ—ବାବୁଆକୁ ମୋର ଟାଏଫଏଡ୍ ହେଇଛି—ଡାକ୍ତର ଆସିଥିଲେ—କଣ ଗୋଟାଏ ଦାମିକିଆ ଔଷଧ ଦରକାର—ସେ ଦେବେ—ଶୀଘ୍ର ଯାଇ ନେଇ ଆସିବ—

ରାଜ—ବ୍ୟସ୍ତ ହୁଅନା ରାଣୀ—ମୁଁ ସବୁ ଠିକ୍ କରି ଦେଉଚି ।

(ପ୍ରସ୍ଥାନ)

(ସାଈଙ୍କର ଦୃଶ୍ୟଟିରେ ମୂଳରୁ ଶେଷ ପର୍ଯ୍ୟନ୍ତ ଆଖିରୁ ପାଣିଗଡ଼ିବାର ବିରାମ ନାହିଁ—ବାବୁଆକୁ ତାଙ୍କ କୋଳରେ ଧରିଛନ୍ତି । ପାଣି ଗଡ଼ାଉଛନ୍ତି ମଣିଷର ଉପାୟ ନ ରହିଲେ ମାରବରେ ପାଣିଗଡ଼ାଇବା ଛଡ଼ା ଆଉ କଣ କରିପାରେ ? )

(ଟିକଏ ମାରବତା ଚୋଟିଗଲା ଦୃଶ୍ୟଟିରେ—ଠିକ୍ ପରେ ଆସିଛି ହାଡ଼ିଆ—ଖୁବ୍ ଚଞ୍ଚଳ ଜଣା ପଡ଼ୁଛି ସେ)

ହାଡ଼ିଆ—ମାଇଁ !

ସାଈ—(ନିସ୍ତେଜରେ) ହାଡ଼ୁ !

ହାଡ଼ୁ—ତମେ କିଛି ଜାଣିନା ମାଇଁ ?

ସାଈ—କଣ ମ ହାଡ଼ୁ ?

ହାଡ଼ୁ—ଅଫିମ ମିଆଁ ପାଖରେ ଆଜ ବରଜ କହୁଥିଲ ଯେ କୁଆଡ଼େ କାଲି ନଟେଇ ଦାସ ତମ ଘର ଦଖଲ କରିବ ।

ସାଈ—(ହତାଶରେ) ଏଁ, କଣ କହୁଚୁ ହାଡ଼ୁ !

ହାଡ଼ୁ—ଭଗି ହସ—ଖୁସିରେ କଥା ହେଉଥିଲେ ନାଁ—ବରଜୁ କହୁଥାଏ ସ ଚିଗଲ ଯେ ଏଥର । ଆଉ କାଲଠୁ ଦେଖିବା ଯେ-କୁଆଡ଼େ ରାଜୁମାମୁଁ ତମ ଘରବାଡ଼ି ସବୁ ନଟେଇ ଦାସକୁ ଲେଖି ଦେଇଛନ୍ତି ଏମିତି ଭଗି ବାହାଦୁରୀରେ ବରଜୁଆ କହୁଥାଏ ନାଁ—ସେଇ କୁଆଡ଼େ ନଟେଇ ଦାସକୁ ମଟେଇ ଦେଇଚି ଚଞ୍ଚଳ ଘର ଦଖଲ ନବାକୁ । ନଇଲେ କାଠକୁଟା କୁଆଡ଼େ ତେମେ ସବୁ ବିକବାକ ଦେବ । ଜେରି-କଲେ ନଟେଇ ଦାସ କିଛି ପାଇବନ ସେଥିପାଇଁ କାଲି ସେ ଦଖଲ ନେବ—

ସାଈ—ଫେରେ ?

ହାଡ଼ୁ—କହୁଥାଏ, କୁଆଡ଼େ ପୁଲିସ ଆଣିବ । ତମ ଘରେ ପୁଲିସ ପଶିଯିବେ । ତମକୁ ସବୁ ଘରୁ ତଡ଼ିଦେବେ—

ଗଈ—(ଦୁଃଖରେ ମ୍ରିୟମାଣ ହୋଇ) ଏଁ—

ହାଡ଼ୁ—ହଁ ମାଇଁ, ସେ ଷ୍ଟେର ବରଜୁ କମ୍ ଜନ୍ତୁ ନୁହେଁ । ମୋର ଖାଲି ମନ ହଉଥାଏ ଲଗେଇ ଦିଅନ୍ତି ତାଲୁରେ ଗୋଟାଏ ପାହାର । ଭାରି ଜାଲିଆଟେ ମାଇଁ ।

ଗଈ—ହଁ, ଯାହା ହବହବ—ମୁଁ ଆଉ କଣ କରିବ—

ହାଡ଼ୁ—ଏଁ ତମେ କିଛି କରିବନି ? ମାମୁଁଙ୍କୁ ସେମିତି କହିଲି ଯେ ସେ ଶୁଣିଲେନି । ମୁଁ ମିଛ କହୁନି ମ ମାଇଁ ।

ଗଈ—ମାମୁଁଙ୍କୁ ତୁ କୋଉଠି ଦେଖିଲୁ ହାଡ଼ୁ ?

ହାଡ଼ୁ—ଏଇନେ ପରା ସେଇ ମିଆଁ ଦୋକାନ ଆଡ଼କୁ ଯାଉଥିଲେ—

ଗଈ—ଓଃ । (ଠିକ୍ ଭାବିଲେ ଯେ ବାବୁଆ ଚେନ୍ ନେଇ ଅଫିମ ଆଣିବାକୁ ଯାଇଛନ୍ତି)

ହାଡ଼ୁ—ମୁଁ କହିବାରୁ ମୋ ଉପରେ ରାଗିଉଠିଲେ ଯେ ମୁଁ ତ ଡରରେ ପଳାଇ ଆସିଲି । (ଯାଇ ବାବୁଆ ପାଖରେ ବସି ଆଉଁସି ଦେଲା)

ଗଈ—(ବିଶେଷ ଭାବେ ବିବ୍ରତ । ଅଥଚ ଚେଷ୍ଟା କରୁଥାନ୍ତି କିମିତି ସେଆଡ଼କୁ ମନ ନ ପୂରାଇବେ—ହେଲେ ପାରୁ ନଥାନ୍ତି । ଘୁଏଁ ଘୁଏଁ ଆସନ୍ତାକାଲିର କରାଳରୂପ ତାଙ୍କ ହୃଦୟରେ ଭୟ ସୃଷ୍ଟି କରୁଥାଏ—ଅଜଣାରେ ବିପଦ ଆସେ—ଲୋକ ନ ଜାଣିଥିବାରୁ ତାକୁ କାଟେନି—କିନ୍ତୁ ଏ ବିପଦ ଯେ ନିଧାର୍ଯ୍ୟ ଭାବରେ ଆଉ କେତେ ଘଣ୍ଟା ପରେ ଆସୁଛି । କଣ କରିବେ । ) ଆଗୋ ତୁ ଯାଆ ହାଡ଼ୁ—ମାମୁଁ ତୋ'ର ଆସନ୍ତୁ—ଯାହା କରିବେ ।

ହାଡ଼ୁ—ମାଇଁ, ବାବୁଲର ଦେହ କେମିତି ଅଛି—(ମିଣିର କାନରେ ବାନ୍ଧିଥିଲା । ଖୋଲି ମାଇଁଙ୍କ ହାତକୁ ବଢ଼ାଉ ବଢ଼ାଉ)

ରାଣି—ସେ କଣ ହାଡ଼ୁ ?

ହାଡ଼ୁ- ପଇଡ଼ ମିଳୁନଥିଲା—ବୋଉ ବାବୁଆ ପାଇଁ ମିଣିର ପଠେଇଛି ।

ରାଣି—(ଶୁଷ୍କ ହସହସି) ସିଏ କଣ ହେବରେ ହାଡ଼ୁ ? ପାଗଳାଟା ନା କଣ ? ବାବୁଆ କଣ ଜରରେ ମିଣିର ଖାଇବ ? ଯାଆ, ନେଇଯାଅ—

ହାଡ଼ୁ—ନାଇଁ ମାଇଁ । ବୋଉ କହିଚି ତମକୁ ଦବାକୁ । ମୁଁ ଫେରାଇ ନେଲେ ମୋ ଉପରେ ରାଗିବ—ତମେ ରଖ ମାଇଁ—ମୋ ରାଣ ରଖ । (ଥୋଇ ଦେଇ ପଳାଇଗଲା—ରାଣି ତାର ଯିବା ବାଟକୁ ଅକ୍‌କା ହୋଇ ଅନାଇ ଥାନ୍ତି)

ରାଣି—ହୁଁ ମିଣିର !···(ହଠାତ୍ ପୁଣି ଗୁଡ଼ାଏ କାନ୍ଦ ପକାଇଲେ । ଏହି ସମୟରେ ବାବୁଆ ଆଡ଼େ ନଜର ପଡ଼ିଗଲା—ବାବୁଆକୁ କୋଳକୁ ଆଣି ଅଜସ୍ର ପାଣି ଗଡ଼େଇବାକୁ ଲାଗିଲେ । ତାଙ୍କର ଧାରଣା ଦୁଃଖକୁ ଜୟ କରିବାକୁ ଆଖିର ପାଣି ବଡ଼ ସମ୍ବଳ । ବାବୁଆ ନଯୋଡ଼ ନିଦରେ ଶୋଇଚି । ତାକୁ ଖିଷଣ ତାତି । ଏଇ ସମୟରେ ଆସିଲେ ରାଜକିଶୋର—ମନ ମାରିଛନ୍ତି ଛଳନାରେ)

(ଆସି ଠେଲି ମାରିଲେ—ସତେଅବା ମନ ଭୟଙ୍କର କଷ୍ଟ ତାଙ୍କର । ରାଣି ବାବୁଆକୁ ଶୁଆଇ ଦେଇ ବିକଳ ମୁହଁରେ ଆସିଲେ)

ରାଣି—ଔଷଧ ଆଣିଲ ?

ରାଜ—ଏଁ, ହଁ, କଣ କହିଲ, ଔଷଧ ?

ରାଣି—ଔଷଧ ଆଣିଲ ନା ନାହିଁ ?

ରାଜ—ଶୁଣନା ସେ କଥା । ଟଙ୍କା ନେଇ ଡ଼ାକ୍ତର ପାଖକୁ ଗଲି । ଗୋଟାଏ ଇଞ୍ଜେକସନକୁ କହିଲା ପାଞ୍ଚଟଙ୍କା—ହେଲେ ବସି ବସି ଆଜି ଦେଲାନି—

ରଣ୍ଡି—ତା'ପରେ ?

ରାଜ—ଛାଡ଼୍ ରଣ୍ଡି ସେ କଥା । ବାବୁଆର ଭାଗ୍ୟରେ ଯାହା ଲେଖାଥିବ । ତୁ ତ କହୁଥିଲୁ ଟିକିଏ ଭଲ ଅଛି—ସେ ଠିକ୍ ଭଲ ହୋଇଯିବ । ହେଲେ ଏ ପାଜି ଡାକ୍ତରକୁ ଦେଖିବ କାଲି ସକାଳେ ।

ରଣ୍ଡି—ଡାକ୍ତର ପାଜି ନାଁ ତମେ ?

ରାଜ—କଣ ?

ରଣ୍ଡି—କେତେ ଭରି ଅଫିମ ଆଣିଛ ସାଇତି ରଖିବା ପାଇଁ ?

ରାଜ—କେତେ ଭରି ! କଣ କହୁଚୁ ରଣ୍ଡି ? ଦିନକୁ ତ ଦୋଣିଏ ଖାଏ ଯେ ଆଜ ସକାଳୁ ତାକୁ କମାଇ ଅଣ୍ଟିଟିଏ ରଖିଲଣି । ତୁ ମତେ ଏତେ ଅବିଶ୍ୱାସ କରୁ କାହିଁକି ?

ରଣ୍ଡି—ହଉ, କେତେ ଟଙ୍କା ଆଣିଛ ଦେଖି—

ରାଜ—ହେଇପର ପାଞ୍ଚଟଙ୍କା ଅଛି—ଡାକ୍ତର ପାଖକୁ ନେଇଥିଲି ।

ରଣ୍ଡି—ଜମା ପାଞ୍ଚଟଙ୍କା ମିଳିଲା ହାରଟାରୁ ?

ରାଜ—ନାଁ ହେ । ମୁଁ ଆଣିଲି ପାଞ୍ଚଟଙ୍କା । ନଇଲେ ବେଶୀ ବୋଝ ହୋଇଯିବ । ସ୍ଥିରଦିନ ଭିତରେ ମୁକୁଳେଇ ଆଣିବା କେମିତି ?

ରଣ୍ଡି—ହଉ ମୋ ପାଖରେ ଟଙ୍କା ଅଛି । ତମେ ହାରଟାକୁ ଫେରାଇ ଆଣ ଯା—

ରାଜ—ଇଏ ଗୋଟେ କଥା । ସମୟ ଅସମୟକୁ ପାଞ୍ଚଟା ଟଙ୍କା ଥାଉନା—

ରାଣି—ନାହିଁ ମୋ ପାଖରେ ଟଙ୍କା ଅଛି, ହାରଟା ଫେରାଇ ଆଣ ।

ରାଜ—ସିଏତ ଆଜ ନ ଥିବ ଦୋକାନରେ ।

ରାଣି— ଓଃ, ତାହା ହେଲେ ଅଫିମ ମିଆଁ ପାଖରେ ଅଛି !

ରାଣି—ନାଇଁମ, ତା ପାଖକୁ କାହିଁକି ଯିବ ?

ରାଣି—ଯୋଉଠି ଦେଇଥାଅ, ମୋ ପୁଅ ହାର ଫେରେଇ ଆଣ ।

ରାଣି—କାଲି ସକାଳେ ଆଣିବ—ଏଇନେ ଆଉ ରାତିଟାରେ ରହିଡ଼ ପାରିବନି—

ରାଣି—ମତେ କୁହ ମୁଁ ଯାଇ ନେଇ ଆସିବ—

ରାଜ— କାହିଁକି—କାଲି ସକାଳେ ଆଣିଲେ କଣ ମାମଲା ବିଗିଡ଼ି ଯାଉଚି କି—

ରାଣି—ହଁ, ଜଣା ପଡ଼ିଲା—ମିଆଁ ପାଖରେ ଦେଇ ଅଫିମ ଆଣିଚ ନାଁ ? (କାନ୍ଦ) ଆସ୍ତୁ ତମ ମନରେ ଟିକଏ ହେଲେ ପଶୁନି—ବାବୁଆପର ଛୁଆଟା ଆଡ଼େ ଟିକଏ ତମ ନଜର ପଡ଼ୁନି ? ମୁଁ ଯାଉଛି ଯିବ, ମିଆଁ ପାଖକୁ—ମୋ ହାରଟାକୁ ଫେରାଇ ଆଣିବ—(ବାହାରିଲେ)

ରାଜ—ରାଣି ! ତୋ ମନରେ ତ ଖୁବ୍ ପଶୁଚି । ତୁ କଣ ଚାହୁଁ ଅଫିମ ନ ଖାଇ ମୁଁ ମରିଯାଏ ?

ରାଣି—(ଦୁଃଖରେ) ମୁଁ, ମୁଁ ଯାହା ଚାହେଁ—ସେ ନଷ୍ଟ ର ବାଧାତା ଚାହେଁନା—ଏଇ ନର୍କରେ ଘାଣ୍ଟି ହେବା ପାଇଁ ଜନ୍ମ ପାଇଛି ଯେ ତା'ର ଏତେ ଚଞ୍ଚଳ ଶେଷ କେଉଁଠି ହେବ ? ପୁଅ ବାହା ଖରାପ, ନଦେଇ ଦାସ କାଲି ଘର ଦଖଲ କରୁଛି, ବଢ଼ଲ ସୁନା ଜନଷ ବନ୍ଧୀ ହେଲାଣି, ଘରେ କଳାକନା ନାହିଁ । ଏସବୁ କଣ୍ଟି ତମ ମନରେ ପଶୁନି ? ମୁଁ ଆଜ ମୋ ପୁଅର ହାର ଫେରାଇ ଆଣିବ । (ଯିବାକୁ ଉଦ୍ୟତ ହେବା ବେଳେ)

ରାଜ—(ରାଣୀଙ୍କୁ ଧରି) ଯାଆନା କହୁଛି ! ରାତି ଅଧଟାରେ ଅଫିମ ମିଆଁ ଘରକୁ ଯିବାକୁ ସଙ୍କୋଚ ଲାଗୁନ ତତେ ? ଗାଁ ଲୋକେ ଛି, ଥୁକର କରିବେନ ?

ରାଣୀ—ଗାଁ ଲୋକେ ଛି, ଥୁକର କରି ପାରନ୍ତି, ହେଲେ ଦେଇ ନେଇ ପାରନ୍ତିନ । ତମେ କଣ ଭାବୁଛ ଏ ମା-ପୁଅ ଦି'ଟାଙ୍କୁ ଦିନ ଅଫିମ ଖାଉଥିବ, ଆଉ ମୁଁ ଘର କଣରେ ଓଢ଼ଣା-ଦେଇ ଦିନନାହିଁ, ରାତିନାହିଁ ଲୁହ ଗଡ଼ଉଥିବି ?

ରାଜ—ମୁଁ ତୋ କଥା କହୁଛି ଶୁଣିବାକୁ ଚାହୁଁନ—ତୁ ବାହାରକୁ ଯାଇ ପାରିବୁନି--

ରାଣୀ—ମୁଁ ନିଶ୍ଚୟ ଯିବି, ବର୍ତ୍ତମାନ ଯିବି--ଯିବି, ଯିବି, ଯିବି-- (ଜବରଦସ୍ତି ବାହାରିବା)

ରାଜ—(ଗର୍ଜିଉଠି) ଯା'ନା ରାଣୀ—

ରାଣୀ—ନାଁ ମୁଁ ଯିବି—(ଗଲାବେଳେ ରାଜ ଘୋଷାରି ଆଣିଲେ— ରାଣୀ ପଡ଼ିଗଲେ—ରାଣୀ ଆଉ କିଛି ଉପାୟ ନଦେଖି ରାଜଙ୍କର ପାଦତଳେ ସନମ୍ରେ)

ଝୁଅଟାର ଦେହ ଖରାପ—ତା ହାତଟା ଫେରାଇ ଆଣ— ତମ ଗୋଡ଼ ଧରୁଛି—

ରାଜ—(ଘୁଞ୍ଚିଦେଇ) ହୁଁ--ଦେହ ଖରାପ । ପିଲାଙ୍କର ଆଉ ଦେହ ଖରାପ ହୁଏନ ? ଅଲକ୍ଷଣୀଟା ରଖେଇ ଦବନି ଘରେ—

(ବାହାରକୁ ଚାଲିଗଲେ)

[ରାଣୀଙ୍କର ଆଖିରେ ଅସରନ୍ତି ପାଣିର ସୁଅ ଛୁଟି ଚାଲିଛି— ମନ ଭିତରେ ତାଙ୍କର ଆଲୋଡ଼ନ ହେବାକୁ ଲାଗିଲା······

······ପିଲାଙ୍କର ଆଉ ଦେହ ଖରାପ ହୁଏନ···

······ନଟେଇ ଦାସ କାଲି ଘର ଦଖଲ କରିବ—ଘରେ
ପୁଲିସ ପୂରାଇବ—

······ମୋର ସନ୍ଦେହ ହୁଏ ଟାଏଫଏଡ୍—ଔଷଧର ଦାମ
ଛତିଶ ଟଙ୍କା···

ଏ ସବୁରୁ କେମିତି ରକ୍ଷା ପାଇବେ ବୁଝି ପାରିଲେନି । ଏହି ସମୟରେ ବାବୁଆ କଣ ଚେଇଁଉଠିଲା··ଅନାଇଲା·· ରାଈଙ୍କର ଚିତ୍ତ ସପନର ଆଶା ଭରସା 'ବାବୁଆ—ଦଉଡିଗଲେ ତା ପାଖକୁ । ]

ରାଈ—ବାବୁଲରେ—ମୁଁ ଅଛି ତୋ ପାଖରେ—

ବାବୁଆ—ବୋଉ !······ଉଠିବି ।

ରାଈ—(ଆଉଁସି ଦେଇ) ଶୁଅରେ ବାପା—ଦିହ ତୋର ଖରାପ ।

ବାବୁଆ—ବୋଉ ଭାରି ଗରମ ହେଉଚି—ଏ ଘରୁ ଚାଲ ଚାଲିଯିବା
ମୋ ଦିହ ଭଲ ହୋଇଯିବ ।

ରାଈ—ଏଁ···ହଁ, ହଁ, ଯିବା—ଚାଲିଯିବା ଏଘରୁ···(ତାଙ୍କ ଭାବନା ସାଙ୍ଗରେ ସତେ ଯେମିତି ବାବୁଆର କଥା ଗୁଡ଼ା ଏକବାରେ ମିଶିଗଲା ।) ତୁ ଆଉ ଟିକଏ ଶୋଇପଡ଼—ଉଠିକରି ଚାଲିଯିବା—

( ପୁଣି ବାବୁଆ ଶୋଇଲା······ରାଈ କାନ୍ଦ କାନ୍ଦ ବାବୁଆ ମୁଣ୍ଡକୁ ଆଉଁସୁ ଆନ୍ତି । ବାବୁଆ ନିଦରେ ପୁଣି ଶୋଇଗଲା । ତାପରେ ସେ ପାଗଳଙ୍କପରି ଘରର ଚାରିଆଡ଼େ ବୁଲିବାକୁ ଲାଗିଲେ । କଣ ସେ କରିବାକୁ ଯାଉଛନ୍ତି ଭାବିପାରିଲେନି ।)

···ଛାଡ଼ ଚାଲିଯିବେ ଏ ଘର । ରାତି ପାହି ସକାଳ ହେଲେ ନଟେଇ ଦାସ ଘରେ ଦଖଲ ନେବ । ତା ଆଗରୁ ସେ ଚାଲିଯିବେ—କୁଆଡ଼େ ଯିବେ ?···ଆସ୍ତେ ଆସ୍ତେ ଯାଇ ଖଣ୍ଡେ କାଗଜ ଓ

ବାବୁଆ ବସ୍ତାନରୁ ପେନସିଲଟେ ଆଣିଲେ—ଖଣ୍ଡେ ଚିଠି ଲେଖିଲେ ଦୁଏତ ତାଙ୍କ ଦାମ୍ପତ୍ୟ ଜୀବନରେ ଯବନିକା ଟାଣି ସେ ଚିରଦିନ ପାଇଁ ଦୂରେଇ ଯାଉଛନ୍ତି ତାଙ୍କ ଜନମ ଜନମର ଦେବତା ପାଖରୁ । ଭୋ, ଭୋ, କାନ୍ଦ ପକାଇଲେ । ଭିତରର କୋହ ଦେଇ ସେ ଚିଠି ଖଣ୍ଡିକ ଶେଷ କଲେ । ବାବୁଆ ଶୋଇଥିବା ଖଟିଆର ତକିଆତଳେ ଚିଠିଟିକୁ ରଖିଦେଲେ ।

···ତା ପରେ ବାବୁଆକୁ କାଖେଇ ନିଜ କାନ୍ଧରେ ପକାଇଲେ—ଏତେ ଦିନର ସବୁ ମୋହ ଭିତରେ ଯୋଉ ଘରେ ତାଙ୍କର ଜୀବନକୁ ଆରମ୍ଭ କରିଥିଲେ, ଆଜି ସେଇ ଘରକୁ ଛାଡ଼ି ସେ ଦୁଏତ ଯାଉଛନ୍ତି ଚିରଦିନ ପାଇଁ । ଘରର ସବୁ ଆଡ଼କୁ ଥରେ ଥରେ ଶେଷଥର ପାଇଁ ଅନାଇଁ ଅନାଇଁ ଲୁହଭରା ଆଖିରେ ଆସ୍ତେ ଆସ୍ତେ ବାହାରିଗଲେ—

### ୩ୟ ଦୃଶ୍ୟର କ୍ରୋଡଦୃଶ୍ୟ

···ତିନିଦିନ ହେଲା ନଖାଇଥିବା ଦୁର୍ବଳ ଶରୀରରେ ମନର ଦୁଃଖ ତାଙ୍କର ତାଙ୍କୁ ଦୋହଲାଇ ଦେଉଛି । ତଥାପି ବାବୁଆପାଇଁ ତାଙ୍କର ସାହସ ଅଛି । ସେ ଚାଲିଛନ୍ତି ଏକ ଅନିର୍ଦ୍ଦିଷ୍ଟ ପଥରେ । ତା'ର ଶେଷ କେଉଁଠି, ସେ ଜାଣି ନାହାନ୍ତି । ତାଙ୍କର ଯାତ୍ରାର ପ୍ରତି ସ୍ତରେ ସ୍ତରେ ଫୁଟି ଉଠୁଛି ଏକ କରୁଣ ରାଗିଣୀର ଉଚ୍ଛ୍ୱାସ—ନିୟତି ତାଙ୍କଆଡ଼େ ଅଟ୍ଟହାସ କରି କହି ଉଠୁଛି···

ନିୟତି—ନଜାଣି ଅମଡ଼ା ମାଡ଼ି କୁଆଡ଼େ ଯାଉଛୁ ସତି ! ଅବଲମ୍ବନ ବିନା ନାରୀର ଗତି କୋଉଠି ? ସ୍ୱାମୀବିନା ତା ଜୀବନର ସାର୍ଥକତା କୋଉଠି ?

ରାଇଙ୍କର ବିବେକ—ତୁ କୁହ ମୁଁ ମରିଯିବା ଉଚିତ ନାଁ ? ମୁଁ
ମରିଗଲେ ଏ ଛୁଆଟା କଣ କରିବ ? ତାକୁ ବି ମାରି ଦେବି
ନାଁ? ବେଶ୍, ଦୁନିଆ ଦୁନିଆ ବୁଲି ଯଦି ଖାଇବାକୁ ନପାଇ
ଆମେ ମା-ପୁଅ ଦିହିଟା ମରିଯାଉ, ସେ ଦୋଷ ତ ମୋର
ହବନି !

ନିଯୁକ୍ତି— କିନ୍ତୁ ସ୍ୱାମୀ ତୋର ଯଦି ବିକଳରେ ଏଇନେ ତତେ ଫେରି
ଚାହେଁ ?

ରାଇର ବିବେକ—ଚକ୍ରପାଣି କହୁଣୀକୁ ଚଢ଼ି ଯାଇଛି ନିଯୁକ୍ତି !
ତାଙ୍କର ଆଉ ଏଇନେ ମୋଠି କି ବାବୁଆଠି ଦରକାର
ନାହିଁ—ମତେ ମୋ ରାସ୍ତାରେ ଯିବାକୁ ଦେ—

ନିଯୁକ୍ତି—ବ୍ୟକ୍ତିତ୍ୱର ପତନ ଆସିଲେ ପୁରୁଷର ଅବସ୍ଥା ସିନା
ଦୋହଲି ଯାଏ । ତା'ର ମନ ଓଲଟି ଯାଏନା ରାଇ ! ରାଜ
କିଶୋର ତତେ ତା ଜୀବନଠୁ ବଳି ଭଲପାଏ । ମନେକରିତ
ଅତୀତ ଦିନର ଦିନ ଦିନକର ଘଟଣା—

ରାଇର ବିବେକ—ଅତୀତ ହଜି ଯାଇଚି ନିଯୁକ୍ତି ! ଅତୀତର ସବୁ
ସ୍ନେହ-ସୋହାଗ ତାଙ୍କର କାଳର କଳା ଗୁହାରେ ଲିପିହୋଇ
ଯାଇଛି—ତୋର ସବୁ ଏ ଖେଳ—ମରଣର ଚିତାକୁ ବି ମନ
ଖୋଲି ଜଳିବାକୁ ନଦେଇ ତୁ ଚାହୁଁ ପାଣିଛିଞ୍ଚି କୁହୁଳେଇବାକୁ ।
ମତେ ଯିବାକୁ ଦେ······ନାଁ ·ନାଁ, ମୁଁ ଯିବି···ଯିବି ବୁଲି
ବାବୁଆକୁ ନେଇ ମୋର କୁଆଡ଼େ କେଜାଣି···ଧର୍ମହିଁ ହେବ
ସାକ୍ଷୀ ।

[ବଡ଼ଘରର ଝିଅ, ବଡ଼ଘରେ ବାହା ହୋଇଥିଲେ—ଦୁଃଖ
କଷ୍ଟ କଣ କମିତ ଆସେ ଦିନେ ବି ଭାବି ନଥିଲେ । ଆଜି ଘରେ
ଚୁଡ଼ିଚନ୍ଦ୍ର—ନିଜର ଅତି ସୋହାଗର ସ୍ୱାମୀଙ୍କୁ କିଏ ଜାଣେ । ଚରି

ବନ ପାଇଁ ଗୁଡ଼ ଚାଲିଯାଉଛନ୍ତି । ଦୁ-ଆଖିରେ ଧାରା ଶ୍ରାବଣର ଦୁଇଟି ଧାର—ଦୁ' କାନରେ ମହାଶୂନ୍ୟର ନିସ୍ତବ୍ଧତା—ଦୁ-ବାହୁ ଉପରେ ଆଶା-ବୈଫଲ୍ୟର ସପନ "ବାବୁଆ"—କିଛି ଦେଖିପାରୁ ନାହାନ୍ତି, କିଛି ଶୁଣି ପାରୁନାହାଁନ୍ତି, ଗୋଡ଼ ଦୁଇଟି ଯୁଆଡ଼େ ବାଟ କଢ଼େଇ ନଉଛି, ଚାଲିଛନ୍ତି ] ।

( ଷଷ୍ଠ ଦୃଶ୍ୟ ଶେଷ )

---

## —ସପ୍ତ ଦୃଶ୍ୟ—

[ ସେଇ ରାଜକିଶୋରଙ୍କର ଘର—ଘରଟି ନିଶୁନ୍—ଶ୍ମଶାନର ଭୀଷଣ ରୂପ ଅବା ଖୋଟି ଯାଇଛି ସାରା ଘରଟିରେ—ଅଯତ୍ନରେ ଜିନିଷ ପତ୍ର ଗୁଡ଼ି ପଡ଼ିଛି । ଅନ୍ଧାର ହୋଇ ଯାଇଛି—ହଠାତ୍ ଝଲକା ପରି ପ୍ରବେଶ କରିଛନ୍ତି ରାଜ କିଶୋର । ବାହାରୁ କାତର ଓ ଖୁସି ମିଶା ଡାକ ତାଙ୍କର "ରାଣ୍ଡି, ରାଣ୍ଡି !" "...ତାଙ୍କର ଖୁସି ଯେ ସେ ଅଫିମ ଦୋକାନରୁ ଚୋରିକରି ଆଣିଛନ୍ତି ଟଙ୍କା—ପୁଅ ପାଇଁ ଆଣିବେ ଔଷଧ । ଆଉ କାତର ହୋଇ ପଡ଼ୁଛନ୍ତି ମନର ବିକୃତି ଭିତରେ—ପହଞ୍ଚି ଗଲେ ଘରେ ]

ରାଜ—ରାଣ୍ଡି ! କେତେ ଟଙ୍କା ଦରକାର ତୋ'ର ପୁଅ ଭଲ ହେବା ପାଇଁ ? ମୁଁ ଟଙ୍କା ଆଣିଛି—ମୁଁ ଯଥେଷ୍ଟ ଟଙ୍କା ଆଣିଛି ରାଣ୍ଡି—ଚଞ୍ଚଳ ନେ—

[ ଟଙ୍କା ଗୁଡ଼ା ହାତରେ ଧରି—ଛନ୍ତି ଖୋଲି ଖୋଲି ସ୍ୱରରେ—ହେଲେ କେହି ଶୁଣୁ ନାହାନ୍ତି—ପୁଅ ଯେଉଁଠି ଶୋଇ ଥିଲା ସେଠି ନାହିଁ— ଡେକେଇ ଭଙ୍ଗା ହୋଇ ଥୁଆ ହୋଇଛି—

ରାଇ ନାହିଁ—ହଠାତ୍ ଦୌଡ଼ିଗଲେ ଭିତରକୁ—ସତେ ଯେମିତ ସେ ଅତି ବିକଳ ହୋଇ ଆଜି ଖୋଜି ବୁଲୁଛନ୍ତି କାହାକୁ—"ରାଈ ବାବୁଆ", "—···ପୁଣି ଘରଭିତରକୁ ଆସିଲେ । ହଠାତ୍ ବିସ୍ତର ନମ ଭିତରେ ରେକେଇ ଓ ତକିଆ ଫୋପଡ଼ା ଫୋପଡ଼ି କରିବାରୁ ଦେଖିଲେ ଖଣ୍ଡେ ଚିଠି·····ଆତୁର ହୋଇ ଚିଠି ଖଣ୍ଡ ଧରିନେଇ ପଢ଼ିବାକୁ ଲାଗିଲେ·····]

"ପ୍ରାଣର ଦେବତା !

ଆମେ ମା-ପୁଅ ହିଁ ତ । ତମ ଜୀବନର କାଳ । ଆମେ ଚାଲି ଯାଉଛୁ— ଦୂରକୁ—ଖୁବ୍ ଦୂରକୁ । ଦୁନିଆରେ ଭଗବାନ ଜନ୍ମଦେଇ ଯଦି ବାବୁଆପାଇଁ ଖାଇବାକୁ ନ ରଖିଛନ୍ତି । ତମେ କଣ କରିବ ? ଆଉ ଭଗବାନଙ୍କ ଯଦି ତାଙ୍କ ସୃଷ୍ଟି ଭିତରେ ଆମକୁ ଆଶ୍ରୟ ନ ଦିଏ, ତେବେ ଜାଣିବୁ ଦୁନିଆରେ ଭଗବାନ ନାହାନ୍ତି । ଏଣିକି ତମ ରୋଜଗାରରେ ତମର ଅଫିମଖିଆ ବେଶ୍ ଖୁସିରେ ଚଳିବ । ମୋ ପରି ଅଲକ୍ଷଣୀ ନ ଥିବ ଆଉ କଷ୍ଟ ଦେବାକୁ । ବାବୁଆ ଜରରେ ପାଟି ଖୋଲୁନି— ତା ପାଇଁ ମୁଁ ତମ ଗୋଡ଼ ଧରୁଛି—ତାକୁ ଆଶୀର୍ବାଦଟିଏ ଦେବ । ରାତିରେ ଖାଇନା— ଶିକାଉପରେ ଗଣ୍ଡେ ବାସୀ ମୁଢ଼ୀ ଅଛି -- ମୋ ରାଣ ଖାଇବ ।

ତମର ଅଲକ୍ଷଣୀ

ରାଈ"

ରାଜ—( ତା' ପରେ ରାଜ କିଶୋର ସମ୍ଭାଳି ପାରିଲେନି ନିଜକୁ ତକିଆକୁ କୁଣ୍ଢାଇ ଭେ ଭେ କାନ୍ଦ ପକାଇଲେ । ପୁରୁଷର ମନ ସହଜରେ ତରଳେନା—ଆଉ ଥରେ ତରଳିଲେ ନିଜକୁ ସମ୍ଭାଳି ପାରେନି ସେ । କାନ ମୋଡ଼ ହୋଇ ହି'

ଗୃପଡା ମାରିଲେ ନିଜ ଗାଲରେ ) ଠିକ୍ ଠିକ୍ ଶାସ୍ତି ହୋଇଛି ମୋ ପାଇଁ ଠିକ୍ ଶାସ୍ତି ହୋଇଛି ମୋ ପରି ନିର୍ମମ ବାପ ପାଇଁ······ଗଣ···ବାବୁଆ·········

[ ପୁଣି ଭାଙ୍ଗି ପଡ଼ିଲେ । ତାଙ୍କୁ ଚାରିଆଡ଼ ଅନ୍ଧାର ଦିଶିଲା । ଠିକ୍ ଏତିକି ବେଳେ ଆସିଛନ୍ତି । ପୁଲିସ ଦାରୋଗା ଓ ଦି' ଜଣ କନଷ୍ଟେବଲ ତାଙ୍କ ସାଙ୍ଗରେ ମିଆଁ ଓ ବରଜୁ—ତାଙ୍କୁ ଦେଖି ]

ରାଜ—ଏଁ, ଓଃ, (ଗୋଟାଏ ଅତି ଉତ୍କଟ ହସ ହସି ଉଠିଲେ) ମତେ ବାନ୍ଧିବାକୁ ଆସିଛନ୍ତି—ମତେ ଆରେଷ୍ଟ (arrest) କରିବାକୁ ଆସିଛନ୍ତି ଏଇ ମିଆଁ ଘରୁ ଟଙ୍କା ଚୋରି କରିଛି ବୋଲି ନା ? ଏଇ, ଏଇ ସେଇ ଟଙ୍କା—ନେଇ ଯା, ନେଇଯା—ଯା' ପାଇଁ ଆଣିଥିଲି ତା କାମରେ ତ ଲାଗିଲାନି—ନେଇଯା ।

ଲ:ମି—ଓହୋ—ମୋରଠୁ ଏକରକମ ଅଫିମ ନେଇ ଚାଲି ମୋ'ରି ଘରୁ ଚୋରି ?

ରାଜ—ଏଣିକି ଦେଖିବ ମୁଁ ଭରିଏ ଅଫିମ ଖାଇବି—ହଁ ମିଆଁ ସାହେବ ଦିକକୁ ଭରିଏ । ···ବରଜୁଭାଇ ! ଏ ଘରଟାର ଅସ୍ଥି କଙ୍କାଳ ଭାଙ୍ଗି ଚୁର୍‌ମାର୍ ହୋଇଗଲା—ଏ ଘରଟାର ଶେଷ ରକ୍ତ ପ୍ରବାହ ଚିରଦିନ ପାଇଁ ବନ୍ଦ ହୋଇଗଲା ବରଜୁଭାଇ······ହେଲେ ତୁମର ଉପକାର ମୁଁ ସୁଝି ପାରିବିନି—

ବରଜୁ—ବଦନାମିଆ କାମଟାଏ ତ କଲି ! ମୁଁ କଣ ଆଉ କରିବି ? ···ଯାହାହେଉ ଟିକିଏ ଦଣ୍ଡିଟାକୁ କୋହଳ କରିଦେବ ଥାନାବାବୁ ! କଣ କହିବା, ଭୁଲ୍ କାମଟାଏତ କରି ଦେଇଛନ୍ତି—

ଦାରୋଗାବାବୁ—(କନେଷ୍ଟବଲଙ୍କ ପ୍ରତି ) ଲଗା ହାତକଡ଼ି—

(ହାତକଡ଼ି ଦେବାବେଳେ ରାଜ ଦୌଡ଼ିଯାଇ ଶିକାରେ ଥିବା ସଞ୍ଚ ବାସୀମୁଢ଼ି ଗଣ୍ଡାକ ଆଣିଲେ—ପୁଲିସ୍ ଦ'ଜଣ ଧରି ଝିଙ୍କି ଆଣିଲେ )

ବରଜୁ—ଦାରୋଗାବାବୁ ! ବିଷ ମିଶି ହୋଇଥିବ—ଖାଇଦେଲେ ଆପଣଙ୍କ ଉପରେ ଦାୟିତ୍ୱ ଆସିଯିବ—ଟିକେ ଦେଖନ୍ତୁ ।

ରାଜ—କିଛି ନାହିଁ, ଗଣ୍ଡିଏ ବାସୀ ମୁଢ଼ୀ—ଦାରୋଗାବାବୁ ! ଏଇ ବାସୀମୁଢ଼ୀ ଗଣ୍ଡାକ ଶେଷ ସମ୍ବଳ ମୋର । ଏ ଗଣ୍ଡାକ ମୁଁ ଖାଇବିନି ଦାରୋଗାବାବୁ—ସାଇତି ରଖିଛି—ମୋ ନଷ୍ଟ ଜୀବନର ଗୋଟାଏ ସ୍ମୃତି ଏ ଗଣ୍ଡାକ । ମୁଁ ନେବି, ମୁଁ ନେବି……

( ହେଲେ ପୋଲିସ୍‌ମାନେ ନେବାକୁ ଦେଇ ନାହାନ୍ତି—ଜବରଦସ୍ତି ନେଇ ଯାଉଛନ୍ତି )

—ଦୃଶ୍ୟ ପରିବର୍ତ୍ତନ—

# ତୃତୀୟ ଅଙ୍କ

## —ପ୍ରଥମ ଦୃଶ୍ୟ—

[ ବିସ୍ତୀର୍ଣ୍ଣ ପ୍ରାନ୍ତର, ଖରାବେଳ, ଝାଇଁ ଖରାରେ ଉପରେ ମୁଣ୍ଡ, ତଳେ ଗୋଡ଼ ଫାଟି ଯିବାର କଥା । ନିରାଶ୍ରୟା ରାଈ ବାବୁଆକୁ କାଖେଇ ଚାଲିଛନ୍ତି । ଯାଉ ଯାଉ ଗୋଟିଏ ବଡ଼ ବରଗଛ ମୂଳେ ବସି ପଡ଼ିଲେ ] ।

ବାବୁଆ— ବୋଉ ଭାରି ଭୋକ କଲାଣି—

ରାଈ—ଭୋକ !

ବାବୁଆ— କେଇଦିନ ନ ଖାଇ ତୁ ଏମିତି ମତେ ଧରି ଚାଲିଥିବୁ ?

ରାଈ—ଯେତେଦିନ ଯାକେ ଖାଇବା ପାଖରେ ନ ପହଞ୍ଚିଛେ, ଚାଲିବାନି ତ ପାଇବା କୋଉଠୁ ?

ବାବୁଆ—ବୋଉ ! ତାହେଲେ ଚାଲ ଆମେ ମରିଯିବା—

ରାଈ—( ବାବୁଆ ପିଠିରେ ହାତ ଦେଇ ) ବାବୁଆରେ ! ମରଣ ସାଙ୍ଗରେ ଲଢ଼ି ଲଢ଼ି ତତେ ନେଇ ଘରୁ ବାହାରି ଆସିଥିଲି କଣ ତୋ'ଠୁ ଏଇଆ ଶୁଣିବାକୁ ?

ବାବୁଆ—ତା ହେଲେ ଖାଇବା କୋଉଠି ? ଏତେବଡ଼ ଦୁନିଆଁରେ ଏତେ ଲୋକ ଅଛନ୍ତି । କେତେକଥା ହସି ହସି ଖାଉଥିବେ—ଆଉ ଆମେ ଏମିତି ବୁଲୁଥିବା—କାହିଁ ଚାଲୁନୁ ମାମୁଁ ଘରକୁ ଯିବା—

ରାଈ—(ବ୍ୟଙ୍ଗହସି) ହୁଁ ! ମାମୁଁ ଘର ଯଦି ତତେ ଖାଇବାକୁ ନ ଦେବେ ?

ବାବୁଆ—ତା'ହେଲେ କଣ କରିବା ଯେ—

ସଞ୍ଜ—ଯିଏ ତତେ ଜନ୍ମ ଦେଇଛି ସେଇ ତତେ ଖାଇବାକୁ ଦବ ବାବୁଆ ।

ବାବୁଆ—ତୁ ତ ମତେ ଜନ୍ମ ଦେଇଛୁ—କୋଉଠୁ ଆଣି ଖାଇବାକୁ ଦବୁ ?

ସଞ୍ଜ- ହୁଁ ମୁଁ ତତେ ଜନ୍ମ ଦେଇଛି ନା ? ବେଶ୍, ମୁଁ ତତେ ଖାଇବାକୁ ଦେବି—ତୁ ମୋର ଏଡ଼େ ବୁଦ୍ଧିଆ ପୁଅ—ତୁ ମତେ ଏତେ ଭଲପାଉ । ଏଇନେ ଶୋକଟାକୁ ଭିତରେ ଭିତରେ ମାରି ଦେ ବାବୁଲି !

ବାବୁଆ—ହେଲା ଯେ ବୋଉ—ଖାଲି ମୋ ଦେହ ଭଲ ହୋଇଯାଉ ତୁ କଣ ମତେ ଖାଇବାକୁ ଦବୁ ? ମୁଁ ରୋଜଗାର କରି ଆଣି ତତେ ଖାଇବାକୁ ଦେବି—

ସଞ୍ଜ—( ସ୍ନେହରେ ଗଦ ଗଦ ହୋଇ ) କି ରୋଜଗାର କରିବ ମୋ ବାପା—

ବାବୁଆ—କହିବି ?

ସଞ୍ଜ—କହିଲୁ—

ବାବୁଆ—( ଭାବି—ବାଟ ନ ପାଇ ) ତୁ କହ ବୋଉ ମୁଁ କି ରୋଜଗାର କରିବି ?

ସଞ୍ଜ—ତୁ ପାଠ ପଢ଼ିବୁ, ବଡ଼ ହବୁ, ବହୁତ ପାଠ ପଢ଼ିବୁ—ପାଠ ପଢ଼ିଲେ ତୁ ବହୁତ ରୋଜଗାର କରିବୁ—

ବାବୁଆ—କିଏ ଦବ ବୋଉ ?

ସଞ୍ଜ—ତୁ ପାଠ ପଢ଼ିଲେ, ସମସ୍ତେ ଆସି ତତେ ପଇସା ଦେବେ । ମୂର୍ଖ ହେଲେ ଖାଇବାକୁ ପାଇବୁନି—କହିଲୁ ବାପା ପାଠ ମାନ ଦେଇ ପାଠ ପଢ଼ିବୁ ନାଁ ?

ବାବୁଆ—ଦେଖିବୁ ବୋଉ ! ମୁଁ ଖୁବ୍ ବଢ଼ିଆ ପାଠ ପଢ଼ିବି—ଆଚ୍ଛା ବୋଉ ଆମେ ଆଜ ବାପାଙ୍କ ପାଖକୁ ଯିବାନା ! ତାଙ୍କୁ ଛାଡ଼ି ଆସିଲେ ତାଙ୍କୁ କିଏ ରାନ୍ଧି ଦବ ? କିଏ ତାଙ୍କୁ ଦୋକାନରୁ ଅଫିମ ଆଣିଦବ ଜରହେଲେ ?

ରାଈ—( ବାବୁଆ ପାଟିରେ ହାତ ଚାପିଧରି କାନ୍ଦି ପକାଇଲେ ]

ବାବୁଆ—ତୁ ଭାରିଜଣେ ବୋଉ ! ସତକୁ ସତ ବାପାଙ୍କୁ ଛାଡ଼ି ଚାଲିଆସିଲୁ ?

ରାଈ—ମୁଁ ଛାଡ଼ି ଆସିଲି ! ହଁ, ମୁଁ, ଛାଡ଼ି ଆସିଲି—ଦୁନିଆରେ ସମସ୍ତେ କହିବେ ମୁଁ ଛାଡ଼ି ଆସିଲି, କେହି କେହି ବୁଝିବେନି । ମୋ ସୁନାଟା ଚାଲ ଶୋଇପଡ଼—ଟସାଠା ନଇଁ ଗଲେ ଏଠୁ ଚାଲିଯିବା ।

[ବାବୁଆକୁ କାନପାରି ନିଜ ଗୋଡ଼ ଉପରେ ମୁଣ୍ଡ ରଖି ଶୁଆଇଲେ—ବାବୁଆକୁ ଆଉ ଜରନାହିଁ—ଚାଲିଚଳ ଥଣ୍ଡା ପବନ ବାଜି ଶୋଇ ପଡ଼ୁଛି ସେ—ରାଈ ମଧ୍ୟ ଅବଶ ହୋଇ ଢୋଳାଇ ପଡ଼ୁଛନ୍ତି—ଏଇ ସମୟରେ ବସ୍ତୁ ଶାବଳଟିଏ କାନ୍ଧରେ ପକାଇ ଚାଲି ଯାଉଥିଲା—ପ୍ରବଳ ଝଡ଼ଯୋଗୁ ଚାଲିଚଳେ ଟିକିଏ ଛିଡ଼ାହୋଇ ଯିବ ବୋଲି ଆସିଛି । ପ୍ରଥମେ ତା ଦୃଷ୍ଟି ପଡ଼ୁଛି ରାଈଙ୍କ ଉପରେ । ମାତ୍ର ସ୍ତ୍ରୀ ଲୋକ ମୁହଁକୁ ଥରେ ଥରେ ଅନାଇ ପାରେନି । କଳେଇ ହୋଇ ଆଗକୁ ଚାଲିଗଲା ଟିକେ—ମାତ୍ର ସେଇ ମୁହଁରେ କଣଥିଲା କେଜାଣି ତାକୁ ଯେମିତି ଘେରିଲା ଧରିଲା । ଜାଣିପାରିଲାନି, ହୁଏତ ଏଇ ମୁହଁଟିକୁ ସେ ଆଗରୁ କୋଉଠି ଦେଖିଛି—ଯଥେଷ୍ଟ ଚେଷ୍ଟା କଲା ମନେ ପକାଇବାକୁ । ମାତ୍ର ପାରୁନି—ତା ପରେ ସାହସ କରି ଆସ୍ତେ ଆସ୍ତେ ଆଗେଇ ଆସି ]

ବିଶ୍ୱ—(ଧୀରେ ଧୀରେ) ମା, ମା, ଟିକେ ଶୁଣିବ ? (ରାଈଙ୍କ ଘୁମ ନିଦ ଭାଙ୍ଗିଗଲା ) । ମା, ଝଡ଼ ଗଡ଼ପଡ଼ିଲାଣି—କୋଉଠିକି ଯିବ ମା ?

ରାଈ—(ଓଢ଼ଣା ଟାଣି ମୁଁ ମା ନୁହେଁ ବାବୁ ? ଗୋଟିଏ ଭିକାରୁଣୀ—ଭିକ ମାଗିବା କଥା—କୋଉଠିକି ଯିବ କିଏ ଜାଣେ ବାବୁ—ନିୟତି ଯୁଆଡ଼େ ବାଟ କଢ଼େଇବ ।

[ରାଈଙ୍କର କଥା, ମୁହଁ ସବୁ ଯେମିତି ବିଶୁ ପାଖରେ ଅତି ଆପଣାର । ସେକେଣ୍ଡକ ଭିତରେ ସେ ଲକ୍ଷେଥର ଆଖି ଘୁଲକା କରି ସେ ଦେଖିଲା—ହେଲେ ବିଶ୍ୱାସ କରି ପାରିଲାନି ତା ଆଖିକି··· ପୁଣି ବୁଝିଲା, ଭିକାରୁଣୀ ହେଲେ ଏ ପାଟ ମଝିରେ କି କାମ । ଏତ ଭିକମଗା ଯାଗା ନୁହେଁ । ତା ମନରେ ଭୀଷଣ ଦ୍ୱନ୍ଦ୍ୱ ଖେଳିଗଲା ] ।

ବିଶୁ—ଏ ଝାଇଁ ଝଡ଼ରେ ପିଲାଟାକୁ ନେଇ ··ଏ ଗଛମୂଳେ···? ଆମ ଗାଁ ତ ପାଖରେ—ସେଠିକି ଗଲନି······ଏଠି ବିଲ ମଝିଟାରେ ।

ରାଈ—ନାଁ, ଆମେ ଏଆଡ଼େ ଯିବୁ—ବାବୁଆ—ଉଠ୍—

ବିଶୁ—(ବାବୁଆ ନାଁ ଶୁଣି ଟିକେ ଚମକିଲା···ରାଈ ଉଠି ଯିବାକୁ ବସିଛନ୍ତି··ବିଶୁ ତାଙ୍କ ବାଟ ଓଗାଳି ···ମା···

ରାଈ—(ଫେରିଚାହିଁ) ଭିକାରୁଣୀଟା ବୋଲି କହିଲପରା !

ବିଶୁ—ସତ ଯେ—ହେଲେ କୋଉଠିକି ଯିବ ମା, କୋଉଠୁ ଆଇଲ ?

ରାଈ—ଭିକାରୁଣୀର ଗୋଟାଏ ଠିକ୍ କଣ—କୁଆଡ଼ୁ ଆସେ, କୁଆଡ଼େ ଯାଏ···

ବିଶୁ—ଭିକାରୁଣୀ ! ଭିକାରୁଣୀ କିଏ ତୁମକୁ କହିବ ମା ?

ରାଈ—କଣ କହୁଛ ତମେ ? ବିଶ୍ୱାସ କରି ପାରୁନା ?··· ହଁ, ନିକଟ

ଅନ୍ଧାରରେ ଯିଏ ବି ଦେଖିଛି, ସେ କେବେହେଲେ ବିଶ୍ୱାସ କରିବନି ...ଏଁ, ନା ନା, ମୁଁ କଣଗୁଡ଼ା କହୁଛି—(ଭୁଲରେ ଏତେକଥା କହିପକାଇଛନ୍ତି ତେଣୁ କଥାକୁ ଟଳାଇ ନେବାକୁ କହିଲେ)...ତମେ ଯାଆ ବାବୁ—ମୁଁ ଭିକାରୁଣୀଟା ଘୁର— ମୋ କଥା ଶୁଣିଲେ ତୁମର କିଛି ଲାଭ ହେବନି—ଯାଅ—

ବିଶୁ—ହେଲେ ତମ ଘର...

ବାବୁଆ—ଆମ ଘର ବିଶ୍ୱନାଥ ପୁର—ତମେ ଜାଣିଛ ଆମ ଗାଁ ?

ଗଙ୍ଗି—(ବାବୁଆ ପାଟିକୁ ବୁଜିଦେଇ) ଚୁପ କର ବାବୁଆ—ତମେ ଯାଅ ବାବୁ—ଆମକୁ ଆମ ବାଟରେ ଯିବାକୁ ଦିଅ ।

ବିଶୁ—(ବିଶ୍ୱନାଥପୁର ଶୁଣି ବିଶୁର ଅନେକଟା ସନ୍ଦେହ ଦୂର ହେଲା—ତଥାପି ସାହସ କରିପାରୁନି—ବାବୁଆକୁ) ଆଚ୍ଛା ବାବୁ ତମ ବାପାଙ୍କ ନାଁ—

ବାବୁଆ—ଶ୍ରୀ ବ୍ରଜକିଶୋର ଦାସ ।

ବିଶୁ—(ସନ୍ଦେହ ମୋଚନ ହୋଇଛି ବିଶୁର । ହେଲେ ଏ କଣ ? ଆକାଶ ପାତାଳ । ସେଇ ବଡ଼ଘରର ଘରଲକ୍ଷ୍ମୀ ଆଜି ଦାଣ୍ଡରେ ଭିକାରୁଣୀ—ବିଶୁ ବଡ଼ ଦୁଃଖରେ) ବିଶୁକୁ ତମେ ମା ଲୁଚଉଛ ନାଁ ?

ଗଙ୍ଗି—ବିଶୁ !!!

ବିଶୁ—ହଁ ମା, ମୁଁ ବିଶ—ସେ ଦିନର ସେଇ ଘୁଷୀ—ମୁଁ ମୋର କୋଡ଼ିଏଟା କୁଟୁମ୍ବ ନେଇ କେମିତି ଚଳୁଛି ଜାଣିଛ ମା ? ତମର ସେଦିନର ସେଇ ବିହନ ଧାନ—କୋଡ଼ିଏ ଭରଣ ବିହନ କରୁଛି କମ୍ କଥାନୁହେଁ—

ଗଙ୍ଗି—ବିଶୁ !

ବଣୁ—ମା, ମୁଁ ଆଗରୁ ଜାଣିଥିଲି, ଗରିବଙ୍କୁ ଗରିବ ଶତ୍ରୁ ବୋଲି । ହେଲେ ବଡ଼ଲୋକ ଯେ ଗରିବଙ୍କୁ ଚନ୍ଦ୍ରେ ମୁଁ କେବଳ ସେଇ ଦିନ ଜାଣିଲି ମା, ଯୋଉଦିନ ବାବୁ ଆମପାଇଁ ଅମାର ଖୋଲି ଦେଲେ···ହେଲେ ମା ତମେ ଏ ବେଶରେ ଏଠି—କଣ ହେଇଛୁ ତ ମୁଁ ଭାବି ପାରୁନି—ବାବୁଙ୍କପରି ନିର୍ମଳ ପର ଉପକାରୀ ଲୋକର ଏ ବିପଦ କେମିତି ? ବାବୁ କୋଉଠି ? ଏ ସେଦିନର ସେଇ ଟିକି ବାବୁଆ ନାଁ ? ( ବାବୁଆକୁ କୋଳେଇନ୍ତି ) ।

ରାଣୀ—(ଅଧୀରଭେ) ବଣୁ ! ସେତ ଗୋଟାଏ ଯୁଗର କଥା । ଛାଡ଼ ସେ ସବୁ, ଆମକୁ ଯିବାକୁ ଦିଅ ।

ବଣୁ—ହଉ ଆମ ଗାଁ ତ ପାଖରେ—ଏ ଖରାଟାରେ କାହିଁକି ଏଠି ଛିଡ଼ା ହେଇଚ ? ଚାଲ ମୋ ସାଙ୍ଗରେ—

ରାଣୀ—ଖରା କାକର ଆଉ କାହାପାଇଁ ବଣୁ । ତମେ ଯାଅ, ମୋର ଚାଲିବାର ବାଟ ଶେଷ ହେଇନି ।

ବଣୁ—ନାଁ, ନାଁ, ମା—ଆ କ'ଣ କେବେ ହେଇପାରେ ? ଯଉ ଗାଁଟି ତମରି ଦାନରେ ବଞ୍ଚି ଆଜି ଖାଇପିଇ ଆନନ୍ଦରେ ଅଛନ୍ତି,ତାଙ୍କରି ଆଗରେ ତମର ଏ ହୀନ ଅବସ୍ଥା କେବେହେଲେ ସହ୍ୟ ହେବନି ମା । ଚାଲ —

ବାବୁଆ—ଭାରି ଶୋଷ କରୁଚି ବଣୁ !

ରାଣୀ— ବଣୁ ନୁହେଁରେ ବଣୁଭାଇ !

ବାବୁଆ—ବଣୁଭାଇ ! ପାଣି—

ବଣୁ—(ଆନନ୍ଦ ଓ ସ୍ନେହରେ ଗଦଗଦ ହୋଇ ବାବୁଆକୁ ପୁଣି କାଖେଇ ନେଇ) ଏଁ, ବଣୁଭାଇ ! ବାବୁଆ ମୋର ସାନଭାଇ, ବାଃ ମା, ଠିକ୍ ହେଇଚି - ବାବୁ ଆଜଠୁ ତୁମର ବଡ଼ପୁଅ—

ପୁଅ ହେଇ ତା ମାକୁ କଣ ଇମିତି ରାସ୍ତାରେ ବୁଲୁଥିବାର ଦେଖି ଦେହ ଧରି ରହିପାରିବ—ଏଠୁ ଆଗ ଚାଲିଲୁ—ପରେ ଘରେ ଯାଇ ସବୁ କଥା ଜାଣିବା—( ବାବୁଆକୁ ନେଇ ଆଗେ ଆଗେ ଚାଲିଲେ )।

ବାବୁଆ—ଆ ବୋଉ—

( ରାଣୀ ଯେପରି ବାଧାଦେଲେ ଠାଣି ହୋଇ ଯିବାବ )

---

## ୨ୟ ଦୃଶ୍ୟ

[ବିଶ୍ୱନାଥପୁର ଗାଁରେ ପାଲଘର—ରାଜକିଶୋର ଜେଲରୁ ଫେରି ନିଜର ନିଜତ୍ୱ ଭୁଲି ଯାଇଛନ୍ତି । ପାଗଳଙ୍କ ପରି ସେ ଧାଇଁ ଆସୁଛନ୍ତି ପାଲଅପାକୁ ଡାକି ଡାକି ]।

ରାଜ—(ବାହାରୁ) ପାଲଅପା—ପାଲଅପା ?

ପାଲ—କିଏ ? (ଆସି) ରାଜଭାଇ !

ରାଜ—ହଁ, ହଁ, ମୁଁ ତୋର ରାଜୁଭାଇ—ରାଜକିଶୋର—ତୋ ସାଆନ୍ତ—ମତେ ଚିହ୍ନିପାରୁନୁ ? ମୁଁ ଜାଣେ ପାରିବୁନି—କିମିତି ଅସନା ହେଇଚି ନାଁ ? ମତେ ଦେଖି ରାଣୀ ଚିହ୍ନିବନି—ବାବୁଆ ଦେଖି ଡରିବ—କାହିଁକି ନାଁ ଗୋଟାଏ ଦୁନିଆକୁ ମୁଁ ପରା ଧଂସ କରି ଦେଇଛି—ଏଟା ଜୀବନକୁ ମୁଁ ପରା ଚିଣ୍ଟିଚିପି ମାରି ଦେଇଚି...ନାଁ ? ରାଜା ପୁଅର ଭାଗ୍ୟନେଇ ଯିଏ ଜନ୍ମ ପାଇଥିଲା, ମୁଁ ତାକୁ ଦାଣ୍ଡର ଭିକାରି କରିଦେଇଚି—ବଡ଼ଘରର ଝିଅ, ବଡ଼ ଘରର ବୋହୂ ହୋଇ ଆସିଥିଲା—ଦିଅଁ ପୂଜାକରି ପାଇଥିଲା କୋଳରେ ଉଜାପୁଅ—କିନ୍ତୁ ମୁଁ—

ବାପ ହୋଇ, ସ୍ୱାମୀ ହୋଇ କରିଛୁ କଣ ? ତା'ର ସମସ୍ତ କଳ୍ପନାକୁ ଭାଙ୍ଗି ଚୂରମାର କରି ଦେଇଛୁ—ତା'ର ପ୍ରାୟଶ୍ଚିତ କରିବାକୁ ଯାଇଥିଲି—ଆଜ ଫେରିଛୁ ଗୋଟାଏ ସୃଷ୍ଟିଛଡ଼ା ରୂପନେଇ—

ପାଲି—(ଡରି) ରାଜୁଭାଇ ?

ରାଜ—ତୁ ଡରି ଯାଉଛୁ—ଡରନା ଅପା ! ମୁଁ ପ୍ରାୟଶ୍ଚିତ କରି କୋଉଠୁ ଫେରିଛୁ ଜାଣିଛୁ—ସେଇ ବଡ଼ ବଡ଼ ପାଚିରାବନ୍ଧା ଜେଲ ଭିତରୁ ! ତା'ରି ଭିତରେ ବାପର ମନ ସାଙ୍ଗରେ, ସ୍ୱାମୀର ମନ ଏକାଠି ହୋଇ ମତେ ଖୁବ୍ ଦନ୍ଦଗଞ୍ଜ କରିଛନ୍ତି । ତୁ—ତୁ—ରାଈ ବାବୁଆର ଖବର ପାଇଛୁ ? କୋଉଠି ଅଛନ୍ତି—କହିଲୁ ଅପା କୋଉଠି ଅଛନ୍ତି ? ବାବୁଆକୁ ଦେଖିଲେ ମୁଁ ମୋର ସବୁ କଷ୍ଟ ପାଶୋରି ଦେବି ।

ପାଲି—(ଭାବୁଥାଏ ଥକା ହୋଇ-ଆଖିରୁ ଲୁହ ଗଡ଼ି ପଡ଼ୁଥାଏ) ।

ରାଜ—କଲେ କଣ ଭାବୁଛୁ ତୁ ? ରାଈ ମତେ ପଚ୍ଛରିବନି ? ନାଁ, ନାଁ ମୋ ରାଈ ତ ସେମିତି ନୁହେଁ—ବାବୁଆ କଣ ସେମିତି ହୋଇଥିବ ? ତା ବାପ କୋଳକୁ କି ଆସିବନି ? ନାଁ, ନା । ମୁଁ ତାଙ୍କୁ କହିବି ଅପା, ମୁଁ ଆଉ ଅଫିମ ଖାଉନି—ସତରେ ଅପା—ମୁଁ ଅଫିମ ଖାଉନି—ଅଫିମ ନ ଖାଇ କି ମୁଁ ଆଜ ମରିଯାଉନି, ସେ ଦିନ ଯେମିତି·····ନାଁ, ନାଁ—ଅପା କହ ସେମାନେ କୋଉଠେ—ମୁଁ ଆଉ ସହିପାରୁନି—

ପାଲି—( ଆଖିରୁ ବେଶୀ ବେଶୀ ଲୁହ ଗଡ଼ିଲା )

ରାଜ—ଏଁ—(ହତାଶରେ) ତୋ ଆଖିରେ ଲୁହ ! ରାଈ ଆଉ ନାହିଁ·····ବାବୁଆ···

ପାଲ—ତମେ ଗଲା ଆଗରୁ ତ ସେମାନେ ଚାଲିଯାଇଥିଲେ—ମୁଁ ଏ ହାଡ଼ିଆକୁ ପଠେଇ ବହୁତ ଖୋଜେଇଲି, ମୁଁ ନିଜେ ବି ଗାଁ ଗାଁ ଯେତେ ଖୋଜିଲି—ହେଲେ କୋଉଠୁ କିଛି ଖବର ପାଇଲିନି—

ରାଜୁ—ଏଁ, ପାଇଲୁନି ? (ଖୁବ୍ ଯୋର ଶୁଖିଲା ହସ ହସିଲେ ) — ରାଜକିଶୋରର ଆରମ୍ଭଟା ଦେଖିଥିଲା ହତଭାଗୀ, ଶେଷଟା ଦେଖି ପାରିଲା ନାହିଁ, ପାଲଅପା । ମତେ ଦୂରେଇ ଦେବା ଆଗରୁ ସେ ଚାହିଁଥିଲା ତା ପୁଅ ପାଇଁ ଗୋଟିଏ ଆଶୀର୍ବାଦ ମୋଠୁ—କୋଉ ଦୂରରେ ରୁଣ୍ଡାଲୀ ଅଛି—ଯଦି କେବେ ଦେଖା ହେବ ଅପା ତାକୁ କହିବୁ—ମୋ ଖୋଲା ହାତର ଆଶୀର୍ବାଦ ତା ପୁଅକୁ ବଜ୍ରବାଟୁଲି କରି ଥୋଇବ— ରାଈ ! ବାବୁଆ···( ହତାଶରେ ବସି ପଡ଼ିଲେ )

ପାଲ—(କାନ୍ଦ କାନ୍ଦ) ରାଜୁଭାଇ, ରାଜୁଭାଇ ! କଣ ହବ ଆଉ ଭାବିଲେ—ଆସ ଦି'ଟା କଣ ଖାଇଦଅ—ଧିଅଟା କି ନରଖର ହେଇଛି —

(ପାଲ ଭିତରକୁ ଯାଇଁ ଦୁଧ ଦୁହିଁ ରଖିଥିଲେ—ତାଟିଆରେ ଟୋପିଏ ଆଣି ରାଜକିଶୋରଙ୍କ ସାମନାରେ ରଖିଲେ )

ପାଲ—ରାଜୁଭାଇ—ଆଗେ ଏଇଆକୁ ପିଇଦଅତ—

ରାଜ—( ମୁହଁରେ ଚରମ ହତାଶର ଆଭାସ—ଆଖି ଶୁଷ୍କ— ଅନାଇ ରହିଲେ )

ରାଜ—(କାନରୁ ଫିଟାଇ ଖଣ୍ଡିଏ ମୋଡ଼ା ମୋଡ଼ି ହୋଇଥିବା କାଗଜ—ରାଈଙ୍କର ଶେଷ ଚିଠି ହାତରେ ଧରିଲେ—କାଗଜ ଖଣ୍ଡିକ ଫିଟାଇ ପଢ଼ିଲେ—)

"ଏଣିକି ତମ ରୋଜଗାରରେ ଅଫିମଖିଆ ଖୁବ୍ ଖୁସିରେ

ଚଳିବ…… ବାବୁଆକୁ ଆଶୀର୍ବାଦଟିଏ ଦବ ।"

(ସ୍ୱଗତ) ହୁଁ—ବାବୁଆ ତା'ର ମୋର ଆଶୀର୍ବାଦରେ ନିଶ୍ଚୟ ଶ୍ରେଷ୍ଠରୁ ବଡ଼ ହବ—ମଣିଷପରି ମଣିଷ ହୋଇ ଦୁନିଆରେ ଠିଆ ହେବ । ତା'ର ପୁଅ ସେ । ହେଲେ ମୁଁ ! ମୁଁ କଣ କରିବି ? ସ୍ୱାର୍ଥପର ଦୁନିଆ—ରାଣୀ ସ୍ୱାର୍ଥପର—ବାବୁଆ ସ୍ୱାର୍ଥପର…ଏ ଦୁନିଆରେ ସମସ୍ତେ ସ୍ୱାର୍ଥପର—ସମସ୍ତ ମଣିଷ ଜାତିଟା ସବୁବେଳେ ନିଜର ସ୍ୱାର୍ଥପାଇଁ ଆଗେଇ ଚାଲିଛି (ପ୍ରକୃତିସ୍ଥ ହୋଇ) ଅପା !

ପା:ଅପା—ପି' ଦିଅ ଦୁଧଟୋପାକ ରାଜୁ ଭାଇ—

ରାଜ—ତୁ ଏ କାଗଜ ଖଣ୍ଡିକ ରଖିଥା ଅପା ! ଯଦି କେବେ ରାଣୀ ଦେଖା ହବ ତାକୁ ଏ ଖଣ୍ଡିକ ଫେରେଇ ଦେବୁ…ଆଉ କହିବୁ……କଣ କହିବୁ ! କହିବାକୁ ତ କିଛି ନାହିଁ !

ପା:ଅପା—ଏ ଚିରା କାଗଜ୍ ଟା—ଛି—ଏତେ ପାଗଳା କଥା—ପିଇଦିଅ—

ରାଜ—(ହସିଉଠି) ହଁ ଚିରା କାଗଜ ଅପା ! ହେଲେ ଏଇ ଖଣ୍ଡିକ ମତେ କହି ଦଉଛି ରାଣୀ କେତେ ସ୍ୱାର୍ଥପର । ପୁଅ ତାର ମଣିଷ ହବ—ପୁଅ ତା'ର ଦୁନିଆରେ ଜଣେ ହୋଇ ଠିଆ ହେବ ଆଉ, ସେ ମଉନରେ ତାକୁ ଉପଭୋଗ କରିବ, ସେଇଥିପାଇଁ ସେ ମତେ ଚିରଦିନ ପାଇଁ ଛାଡ଼ି ଚାଲିଗଲା ! ଆଉ ମୁଁ ?……ଅଫିମ ଖାଇବାକୁ ତ ପଇସା ପାଇବିନି; ଆଖିରୁ ପାଣି ଗଡ଼େଇବାକୁ ତ ଧୈର୍ଯ୍ୟ ରହିବନି; ତାପରେ ମୁଁ ଆଜି ଭୁଲିବି ରାଣୀ ଓ ବାବୁଆଙ୍କୁ—ତାଙ୍କର ପାଖରେ ମୁଁ ନେଉଜନ ହୋଇ ବଞ୍ଚିରହିବାକୁ ଭିକମାଗିବି ନା ? ଏଇଆ ଭାବି ଏଇଆ ଭାବି ରାଣୀ ମତେ ଆଜି ଠୋକର ଦେଇ ଚାଲିଯାଇଛି ଦୂରକୁ !…କିନ୍ତୁ ଅପା ! ଏ ଦୁନିଆଟା ବଡ଼ ଦଗାବାଜ, ବଡ଼

ସ୍ୱାର୍ଥପର, ବଡ ବୈର—ଆଜି ଏ ମଣିଷ ଜାତିଟା ବଣର ପଶୁଠୁ ବି ଆହୁରି ହିଂସ୍ର । ଏ ମଣିଷଜାତିଟା ପାଖରେ ରହିବାକୁ ଭୟ ହେଉଛି ଅପା—ମୁଁ ଯାଉଚି ଚାଲିଯିବି ସେଇଠିକି ଯୋଉଠି ମଣିଷର ଗନ୍ଧ ନ ଥିବ—ହେଃ ହେଃ ହେଃ......(ବ୍ୟଙ୍ଗ ହସ ଯୋରରେ ହସି ହସି ଜଙ୍ଗଲ୍ କାପର ପଳାଇଲେ )

ପାଳି—(କାନ୍ଦି କାନ୍ଦି) ରାଜୁ ଭାଇ ! ରାଜୁଭାଇ !

ହାଡ଼ୁ—ବୋଉ ?

ପାଳି—ଆରେ ରାଜମାମୁଁ ପାଗଳଙ୍କ ପରି ହଉଛନ୍ତି - କୁଆଡ଼େ ଗଲେ ଦେଖରେ ବାବା—କାହିଁ କେଉଠି—ମୁଁ କଣ କରିବି—ହେ ଦଇବ । (ମୁଣ୍ଡରେ ହାତ ଦେଇ ବସି ପଡ଼ିଲେ)

(ହାଡ଼ିଆ ଯୋରରେ ଘରୁ ବାହାରିଗଲା)

ଦୃଶ୍ୟ-ପରିବର୍ତ୍ତନ

---

## ଷଷ୍ଠ ଦୃଶ୍ୟ

ବଶୁଧର—ସଞ୍ଜ ଧାନ ଟୋକେଇ ଧରି ବାହାରିଛନ୍ତି ଧାନ କୁଟିବା ପାଇଁ ଦେବାଲାଗି—ବାବୁଆ ଗାଧୋଇ ସାରି ଦୌଡ଼ି ଦୌଡ଼ି ଆସିଲା ] ।

ବାବୁଆ—କୋଉ ? ଗାଧେଇ ସାଇଲଣି -

ସଞ୍ଜ—ହଉ ଯା ଅଲୁଗୁଣିରେ ଜାମାପେଣ୍ଟ ଅଛି ପିନ୍ଧିବୁ ଆଉ ହାଣ୍ଡିରେ ପଖାଳ ଅଛି ବାଢ଼ି ଆଣି ଖାଇଦେଇ ଚଞ୍ଚଳ ସ୍କୁଲକୁ ବାହାରିଯା—ଡେରିହେଲେ ମାଷ୍ଟ୍ରେ ମାରିବେ—ମୁଁ ଯାଉଛି ଧାନ କୁଟି ଆଣିବି ।

ବାବୁ—ହଉ—(ଦଉଡ଼ି ଦଉଡ଼ି ଭିତରକୁ ଚାଲିଗଲା—ରାଈ ଟିକଏ ଅଟକି ଯାଇଛନ୍ତି—ବାବୁଆ ବାଟକୁ ନିରେଖି ଚାହିଁଛନ୍ତି। ତାଙ୍କର ଆଶା ଉଜଳି ଉଠୁଛି। ବାବୁଆ ପୁଣି ଭିତରୁ ପ୍ୟାଣ୍ଟା ପିନ୍ଧି ଜାମାଟା ପିନ୍ଧି ପିନ୍ଧି ଆସିଛି )।

ବାବୁ—ବୋଉ ତୁ ଯାଇନୁ—

ରାଈ—ଯାଉଚି ! ଆଗୁ ବାବୁ ! ( ଟୋକେଇ ତଳେ ଥୋଇ ) ତତେ ଗୋଟିଏ କଥା କହିବି, କରିବୁ ?

ବାବୁ—କଣ କହ ?

ରାଈ—ତମ ସ୍କୁଲରେ ଯୋଉ ଡ୍ରିଲ କଲା ବେଳେ ଗୀତ ଗାଆନ୍ତି, ଟିକଏ ଗାଇଲୁ !

ବାବୁ—ଏଇନେ ବୋଉ !

ରାଈ—ହଁ ହଁ ଏଇନେ—ମୋର ଶୁଣିବାକୁ ଭାରି ମନ ହଉଛି।

ବାବୁ—ଆଚ୍ଛା ଶୁଣ୍—

( "ସେଇ ଆମର ଜାତୀୟ ସଙ୍ଗୀତ—" ଜନଗଣ ମନ ଅଧିନାୟକ ଜୟହେ' ଗାଇଲା ମାର୍ଚ୍ଚିଂକରି—ଏଇ ସମୟରେ ବାହାରୁ ଆସିଛି ବଶୁ—ତା ହାତରେ ଝୁଡ଼ି ପାଞ୍ଚଣ—ବିଲରୁ ଆସିଛି—ରାଈ ଓ ବଶୁ ବାବୁଆ ଗୀତ ଦେଖି ଆତ୍ମହରା ହୋଇ ଉଠିଛନ୍ତି। )

ବଶୁ—( ଗୀତ ଶେଷରେ ) ବାବୁଆ—ଆଇଲୁ ମୋ ପାଖକୁ—ଆ ଟିକେ—

ବାବୁଆ—ନାଇଁ ବାଇ, ସ୍କୁଲ ବେଳ ହେଇଗଲାଣି—

ବଶୁ—ହଉ ଆ ଟିକେ। ମୋ ସୁନାଟା ପରା—ଆ—

ବାବୁଆ—ନାଇଁ ମୁଁ ଯାଉଚି ସ୍କୁଲକୁ—ଡେରି ହେଇଯିବ—

ବଶୁ—ଆସିବୁନି—ହଉ ନ ଆ—( ମୁହଁ ଫେରାଇ ଛଳନା ଅଭିମାନରେ )

ବାବୁ—( ପାଖକୁ ଯାଇ ) ମୁଁ ଆଇଲିଣି ଭାଇ !

( ବିଶୁ ସ୍ନେହରେ ନିଜକୁ ଆପ୍ଲୁତ କରି ନପାରି ଝଟ୍‌କରି ବାବୁଆକୁ କୋଳକୁ ନେଇ ଚିପି ଦେଲେ ଓ ବାବୁଆ ଗାଲରେ ଚୁମା ପରେ ଚୁମା ଦେଲେ—ରାଣ୍ଡ ଖୁସିରେ ଦେଖି ଚାଲିଗଲେ । )

ବିଶୁ—ବାବୁ, ତୁ ଭଲ ପଢ଼ୁଚୁଟି ?

ବାବୁ—ଖୁବ୍ ଭଲ ପଢ଼ୁଚି ଭାଇ ! ମାଷ୍ଟ୍ରେ କହୁଥିଲେ ମୁଁ ଫାଷ୍ଟ ହେବି—

ବିଶୁ—ମିଛକଥା—ମାଷ୍ଟ୍ରେ ତ କହୁଥିଲେ ସୁଲ ଫାଷ୍ଟ ହେବ—

ବାବୁ—ଉଁ, ମିଛକଥା ! ପଚାରିଲ ମାଷ୍ଟ୍ରଙ୍କୁ—ମୁଁ ଫାଷ୍ଟ ହେବି—

ବିଶୁ—ହଁ ହଁ, ତୁ ଫାଷ୍ଟ ହେବୁ । ଭଲକରି ମନଦେଇ ପାଠ ପଢ଼ିବୁ—ବହୁତ ପଢ଼ିବୁ—ହାକିମହେବୁ—ଆଉ ମୋ ଭଳିଆ ହଳ କାନ୍ଧରେ ପକାଇବୁନି ।

ବାବୁ—କାହିଁକି ? ପାଠ ପଢ଼ିଲେ କଣ ହଳ ବୁଲାନ୍ତିନି ଭାଇ ?

ବିଶୁ—ନାଁ, ଯିଏ ପାଠ ପଢ଼ନ୍ତି, ସିଏ ହାକିମ ହୁଅନ୍ତି ଆଉ ଆମପରି ମୂର୍ଖଙ୍କୁ ସବୁ ହଳ ବୁଲାନ୍ତି । ତୁ ସେମିତି ପାଠ ପଢ଼ି ହାକିମ ହବୁ, ଆଉ ମତେ ହଳ ବୁଲେଇବୁ ।

ବାବୁ—ନା ଭାଇ—ତାହାହେଲେ ମୁଁ ପାଠ ପଢ଼ିବିନି । ତମେ ଜାଣିନା ଭାଇ, ଆମର ଯୋଡ଼ି ବଉଳା ବଳଦଟା ଅଛିନା ସବୁବେଳେ ମତେ ଡାକେ ହଳ ବୁଲାଇ ନବାକୁ ।

ବିଶୁ—ସତେ ? ତତେ ମାରେ ନି ସେ—

ବାବୁ—ନାଁ, ମୁଁ ତାକୁ ଆଉଁସି ଦିଏ—କୁଣ୍ଡା ଖାଇବାକୁ ଦିଏ—ସିଏ ମତେ ଚାଟେ—

ବିଶୁ—ଆଚ୍ଛା ହଉ ହଉ, ବୋଉ କୁଆଡ଼େ ଗଲାକି ?

ବାବୁ—ଦାସ ଘର ଡିଙ୍କିକି ଯାଇଛି ଧାନ କୁଟେଇ ଆଣିବାକୁ—

ରଙ୍ଗ—(ଆସିଛନ୍ତି) ମୁଁ ଆଇଲିଣି ବିଶୁ !

ବିଶୁ—ହେଇ ଶୁଣ ବୋଉ, ତୋ ପୁଅ କହୁଛି ପାଠ ପଢ଼ିବନି, ହଳ କରିବ ।

ରଙ୍ଗ—ଭୁଲ କଣ କହୁଛି ଯେ—ତା ବାପା, ତା ମାମୁଁ ହେଉକା ପାଠପଢ଼ି କଣ କଲେ, ଆଉ ଏଇ ଭାଇ ତାର ପାଠ ନପଢ଼ି କଣ ନ କରୁଛି ?

ବିଶୁ—(କଥାକୁ ବଦଳେଇ ଦେଇ) ବାବୁଆ ଖାଇଛି ?

ବାବୁ—ହଁ ଭାଇ, ମୁଁ ଖାଇଛି । ମୁଁ ଯାଉଚି ସ୍କୁଲକୁ, ଏ ···

ରଙ୍ଗ—ହଁ ଯା—(ବାବୁ ପୁଣି ଗୀତ ଗୁଣୁ ଗୁଣୁ ବୋଲି କୁଦ କୁଦ ଚାଲିଗଲା )

ବିଶୁ—ଆରେ ଥିର ଥିର ଯାରେ, ପଡ଼ିଯିବୁ ।

(ବାବୁଆ ଯିବା ବାଟକୁ ରଙ୍ଗ ଶିଥିଳ ଚାହାଁଣୀ ପକାଇ ଥାନ୍ତି)

ବିଶୁ—ଏ ବୋଉ ! ମୁଁ ଆଜି ମାଷ୍ଟ୍ରଙ୍କଠାରୁ ଶୁଣିଲି ଯେ ବାବୁଆ ତୋର ଖାସା ଭଲ ପଢ଼ୁଛି । ମାଷ୍ଟ୍ରେ ମତେ କହୁଥିଲେ ତମେ ତା'ର ପାଠପଢ଼ା ବନ୍ଦ କରନି—ସେ ଠିକ୍ ନାଁ ରଖିବ । ଆଉ ମୁଁ ବ ଠିକ୍ କରିଛି, ତାକୁ ପଢ଼େଇବି । ତୁ ତ ଜାଣିଛୁ ମୋର, ଆଗକୁ ପଛକୁ କେହି ନାହାନ୍ତି । ଭଗବାନ ମତେ ଦୟାକରି ତତେ ଆଉ ବାବୁଆକୁ ଆଣି ମୋ ପାଖରେ ପହଞ୍ଚେଇଛନ୍ତି । ଏଇ ବାବୁଆଟି ମଣିଷ ହେଲେ ତୋ ସଂସାର ବି ଉଜଳ କରିବ—ହେଲେ ବୋଉ ଗୋଟାଏ କଥା ! ତୁ ତା ଆଗରେ ତମ ଘରକଥା କିଛି କହିବୁନି—ବାବୁ କିମିତି ଥିଲେ, ବଡ଼ଲୋକ କଥା—ବାବୁଙ୍କ ଅବସ୍ଥା କାହିଁକି ଏମିତି ହେଲା କିଛି କହିବୁ ନାହିଁ—ହଉ ଚାଲ ଚାଲ, ମତେ ଦି'ଟା ଖାଇବାକୁ ଦବୁ ।

ସଞ୍ଜ—( ନୀରବ—ସେ ଯେପରି ଅଚଳ ହୋଇ ପଡ଼ିଛନ୍ତି )

ବସ୍ତ୍ର—ତୁ କଣ ଭାବୁଛୁ ବୋଉ ?

ସଞ୍ଜ—ନାଁ, ସେ କିଛି ନୁହେଁ, ତୁ ଚାଲ—

ବସ୍ତ୍ର—ମତେ ଭୁଲେଇ ଦଉଚୁ ବୋଉ ! ମୁଁ ମୂର୍ଖବୋଲି କଣ କିଛି ବୁଝିପାରେନି—

ସଞ୍ଜ—ତୁ ମନ କଷ୍ଟ କଲୁ ବସ୍ତୁ ?

ବସ୍ତ୍ର—ମନକଷ୍ଟ କରିବନି ? ତୁ କାହିଁକି ଏମିତି ହଉଚୁ କହ ?

ସଞ୍ଜ—ନାଁ ସେ କିଛି ନୁହେଁ—ଚାଲ, ସ୍କୁଲରୁ ଦଉଡ଼ି ଦଉଡ଼ି ଆସିଛୁ । ଗଣ୍ଡେ ଖାଇବୁ ଚାଲ ।

ବସ୍ତ୍ର—ନାଇଁ ମୁଁ ଖାଇବ ନାହିଁ । କାହିଁକି ତୁ ମଝିରେ ମଝିରେ ଏମିତି ହଉଚୁ ।

ସଞ୍ଜ—ସିଏ କଣ ସତେରେ ଦେହ ଧରିଥିବେ ।

ବସ୍ତ୍ର—ଥିଲେ ନ ଥିଲେ ତୁ କଣ କରିବୁ ଯେ— ତୋର ଚିନ୍ତା କଣ ଅଛି ?

ସଞ୍ଜ—ହଁ, ମୋର ବା ଚିନ୍ତା କଣ ଅଛି ! ମୁଁ ତ କହିନଥିଲି ଅଫିମ ଖାଇବାକୁ ! ମୁଁ ତ କହି ନ ଥିଲି ସଂସାରଟାକୁ ଜାଳି ଦେବାକୁ । ଘର ସଜାଡ଼ିବାକୁ ହଜାର ଚେଷ୍ଟା କରିଚି କିନ୍ତୁ ପାରିନି । ଶେଷରେ ମୁଁ ହାରି ଯାଇଚି । ଆଜି ତାଙ୍କ ଅଫିମ ଖାଇବାକୁ ଅସୁବିଧା ନପଡ଼ୁ, ଏଇଥିପାଇଁ ଅକାତରେ ବଢେଇ ଦେଇଚି ମୋର ସର୍ବସ୍ୱ ।

ବସ୍ତ୍ର—ଜେଲରୁ ଖଲାସ ହୋଇ ସିଏ କୁଆଡ଼େ ଗଲେ କେଜାଣି—ମୁଁ ତ ଏତେ ଖବର ଲଗେଇଲି—କୁଆଡ଼େ ପାଇଲିନି—

ସଞ୍ଜ—( ଆଖିର ଲୁହ ଭିତରେ ) ଜେଲ ! ଜେଲ ଯାଇଥିଲେ ବସ୍ତୁ ! ଯେ ଘରେ କୁଟା ଖଣ୍ଡିକ ଦ'ଖଣ୍ଡ କରୁ ନ ଥିଲେ,

ମାଂସରକ୍ତ ନଥିବା ହାଡ଼ ଦି'ଖଣ୍ଡ ଦେହରେ ସେ ଯେ ଜେଲରେ କେତେ କଷ୍ଟ ପାଇ ନ ଥିବେ !······ହେଲେ କଏ କହିଥିଲା ଜେଲ ଯିବାକୁ—କଏ କହିଥିଲା ସ୍ୱେଚ୍ଛାରେ କଣ୍ଡବାକୁ···ହିଁ, ମୁଁ, ମୁଁ କହିଥିଲି ବାବୁଆ ପାଇଁ ଔଷଧ ଆଣିବାକୁ—ମୁଁ ତାଙ୍କୁ ରାତିରେ ପଠେଇଥିଲି ଅଫିମମିଆଁ ଘରକୁ—ହାର ଆଣିପାର ନାହାନ୍ତି, ବାବୁଆ ପାଇଁ ଔଷଧ ଦରକାର ହେଇଚି—ତା' ପରେ······ ( ଭୋ ଭୋ କାନ୍ଦି ପକାଇଲେ । )

ବଶୁ—ତୁ ଆଜ କାନ୍ଦନା ବୋଉ ! ତୋର କାନ୍ଦ ଦେଖିଲେ ବାବୁଆର କଣ ହବ କହିଲୁ—ସେ ଆଜ ମଣିଷ କେମିତି ହେବ ?

ଗଉ—ମୁଁ କାନ୍ଦୁନି ବଶୁ ! ମୁଁ ଖାଲି ଭାବୁଚି, ମୁଁ ଖୁଆଇ ନ ପାରିଲେ ଯେ ଖାଉ ନଥିଲେ । ଏତେ ନିଷ୍ଠୁର ସେ ହେଲେ କେମିତି ?

ବଶୁ—ପୁଣିରେ ସେଗୁଡ଼ା ପଛକଥା କାହିଁକି ଭାବୁଚୁ କହିଲୁ ? ବାବୁଆ ତୋର ମଣିଷ ହେଲେ, କାଲି ତୋର ଦୁଃଖ ସବୁ ଦୂର ହବ । କଣ ଗୁଡ଼ାଏ ଖାଲି ପାଗଳଙ୍କ ପରି ଗପୁଚୁ—ଛତେ ପଥି ଏତେ ମନାକଲି ।

ଗଉ—ବଶୁ ! ତୁ ବାବୁଆକୁ ରଖ । ମୁଁ ପୁଣି ଯାଉଚି ତାଙ୍କରି ପାଖକୁ—ଦୁନିଆରେ ଯୋଉଠି ହେଲେ ତ ସିଏ ଥିବେ ?

ବଶୁ—ବୋଉ, ତୁ ପୁଣିରେ ସେମିତି ହଉଚୁ ? ହଉ ତୋ ଖୁସି ଯାହା କରୁଚୁ କର । ମୁଁ ଯାଉଚି ସବୁବେଳେ ଗୋଟାଏ କାନ୍ଦ କାନ୍ଦ······ସେ ଛୁଆଟାବି ଏ ଗୁଡ଼ା ଦେଖି ଦେଖି ସବୁବେଳେ ମନମାରି ବସୁଚି—ତା ଧିଅରେ ଲାଗିବ କେମିତି ? ସେ ଆହାର ଯିବନି ?

ସଈ—ଏଁ, ବାବୁଆ ମୋର ଆହାର ଯିବ ! ନଁ ନାଁ ବଶୁ, ମୁଁ ଆଉ କାନ୍ଦିବିନି, ମୁଁ ଆଉ କାନ୍ଦିବିନି ବଶୁ !

( ଏଇ ସମୟରେ ବାବୁଆର ସ୍କୁଲ ବନ୍ଦ ହୋଇ ଯାଇଥିବାରୁ ସେ ଡେଇଁ ଡେଇଁ ଫେରୁଛି—"ବୋଉ" ଡାକ ଡାକ )

ସଈ—ବାବୁଆ ! ( ଟେକି ନେଇଛନ୍ତି ନିଜ ବୁକୁ ଉପରକୁ )

ବାବୁ—ଆଜି ଛୁଟି ହୋଇଗଲା ବୋଉ—ଭାରି ମଜା ।

ସଈ—ବାବୁଆ, ତତେ ଛାଡ଼ି ମୁଁ କୁଆଡ଼େ ଚାଲିଯିବି ?

ବାବୁ—କୁଆଡ଼େ ଯିବୁ ବୋଉ ? ମୁଁ ତୋ ସାଙ୍ଗରେ ଯିବି ।

ସଈ—ମୁଁ ଯଦି ମରିଯିବି ?

ବାବୁ—ମୁଁ ବି ମରିଯିବି ?

ସଈ—(ବାବୁଆ ପାଟି ଘୁପିଧରି) ବାବୁଆ—ନାଇଁ ନାଇଁ । ବାବୁଆ ଏମିତି କହନା—ମୁଁ ତତେ ଛାଡ଼ି ମରିବିନିରେ । ମୁଁ କେବେ ତତେ ଛାଡ଼ି ମରି ପାରିବିନି—ଦିନ ଆସିବ—ତୁ ବଡ଼ ହୋଇ ଯିବୁ—ବହୁତ ପାଠ ପଢ଼ିବୁ—ବାବୁ ପିଲଙ୍କ ପରି ପେଣ୍ଟ କୋଟ୍ ପିନ୍ଧି ହାକିମି ଜାରି କରିବୁ—ନାଁ, ନାଁ, ମୁଁ ତତେ ଛାଡ଼ି କେବେ ଯାଇ ପାରିବିନି—କେବେ ପାରିବିନି—

—ତୃତୀୟ ଅଙ୍କ ଶେଷ—

# ୪ର୍ଥ ଅଙ୍କ

## ୧ମ ଦୃଶ୍ୟ

[ ଗୋଟିଏ ଯୁଗ ବିତି ଯାଇଛି ଏହା ଭିତରେ—ପ୍ରାୟ ୧୨ ବର୍ଷ । ବିଶୁ ଘର—ବାବୁଆ ବାହାରୁ ଖଣ୍ଡେ ଖବର କାଗଜ ଧରି ମନ ଖୁସିରେ ଦଉଡ଼ି ଦଉଡ଼ି ଆସିଛି—ତାକୁ ବର୍ତ୍ତମାନ ବୟସ ଏକୋଇଶ ]।

ବାବୁ— ବୋଉ ? ବୋଉ ? ଏ ବୋଉ ?

ରାଈ—( ଭିତରୁ ହଠାତ୍ ଚୂଲିପାଖରୁ ଉଠି ଆସିଲେ—ଡଙ୍କୋଠା ଧରିଛନ୍ତି ) କ'ଣ ବାବୁଆ—

ବାବୁ—(ବୋଉକୁ କୁଣ୍ଢାଇ ପକାଇ ଠେକା ଏକରକମ ବୁଲାଇ ଦେଇ ଖୁସିରେ ) ତୁ ମତେ ଖାଇବାକୁ ଦବୁ କହ—

ରାଈ—ହଉ କହତ କଣ ଖବର—

ବାବୁ—ମୁଁ ସମୁଦାୟ ବିଶ୍ୱ ବିଦ୍ୟାଳୟରେ ବି. ଏ. ଜି. ରେ ଫାଷ୍ଟ ହୋଇଛି—ହେଇ ଦେଖ କାଗଜ ।

ରାଈ—(ସତେ ଯେମିତି ସ୍ୱର୍ଗ ସମ୍ପତ୍ତି ପାଇଲେ ) ବିଶୁ ? ବିଶୁ ?

ବିଶୁ— (ଝୋଟ କେରାଏ ଧରି ଦଉଡ଼ିଛନ୍ତି କଣ ଖବର ଶୁଣିବାକୁ ) କ'ଣ କ'ଣ ବୋଉ ?

ରାଈ— ବାବୁଆ ଫାଷ୍ଟ ହୋଇ ପାସ କରିଛି—ଆଜିଠୁ ତାର ପାଠ ସରିଲା—ସିଏ ଏଇନେ ଖୁବ ବଡ଼ ଚାକିରି କରିପାରିବ—

ବଶୁ—ଏଁ, ପାସ କରିଛୁ ବାବୁଆ ? (ଆନନ୍ଦରେ ଅଥୟ ହୋଇ)
ଆଜି ତୁ ଠିଆ ହୋଇଛୁ କଣ ବୋଉ—ଯା ଠାକୁରାଣୀ ମାର୍ଜନାର ଯୋଗାଡ଼ କର— ମୁଁ ପରା ମାନସିକ କରିଥିଲି । ମୁଁ ଯାଉଛି ଦୁଧ, ଘିଅ, ହେବରକା ବନ୍ଦୋବସ୍ତ କରିଆସେ—

ରାଈ—ସବୁ ଠିକ୍ ହୋଇଯିବ ବଶୁ ! ଥୟ ଧର । ତୁ ଆଉ ବାବୁଆ ଟିକଏ ମୋ ପାଖରେ ରୁହ ।

ବଶୁ—ଆଚ୍ଛା ବୋଉ, ପୁଅ ତୋର ପାସ୍ କଲା—କଣ ଖାଇବାକୁ ଦେ । ବାବୁଆ ହାକମ ହେବ—ଚାକିରି କରିବ—

ବାବୁଆ—ନାଇଁ ଭାଇ ମୁଁ ଚାକିରି କରିବ ନାହିଁ—

ରାଈ—କାହିଁକି ?

ବାବୁଆ—କାହିଁକି ଭାଇତ ଆସି ବୁଢ଼ା ହେଲାଣି—ତାଙ୍କ ବଳ ଆଉ ପାଉନ । ମୁଁ ଚାଷ କରିବି ଏଥର ।

ବଶୁ—ଛି, ପାଠପଢ଼ି ସବୁ ହଳଧରନ୍ତି ।

ବାବୁ—ତାହାହେଲେ ହଳ ଧରିବାଟା ଖାଲି କଣ ମୂର୍ଖଙ୍କ ପାଇଁ ?

ରାଈ—ଆଉ, ତୁ ଦେଖୁନୁ ସଂସାରଟାକୁ—

ବାବୁ—ଆଜେ ହୁଣ୍ଡି—(ବୋଉ କାନ୍ଧରେ ହାତ ରଖି) ମୂର୍ଖମାନେ ଯଦି ହଳ କରିବା ବନ୍ଦ କରିଦେବେ, ପାଠୁଆମାନେ ଆଉ ବଞ୍ଚିବେଟି ?

ବଶୁ—(ହସି) ଯା, ଯା ବୋଉ ! ଛୁଆଟା ତୋତେ ଅକଲ ଶିଖାଇ ଦେଲା ।

ବାବୁ—ମୁଁ ଠିକ୍ କହୁନି ଭାଇ ?

ବଶୁ—ଠିକ୍ କହୁଛୁ ଯେ ତେବେ ଯାର ବିନା ଗୁଣ୍ଡାଏ ଚାଷଜମି ଅଛି, ସିଏ ହଳ ଧରିଲେ କ୍ଷତି ନାହିଁ । ଆମରତ କିଛି ନାହିଁ ।

ବାବୁ—ମତେ ଜମି କରିଦେବାକୁ ହେବ ।

ବଣ୍ଟୁ— ଟଙ୍କା ?

ବାବୁ—(ହସି) ଟଙ୍କା କଣ ହବ ? ଏତେବଡ଼ ଗୋଟାଏ ବିରାଟ ପୃଥିବୀରେ ମାଟି ଅଭାବ ପୁଣି ଚାଷପାଇଁ, ଟଙ୍କା ଦରକାର ?

ମାଈ—ଆଉ ତୋ ମୁହଁ ଦେଖି ସମସ୍ତେ ଦେଇଦେବେ ?

ବାବୁ—ଆଚ୍ଛା ତୁ ଯଦି ମୋ ମୁହଁ ଦେଖି ତୋର ସବୁ ଦେଇପାରୁ ଆଉ ସମସ୍ତେ ନଦେବେ କାହିଁକି ? ତୁ ଜାଣିନୁ ବୋଉ । ଆଜି ଜମି କାହାର ଜାଣୁ ? ଯିଏ ଚାଷ କରିବ ତାର—ଯିଏ ହଳ ଲଙ୍ଗଳ ଧରିବ ତା'ର—ମୁଁ ପରା ସେଇ ଚାଷକରିବା ପାଠ ପଢ଼ୁଥିଲି ।

ବଣ୍ଟୁ— ଛି ବାବୁଆ, ସେ ପାଗଳା କଥାଗୁଡ଼ା କହନା । ବୋଉ ତୋ ଉପରେ କେତେ ଆଶାକରି ବସିଛି । ତୁ ଚାକିରୀ କରିବୁ, ହାକିମ ହେବୁ, ଆଉ ତୁ...

ବାବୁ—ତମେ ବୁଦ୍ଧିବନ୍ତ ଭାଇ, ଚାକିରୀଟା ବଡ଼ ଖରାପ । ସାମାନ୍ୟ କେତେଟା ଟଙ୍କା ପାଇଁ ପର ଦୁଆରେ ମୁଣ୍ଡ ବିକିବା ?

ବଣ୍ଟୁ—ସଭିଏଁ ତ ପେଟରେ ପାଠ ପଢ଼ୁଛନ୍ତି ଚାକିରୀ ପାଇଁ, ଆଉ ତୁ ଗୋଟାଏ ତୋ ମନେ ମନେ—

ବାବୁ—ଚାକିରୀ ପାଇଁ ପାଠ ପଢ଼ିବା ଆଉ ପାଠ ପଢ଼ି ଚାକିରୀ କରିବା, ଦୁଇଟା କଣ ସମାନ ଭାଇ ? ମୁଁ ତ ପାଠପଢ଼ିନି ଚାକିରୀ ପାଇଁ—

ବଣ୍ଟୁ— ତୁ ପାଠ ପଢ଼ିଛୁ, ଯେମିତି ହେଲେ କଥାଟାକୁ କଟେଇ ଦବୁ ମୁଁ କଣ ଜାଣିନି ? ହଉ ଏଇନେ ତୁ ବଡ଼ ହେଇଚୁ, ବୁଦ୍ଧି ବିବେକ ଖଟେଇ ଚାଲ, ଆମର ଖାଲି ଦେଖିବା କଥା, ତୁ କଣ କରୁଛୁ ।

ଗଣ୍ଡି—ବାବୁଆ ବି ଠିକ୍ କହୁଛି ବଶୁ । ତା'ର ଏଇ ଭାଇ ତ ପେଟରେ ଘର ଜମି ବନ୍ଧକ କରି ହଅ ଖଟିରେ ତା ସଂସାରଟି ଚଳାଇ ଆଜି ବାବୁଆକୁ ମଣିଷ କରିଛି ।

ବଶୁ—ହଁ ଚଳେଇ ନେଇ କଣ ସଂସାରଟି ! ଖୁବ ଚଳେଇଛି—ବଡ଼ପୁଅ ତ ଆଜିଯାଏଁ ତତେ ଧାନ କୁଟେଇ କୁଟେଇ ଆଣିଲା —ସାନପୁଅ ତୋର ଏବେ ପାଠପଢ଼ି ବୁଢ଼ି ଦିନେ ବିଲକୁ ଯୋଷାରୁ । ଭଲ ହବ (ମନ କଷ୍ଟ କରି ଭିତରକୁ ଯିବା) ହଉ ତା'ର ଇଚ୍ଛା, ଯା କରିବ କରୁ—

ଗଣ୍ଡି—ଭାଇ ତୋର ମନ କଷ୍ଟ କଲା ବାବୁଆ—ଯାଆ କ୍ଷମା ମାଗି ନବୁ—

ବଶୁ—( ବହନ ଟୋକେଇ ଧରି ) ବୋଉ ମୁଁ ଯାଉଛି ବିଲକୁ । ବନା ଆସିଲେ ତାକୁ କହିବୁ ହଳ ନେଇ ସିମିଳିପାଟକୁ ଯିବ ।

[ ବିଲ ଯାଉଥିବା ବେଳେ ବାବୁଆ ବାଟ ଓଗାଳେ ]

ବାବୁ—ଭାଇ ! ତମେ ମୋ ଉପରେ ରାଗିଗଲ ? ( ମୁଣ୍ଡରୁ ଧାନ ଟୋକେଇ ଓହ୍ଲାଇ ଦେଇ ) ମୋ କଥା ସିନା ନ ବୁଝି ମୋ ଉପରେ ରାଗୁଛ ଭାଇ !

ବଶୁ—ତୋ କଥା ଆଉ କଣ ବୁଝିବି କହିଲୁ ? ଟିକେ ବୋଉ ଆଡ଼େ ଅନେଇଲୁ—ଅନା—କଣ୍ଠା ଓ ଖଣ୍ଡି ଛଡ଼ା ଆଉ କଣ ଅଛି ଯେ ତା ଦେହରେ ? ଦି ଦିଟା ପୁଅର ମା' ହୋଇ ଯଦି ସେ ଏ ବୁଢ଼ି ଦିନେ ଢ଼ିଙ୍କିଶାଳକୁ ଯାଏ, ତାର ସେଇଟା ଭାଗ୍ୟ ସିନା ! ( କାନ୍ଦ ପକାଇ ଗାମୁଛରେ ଲୁହ ପୋଛିଲେ)

ବାବୁ—ଭାଇ !

ବଶୁ—ଆରେ ପୁଅ ହୋଇ ଯଦି ମା'କୁ ବୁଢ଼ିଦିନେ ସୁଖି କରାଇ ନ ପାରିଲା, ତେବେ......ମୁଁ ତ ଆସି ବୁଢ଼ା ହେଲି ପରେ,

ପନ୍ଦର ବର୍ଷହେଲା ତା'ର ଖଟିବା ବନ୍ଦ କରି ପାରିଲିନି । ଆଜି ମୁଁ ଆଶା କରିଥିଲି ତୁ ମଣିଷ ହେଲେ ଅବା ଦୁଃଖ ଫେରେଇବୁ ହେଲେ ତୁ ଯାହା କହୁଛୁ—

ବାବୁ—(ସମ୍ଭାଳି ପାରନି ଦଉଡ଼ି ଆସି ବୋଉକୁ ଧରିପକାଇ)ବୋଉ ମୁଁ ତୋ ପାଖରେ ଦୋଷୀ ବୋଉ ! ହଁ, ହଁ, ମୁଁ ଦୋଷୀ । ମୁଁ ଚାକିରୀ କରିବ ବୋଉ, ହଁ ମୁଁ ଚାକିରି କରିବ—ତୁ ଯାହା ଚାହୁ, ତୋ ମନ ଯାହା ଚାହେଁ ମୁଁ ଠିକ୍ ସେଇଆ କରିବ ବୋଉ—

ଗାଈ—(ଆନନ୍ଦାଶ୍ରୁ ଭିତରେ ବାବୁଆକୁ କୁଣ୍ଢାଇ ଧରିଲେ)

ବଣ୍ଟୁ—( ଧୀରେ ପାଖକୁ ଯାଇ ) ବାବୁଆ ମୋ ବାହାରେ ଏବେ ବି ବଳ ଅଛି । ମୁଁ କ୍ଷେତକୁ ବେଶ ସମ୍ଭାଳି ପାରିବି । ଆଉ ତୁ ତୋ ବାଟରେ ଠିକ୍ ଚାଲ । ଆମେ ଯେମିତି ଦେଖିବା ବୋଉର ମନ ସବୁବେଳେ ଖୁସି । ତା ଆଖିରେ ଲୁହ ନାହିଁ । ଧାନକୁଟା ଗୋଡ଼ର ବଣ୍ଡିଡାର ଗୁଏଁ ଉଭେଇ ଇଛୁଯା

ଗାଈ—( ଆନନ୍ଦରେ ଗଦ ଗଦ ହୋଇ ) ବଣ୍ଟୁ, ବାବୁଆ ! ଆରେ ଟିକିଏ ଆସରେ । ତମ ଦିହିଁଙ୍କ ଟିକିଏ ଥରକ ପାଇଁ ହେଲେ ନିଜ କୋଳରେ ମନଭରି କୋଳେଇ ନିଏ । କିଏ ଜାଣେ···
( ଆଖି ତାଙ୍କର ଜକେଇ ଆସିଲା )

ବଣ୍ଟୁ—ବୋଉ ବାବୁଆକୁ ଥରେ ମନଖୋଲି ଦେଖିଲୁ—ଏ ପେଣ୍ଟ ଜାମା ପିନ୍ଧି ସେ କେମିତି ଦେଖା ଯାଉଛି······

ଗାଈ—ଆଉ ବଣ୍ଟୁ ! ମୁଁ ଆଉ କହିପାରୁନି···(ଭିତରକୁ ଚାଲିଗଲେ ଅବ୍ୟବସ୍ଥିତ ଚିତ୍ତରେ )

ବାବୁ—( ଆଶ୍ଚର୍ଯ୍ୟରେ ବୋଉ ପଛେ ପଛେ ଚାଲିଗଲା ଭିତରକୁ )

( ଷୋଡ଼ ଦୃଶ୍ୟ )

[ ଆସ୍ତେ ଆସ୍ତେ ରାତି ହୋଇ ଆସିଛି—କାଳରାତ୍ରିର କରାଳ ବେଷ୍ଟନୀ ସତେଅବା ଦୁନିଆଟାକୁ ଗ୍ରାସ କରିବାକୁ ବସିଲାଣି । ରାତି ସେତେବେଳକୁ ବାରଟା ବାଜିଯିବ—ଗୋଟିଏ ଖଟିଆରେ ବାବୁଆ ଓ ଆଉ ଗୋଟିଏ ଖଟିଆରେ ବନ୍ଧୁ ଶୋଇଛନ୍ତି । ରାଈ ବସି ବାବୁଆକୁ ଝସି ଦେଉଛନ୍ତି । ବାବୁଆକୁ ଓ ବନ୍ଧୁକୁ ବେଶ୍ ନିଦ ଆସିଯାଇଛି—ହଠାତ୍ ଘୁଡ଼ି କଣାବାଟେ ଦଶମୀ ଚନ୍ଦ୍ର ସୃଷ୍ଟିରେ ଆଶା ସଞ୍ଚାର କରି ଉଇଁ ଆସିଲା । ନଜର ପଡ଼ିଗଲା ରାଈଙ୍କର—ଆଜି ଦଶମୀ—ଦଶହଡ଼ ରାତିରେ ଚନ୍ଦ୍ର ଉଠିଛି—ତାଙ୍କ ମୁହଁ ସରସ ହୋଇ ଉଠିଲା । ହେଲେ ପୂର୍ଣ୍ଣ ଚନ୍ଦ୍ର ନୁହେଁ—ତେଣୁ ତାଙ୍କର ପୂରା ସରସତା ଆସିପାରୁନି—ସେତେବେଳେ ସେ ଦୁନିଆର ସତ୍ତା ଅନୁଭବ କରି ପାରିଲେନି— ବୟସ ହୋଇ ଯାଇଛି—ଗୋଟାଏ ଜୀବନସାରା ଅକ୍ଳାନ୍ତ ପରିଶ୍ରମ କରି କରି ସେ ପୂରାପୂରି ନିସ୍ତ୍ରାନ୍ତ ହୋଇ ଯାଇଛନ୍ତି—ଜୀବନଟାକୁ ସେ ପୂରାପୂରି ଉପଭୋଗ କରିସାରିଛନ୍ତି । ଆଶାର ସଫଳତା ଆସିଛି । ସେ ଚାହିଁଥିଲେ ବାବୁଆ ତାଙ୍କର ଭଙ୍ଗା ଦୁନିଆରେ କେମିତି ମଣିଷ ହେବ ? ମାତ୍ର ତାଙ୍କର ଆଶା ଆଜି ସଫଳ ହୋଇଛି । ତାଙ୍କର ସାଧନା ଆଜି ଜୟଯୁକ୍ତ ହୋଇଛି ।

......ବୟସ ତାଙ୍କର ଆଗେଇ ଯାଇଛି । ନାରୀ ଜୀବନର ତାଙ୍କର ବିକାଶ ହେଇନି । ନିଷ୍ଫଳ ହୋଇ ଯାଇଛି। ଏକା ବେଳକେ । ପୁରୁଷ-ନାରୀର ଦୁନିଆ—ସ୍ୱାମୀ-ସ୍ତ୍ରୀର ଦୁନିଆ— ଜଣକୁ ଛାଡ଼ି ଅନ୍ୟ ଜଣକ ଜୀବନର ବିକାଶ ନାହିଁ—ପରିସମାପ୍ତି ନାହିଁ—ତାଙ୍କ ଜୀବନରେ ହେଇଛି କଣ ? କାହିଁକି ସେ ଜୀବନ ଧରି ଅଛନ୍ତି ? ବଞ୍ଚି ରହିବାର କି ଲାଳସା ତାଙ୍କର ଅଛି ?......ବିବେକ ତାଙ୍କୁ ଜଗାଇ ଦେଉଛି !]

ବିବେକ—ତୁ ଯାହା ଚାହିଁ ଥିଲୁ ଆଜ ତା ପାଇଛୁ—ବାବୁଆ ତୋର ବଡ଼ ହୋଇଛି—ତା'ର ଜୀବନରେ ସେ ଖାଇପିଇ ବଞ୍ଚିଲାପରି ବଞ୍ଚିବାକୁ ତାକୁ ତୁ ଶକ୍ତି ଦେଇ ସାରିଛୁ । ମା' ହୋଇ ଯେତିକଟା ପାରିଲୁ କରିଲୁ—କିନ୍ତୁ ଏଣିକି ବାବୁଆ ରୋଜଗାର କରିବ ଆଉ ତୁ ଆନନ୍ଦରେ ବସି ଘରେ ଖାଇବୁ ? ପୁଅ ବୋହୂ ନାତି-ନାତୁଣିଙ୍କ କୋଳରେ ଧରି ଖେଳେଇ ଖେଳେଇ ଦିନଗୁଡ଼ା ବେଶ୍ ହସ ଖୁସିରେ କଟାଇଦେବୁ·····ହେଲେ ପାରିବୁ ତ ! ତୋ ଜନମ ଜନମ ଦେବତାଠୁଁ ଦୂରରେ ରହି ତୁ କଣ ପାରିବୁ ହସ ଖୁସିରେ ଦିନଗୁଡ଼ା କଟେଇ ।

······କାହିଁକି ? କି ଦୋଷ ତୋ ପାଖରେ କରିଥିଲା ସେ ? ରାଜକିଶୋର ତତେ ତା ଜୀବନଠୁ ବଳି ଭଲପାଉଥିଲା । ତା'ର ନିଷ୍କପଟ ପ୍ରେମ, ସରଳ ବ୍ୟବହାର କଣ ସବୁ ତୁ ଭୁଲିଗଲୁ ରାଈ ! ସେ ତୋର ସ୍ୱାମୀ—ଏଇ ପନ୍ଦରବର୍ଷ ହେଲା ତୁ ତ ବେଶ୍ ଖାଇପିଇ ଆନନ୍ଦରେ ପୁଅ ସଂଗରେ ଦିନଗୁଡ଼ା କଟେଇ ଦେଇଛୁ ! ହେଲେ ସେ ?

ରାଈ—( ସ୍ୱଗତ ) ସେ ?···ଜେଲରୁ ଫେରିଥିବେ—ଘରେ ପାଇ ନାହାନ୍ତି ବାବୁଆକୁ—ପାଗଳପରି ଛୁଟି ବୁଲିଥିବେ ଖୋଜି ଖୋଜି ଦୁନିଆସାରା । ପାଇନାହାନ୍ତି···ଏଣେ ଅନ୍ନ ଖାଇବାକୁ ପାଇ ନଥିବେ, ଖପରା ଖଣ୍ଡେ ଧରି ଦୁଆର ଦୁଆର ହାତ ପତେଇ ବୁଲୁଥିବେ······ଆଉ ମୁଁ ? ମୁଁ ତ ବେଶ୍ ଖାଇପିଇ ବଞ୍ଚିଛି···ମୁଁ ତ ବାବୁଆକୁ କୋଳରେ ଧରି ସବୁବେଳେ ବେଶ୍ ଆନନ୍ଦ କରି ଆସିଛି—ମୁଁ ଦୋଷୀ···ମୁଁ ପାପୀ । ଜନମ ଜନମ ଧରି ନରକ ଭୋଗିବାକୁ ମୁଁ କି ପାପ କମେଇଲି···ନାଁ, ନାଁ, ଆଉ ପାରିବିନି···ଏ ଦୁନିଆଠି ମୋର

ଯେତିକି ଦରକାରଥିଲା, ସବୁ—ବାବୁଆ ମୋର କୂଳରେ ଲଗିଛି । ମୋ ଦାୟିତ୍ୱ ସରିଛି—ମୁଁ ଆଜ ଆଉ ଏଠି ରହି ପାରିବିନି···କୋଉଠି ସିଏ ଅଛନ୍ତି···ଦୁନିଆରେ ଯଦି ବନ୍ଧ ଧରି ଥିବେ, ଚେତିବେ·····ନାଁ, ନାଁ ମୁଁ ତମରି ପାଖକୁ ଫେରିଯିବି·····

( ତା ପରେ ବାବୁଆକୁ ଟିକିଏ ଓ ବିଶୁକୁ ଟିକିଏ ଶେଷଥର ପାଇଁ ଆଶୀର୍ବାଦ କରି ଘର ଛାଡ଼ିଲେ )

---

## ( ଦ୍ୱୋଡ଼ଦୃଶ୍ୟ ଶେଷ )

## (ପ୍ରଥମ ଦୃଶ୍ୟର ଅବଶିଷ୍ଟାଂଶ)

[ ବାବୁଆ ଓ ବିଶୁ ନିଦରେ ଶୋଇଛନ୍ତି—ହଠାତ୍ ପାଣିରେ ଗୋଟାଏ ବଡ଼ ଜିନିଷ ଭୁଷ୍‌କିନା ପଡ଼ିଲାପରି ଶୁଭିଲା—ସେ ଗର୍ଜନ ଏତେ ଭୀଷଣ ଥିଲା ଯେ ବାବୁଆ ଓ ବିଶୁଙ୍କର ନିଦ ଛୁଡ଼ିଁ କିନା ଭାଙ୍ଗି ଯାଇଛି— ]

ବାବୁଆ—( ଭୟରେ ) ଭାଇ !

ବିଶୁ—ବାବୁଆ···ବୋଉ !

ବାବୁଆ—ବୋଉ !

( ଦିହେଁ ଭୟରେ ଓ ବୋଉ ନ ଶୁଣିବାରୁ ଘରଭିତରେ କାତରରେ ଖୋଜି ଖୋଜି ପାଉନାହାନ୍ତି । )

ବାବୁଆ—ଭାଇ ! ବୋଉ କାହିଁ ?

ବିଶୁ—ତୁ ଅଯୂ ଧର ବାବୁଆ ! ମୁଁ ଦେଖି ଆସେ—

ବାବୁଆ—ହେଲେ ବୋଉ କୁଆଡ଼େ ଗଲା—ଭାଇ ! ବୋଉ କୁଆଡ଼େ ଯାଇପାରେ ଏ ରାତିଅଧରେ । ଆଉ ଗୋଟିଏ ପାଣିରେ କଣ ପଡ଼ିବା ପରି କଣ ଗଲା—ଆଉ କଣ ବୋଉ·····ଭାଇ ( ହଲାଇ ଦେଲା ବିଶୁକୁ )

ବିଶୁ—ପାଣି ଆକାଶ ସପନରେ ଆମକୁ ଯେମିତି ଶୁଭିଲା ବାବୁଆ ମୁଁ ଦେଖେ—

ବାବୁଆ—ହେଲେ···ମତେ ଭାରି ଭୟ ହେଉଛି ଭାଇ ! ଅନେକ ସମୟରେ ସେ ମନ ମାରିଥାଏ । କାନ୍ଦେ—ଅଥଚ ସବୁଦିନେ ମତେ ଭୁଲେଇ ଦେଇ କିଛି କହେନି—ଆଉ ମୁଁ ବି ତା ସ୍ନେହରେ······ବୋଉ ମୋର କୁଆଡ଼େ ଯାଇପାରେ ଭାଇ !

ବିଶୁ—ଆମେ ଦିହେଁ ବୋଧହୁଏ ହାରି ଯାଇଛେ ବାବୁଆ - ବୋଉ ଆମଠୁ ଲୁଚିକି ହଉ—ଦେଖିବା ଆ'ଉ—[ ନିଜ ଆଖିରେ ଲୁହ ଅଟକି ହୋଇ ଦିହେଁ ଖୋଜି ଚାଲିଲେ ]

---

## ଶେଷ ଦୃଶ୍ୟ

[ ସକାଳ ଆଠଟା ହେବ—ଜଙ୍ଗଲ ଓ ପାହାଡ଼ ଦେଇ ଚନ୍ଦ୍ରୋପଳା ନଈ କୁଳୁକୁଳୁ ହୋଇ ବହି ଯାଉଛି—ରାଜକିଶୋର ଆଜ ସୃଷ୍ଟିକର୍ତ୍ତାର ରୂପ ତାଙ୍କର ସାଧନାରେ ବ୍ୟସ୍ତ । ମଣିଷ ସମାଜକୁ ଘୃଣାକରି ସେ ସେଇ ସମାଜଠୁ ଚିରଦିନ ପାଇଁ ଦୂରେଇ ଯାଇଛନ୍ତି । ଏଇଠି ଏଇ ଜଙ୍ଗଲରେ ଗୋଟାଏ ହତାଶ ଅଥଚ ଉତ୍ଫୁଲ୍ଲ ଜୀବନ ଯାପନ କରି ଆସିଛନ୍ତି ଦୀର୍ଘ ଦିନ ଧରି—ବଣର ଫଳମୂଳ ଖାଇ ଚନ୍ଦ୍ରୋପଳାର ଅମୃତନୀର ପିଇ—ତାଙ୍କର ଜୀବନ—ଦର୍ଶନରେ ସେ ଭାବିପାରି ନାହାନ୍ତି ସୃଷ୍ଟିଟା କଣ ? କେତେ ଜଟିଳ ଏ ? ମାୟା ମୋହ ସବୁବେଳେ କାଳଗ୍ରାସ ରୂପ ନେଇ କେମିତି ପତନକୁ ଆଗେଇ ଆଣୁଛି । ସେ ଭାବି କଳନା କରି ପାରିନାହାନ୍ତି । ସେ ସବୁ ମୋହ ମାୟାକୁ ଜବରଦସ୍ତି ନିଜ ମନରୁ ଦୂରେଇ ଦେଇଛନ୍ତି । ଗୋଟିଏ ସରଳ ଓ ହାଲୁକା ମନନେଇ କେବଳ ବଞ୍ଚି ଆସିଛନ୍ତି । କାରଣ ସେ ଜାଣିଛନ୍ତି ଗୋଟାଏ ବହୁମୂଲ୍ୟ ଜୀବନକୁ ଏମିତି

ଭିତରେ ନଷ୍ଟକରି ଦେବା ଠିକ୍ ନୁହେଁ । ଏହି ଦୀର୍ଘ ଦିନର ସାଧନାରେ ତାଙ୍କର ଜୀବନ ଉପରେ ଆସିଛି ବୈରାଗ୍ୟ, ପତର କୁଡିଆଟିରେ ରହନ୍ତି ।

ଆଜ ସେ ସକାଳୁ ଉଠି ଉତ୍ଫୁଲ୍ଲ ଚିତ୍ତରେ ଆସି ଚନ୍ଦ୍ରୋପୂଳାର ଅପରୂପ ସୌନ୍ଦର୍ଯ୍ୟ ଉପଭୋଗ କରୁଛନ୍ତି, ସୃଷ୍ଟିର ଗୋଟାଏ ପାଖ ଯାହବା ତାଙ୍କ ପାଖରେ ନୀରସ ହୋଇ ଉଠିଛି, ଆରପାଖଟାରେ ସେ ପାଉଛନ୍ତି ସତ୍ୟର ସନ୍ଧାନ—ସଂକୀର୍ଣ୍ଣ ମାୟା ମୋହ ତାଙ୍କର ଏଇନେ ପ୍ରକୃତିର ସୌନ୍ଦର୍ଯ୍ୟଠି କେନ୍ଦ୍ରୀଭୂତ ।

ଏଇ ସମୟରେ ଦେଖିଲେ ଗୋଟିଏ ଜିନିଷ ନଈରେ ଭାସି ଆସୁଛି—ପାଖେଇ ଆସିଲା । ତାଙ୍କୁ ଦେଖାଗଲା ସତେ ଯେମିତି ଗୋଟିଏ ଶବ—ତା ପରେ ନିକଟେଇ ଆସିଲା—

……ଏଁ ! ଗୋଟାଏ ମଣିଷ !

……ଗୋଟାଏ ଶାଢ଼ୀର ପଣତ ଫୁଲି ଉଠିଲା ପରି ଜଣା ଯାଉଛି ।

……ତା ହେଲେ ଗୋଟାଏ ନାରୀର ଶବ……

ହାଃ, ହାଃ, ହାଃ,

( ଯୋରରେ ହସି ଉଠିଲେ )

( ଆସ୍ତେ ଆସ୍ତେ ଯାଇ ଗଛର ଡାଳ ଭାଙ୍ଗି ଶବଟିକୁ କୂଳକୁ ଆଣିଲେ । ତା ପରେ ଉଠାଇ ଆଣିଲେ ଉପରକୁ )

ହାଃ, ହାଃ, ହାଃ……ପନ୍ଦର ବର୍ଷର ବ୍ୟବଧାନ ପରେ ମୁଁ ପୁଣି ନୂଆ ଆଲୋକ ପାଇଛି ନିଶ୍ଚୟ ! ହାଃ, ହାଃ ହାଃ……ଠିକ୍ ହେଇଛି—ଠିକ୍ ହେଇଛି । ଜୀବନଟାକୁ ଗୋଟାଏ ବ୍ୟର୍ଥ ଆଶାଦେଇ ତୁ ନିଶ୍ଚୟ ଉପଭୋଗ କରି ବୁଲିଥିଲୁ ଅତି ଆନନ୍ଦରେ ? ଭବିଷ୍ୟତଟାକୁ ଗୋଟାଏ ଫୁଲ ବିମାନରେ ସଜାଇ ମନପବନରେ ବୁଲୁଥିଲୁ ? ଏଇନେ, ଏଇନେ କଣ ହେଲା……ଏଇ ତୋର ଜୀବନର ଶେଷ……ଆ ପରେ ତୋର ଯେତେବେଳେ ନୂଆ ଜୀବନ ଆସିବ

ତୁ ଦେଖିବୁ ସାରା ଦୁନିଆଟାକୁ ସେଇ ଖାପଣ ନରକର ପିଚ୍ଛିଲ ଦ୍ୱାର ତୋର ଚେତନା ଆସିବ। ଆଜ ସେତେବେଳେ ଜୀବନଟାକୁ ଉପଭୋଗ କରିବାକୁ ସାହସ କରିବୁନି—ହାଃ, ହାଃ, ହାଃ······ ବେଶ୍ ଏଇ ସୃଷ୍ଟି···ବେଶ୍ ପ୍ରକୃତି କେମିତି ବର୍ତ୍ତମାନ ପରି ଭବିଷ୍ୟତଟାକୁ ଏକ— ଆଖିରେ ଏକାଭଳି ଦେଖୁଛି—ମାୟା ନାହିଁ। ମୋହ ନାହିଁ·····କେବଳ କର୍ତ୍ତବ୍ୟ ଛଡ଼ା ସବୁ ନୀରସ ତା ପାଖରେ। ଏଇ ବଣ—ପାହାଡ଼, ଏଇ ନଈ। ଏଇ ସୂର୍ଯ୍ୟ ଆଉ ଏଇ ଆକାଶ କେମିତି ଏକ ଓ ଅଭିନ୍ନ ପରି ଗତି କରି ଚାଲିଛି ଦେଖିଲୁ। ଆ ତୁ'ବି ତାଙ୍କରି ପରି ଚାଲିବାକୁ ଶିଖିବୁ······

(ଉଠାଇ ଦେଉଛନ୍ତି ଶବଟିକୁ—କଣ ଦେଖୁଛନ୍ତି ସେ······ ଝିଅ! ଯିଏ ତାଙ୍କ ଜୀବନର ସବୁ ଆଶା— ଭରସା—ଝିଅର-ଆଜି ପତନ—)

ହାଃ, ହାଃ, ହାଃ·····ଜୀବନଟାକୁ ତୁ ସୁଖରେ ସୁଖରେ କଟାଇ ଦେବାକୁ ଆଶା କରିଥିଲୁ—ହେଲେ ପାରିନୁ·····ତୋର ଆଜି ଜୀବନ ସଂଗ୍ରାମରେ ହାର ହେଉଛି—ତୁ ଚାଲିଯାଉଛୁ ସେ ପାରିକୁ·····ହେଲେ ମୁଁ···ମୁଁ ଜିତିଛି। ମୁଁ ଏବେ ବି ବଞ୍ଚିକରି ଅଛି। ତଥାପି ତୋର ଆଶା ଥିଲା ମୋର ପାଖରେ। ମୋର ସାମନାରେ ଆଖି ବୁଜିବାକୁ—ନିଶ୍ଚିତ ତୋ ଆଶା ପୂରଣ କରିଛି ଝିଅ! ଆ, ଆ ମୁଁ ତତେ ନେଇ ଏ ବଣ ଜଙ୍ଗଲର ଉହାଡ଼ରେ ଚିତା ଜାଳି ଭସ୍ମ କରିଦେବି - ଦୁନିଆ ଦୁଆରୁ ତୋ'ର ଶେଷଚିତା ଚିରଦିନ ପାଇଁ ଲିଭିଯିବ·····(କାନ୍ଧରେ ପକାଇଲେ···ଆସ୍ତେ ଆସ୍ତେ ଜଙ୍ଗଲ ଭିତରକୁ ଭିତରକୁ ଚାଲିବାକୁ ଆରମ୍ଭ କଲେ—) ଦୂରଦିଗ୍‌ବଳୟ ସେ ପାରିରୁ ନିୟତିର ଡାକ···'ଏଇ ତ ସୃଷ୍ଟି !'

—ଃଠଃ—

— ଯବନିକା —